କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଜିଲ୍ଲାରେ ଥିବା ଉତ୍କଳ-ଦେଶି ସର୍କାର ବାହାଦୁରଙ୍କ ମାଲିକ ସତ୍ୱ ଭୂସମ୍ପତ୍ତି ସନ ୧୯୦୦ ସାଲ ଅଗଷ୍ଟ ମାସ ତା ୨୦ ରିଖ । ମୁ । ସନ ୧୩୦୭ ସାଲ ଭାଦ୍ରବ ମାସ ଦ ୬ ନ ସୋମବାର ଦିବସ କଲେକ୍ଟରୀ କଚେରୀରେ ତଳଲିଖିତ ସର୍ତ୍ତ ଅନୁସାରେ ପ୍ରକାଶ୍ୟରୂପେ ନିଲାମ କରାଯିବ ।

ନିଲାମର ସର୍ତ୍ତମାନ ଏହା :—

୧ । ଏହି ଭୂସମ୍ପତ୍ତିମାନ ନିଲାମ ସମୟରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଯେ ମୂଲ୍ୟ ନିର୍ଦ୍ଧାରିତ କରିବେ ଯେଉଁ ବ୍ୟକ୍ତି ତାହା ଉପରେ ସର୍ବାପେକ୍ଷା ବେଶି ମୂଲ୍ୟରେ ନିଲାମ ଡାକିବେ ତାଙ୍କୁ ବିକ୍ରୟ କରାଯିବ । ଉକ୍ତ ଭୂସମ୍ପତ୍ତିମାନଙ୍କର କେତାମାନଙ୍କୁ ତହିଁର ମାଲିକ ଲିଖ କରାଯିବ ଏବଂ ଉକ୍ତ ସମ୍ପତ୍ତିମାନଙ୍କରେ ସରକାର ବାହାଦୁରଙ୍କ ମାଲିକସ୍ୱତ୍ୱ ସମ୍ପୂର୍ଣ୍ଣରୂପେ ସେମାନଙ୍କଠାରେ ପ୍ରବର୍ତ୍ତିବ ଏବଂ ଉକ୍ତ ସମ୍ପତ୍ତିରେ ନିର୍ଦ୍ଧାରିତ ରାଜସ୍ୱ ତରଗାଲ ସରକାରେ ଆଦାୟ କରିବାକୁ ବାଧ୍ୟ ହେବେ ।

୨ । ଏହି ନିଲାମି ସମ୍ପତ୍ତିରେ ବର୍ତ୍ତମାନ ଥିବା ପଟ୍ଟା ସତ୍ୱ ଏବଂ ସେଟଲମେଣ୍ଟ ଓ ପ୍ରଚଳିତ ଆଇନ ଅନୁସାରେ ପ୍ରଦତ୍ତ ସତ୍ୱ ବାହାଲ ରହିବ । ରାଜସ୍ୱ ବିଭାଗର କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ଜମାବନ୍ଦୀ ଫର୍ଦ୍ଦରେ ଯେଉଁ ଗୃହସ୍ଥମାନେ ଦସ୍ତଖତ କରିଥିବେ ସେମାନଙ୍କ ସତ୍ୱ ପ୍ରବଳ ରହିବ ।

୩ । ଯଦ୍ୟପି ନିଲାମି ଜରସମନ ଟ ୧୦୦ ଙ୍କାରୁ ଅଧିକ ନ ହୁଏ ତାହା ହେଲେ ସମୁଦାୟ ଟଙ୍କା ତତ୍କ୍ଷଣାତ୍ ଦେବାକୁ ହେବ ।

୪ । ଯଦ୍ୟପି ନିଲାମି ଜରସମନ ଟ ୧୦୦ ଙ୍କାରୁ ବେଶି ହୁଏ ତାହା ହେଲେ ଏକଚତୁର୍ଥାଂଶ ଟଙ୍କା ତତ୍କ୍ଷଣାତ୍ ଜମା କରିବାକୁ ହେବ । ଯେବେ ବାକିଟଙ୍କା ନିଲାମିଦିବସଠାରୁ ୧୫ ଦିବସ ପୂର୍ଣ୍ଣ ହେବା ପରେ ନ ହୁଏ ତେବେ ଉକ୍ତ ଦିନ କୌଣସି ଛୁଟି ଦିନ ହୁଏ ତେବେ ତତ୍ପରବର୍ତ୍ତୀ ପ୍ରଥମ ଅଫିସ ଦିବସ ଟ୍ରେଜେରୀରେ ଦାଖଲ ନ ହୁଏ ତାହାହେଲେ ନିଲାମ ରଦ ହେବ । ଦାଖଲ ହୋଇଥିବା ଟଙ୍କା ଜବତ ହୋଇ ସରକାର ବାହାଦୁର ନେବେ ଏବଂ ଉକ୍ତ ସମ୍ପତ୍ତି ମାନ ପ୍ରଥମ ନିଲାମ ସମୟରେ ଯେଉଁପରି ବର୍ଣ୍ଣିତ ହୋଇଥିଲା ସେହିପରି ବର୍ଣ୍ଣନ ହୋଇ ଟଙ୍କା ଦାଖଲ ନ କରିଥିବା କ୍ରେତାଙ୍କ ଦାୟିତ୍ୱରେ ପୁନର୍ବାର ନିଲାମ କରାଯିବ ।

| ୧ | ୨ | ୩ | ୪ | ୫ |
|---|---|---|---|---|
| ସେଟେଲମେଣ୍ଟ ଖତିୟାନ ନମ୍ବର । | ପ୍ରଗନା ଓ ମାହାଲର ନାମ | ଏକର ସଙ୍ଖ୍ୟାରେ ଜମିର ଅନ୍ଦାଜି ପରିମାଣ | ନିର୍ଦ୍ଧାରିତ ସର୍କାରୀ ରାଜସ୍ୱ | ମନ୍ତବ୍ୟ । |
| ୩୧୨ ଠାରୁ ୩୧୫ | । ପ୍ର । ପଦ୍ମପୁର । ମୌ । ମୁଗାପଦାରେ ଥିବା କେତେକ ଜମି | ଏ ୦-୨୬୫ | ଟ ୧୧ କା | ଏହି ଜମି ନ ୫୪୭ ମ୍ବର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ୯୬୧ | । ପ୍ର । ଦେଓଗାଁ । ମୌ । ଦକ୍ଷିଣଖଣ୍ଡରେ ଥିବା ପୂର୍ବ ପାଣ୍ଡି ଘର ତଳ ଜମି । | ଏ ୦-୧୨ | ଟ ୦ ୵୭ | ଏହି ଜମି ନ ୩୧୨୭ ମ୍ବର ତଉଜିଭୁକ୍ତ ମହାଲର ଅନ୍ତର୍ଗତ ଅଟେ । |
| ୧୨୭୦ ଠାରୁ ୧୨୭୨ | । ପ୍ର । ବରୁଆଁ । ମୌ । ଉପର ବରୁଆଁରେ ଥିବା କେତେକ ଜମି । | ଏ ୦-୧୬ | ଟ ୧୷୫ | ଏହି ଜମି ନ ୧୩୨୮ ମ୍ବର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ୨୦୧ ଓ ୨୦୨ | । ପ୍ର । ଭରଣ । ମୌ । ପାଣ୍ଡୁସରେ ଥିବା କେତେକ ଜମି । | ଏ ୦-୨୫ | ଟ ୧୷୵୩ | ଏହି ଜମି ନ ୨୪୭୪ ମ୍ବର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ତଉଜି ନମ୍ବର ୪୩୨୨ | । ପ୍ର । କେଶୀବାର । ତା । ଦଳ । ମୌ । ଜେଉଡ଼ୁ । | ଏ ୨୧-୫୫ | ଟ ୩୩ | ଏ ଗୋଟିଏ ସ୍ୱତନ୍ତ୍ର ତଉଜି ଭୁକ୍ତ ମାହାଲ । |

Collector's office
District Cuttack
The 16th July
1900

J. L. Herald
*Collector*

Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ ଡାକ୍ତର ଏମ୍, ଡ, ପାଲଙ୍କର
ଜଗତ୍ର ବିଖ୍ୟାତ ପାଗ୍ଳ କୁକୁର ଓ ଶୃଗାଳ,
ଚର୍ମ୍ମ ରୋଗ ନାଶକ,

### ଚନ୍ଦ୍ରେଶ୍ୱର-ତୈଳ ।

ସମସ୍ତ ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ଦେବେ ବ୍ୟବହାର କରନ୍ତୁ, ଏପରି ଜଟିଳ ଓ ଲୁଚକ୍ରିଆ ରୋଗ ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଗାଣ୍ଡିସ୍ତ ଓ ଅନ୍ତଗସ୍ତ ଘାଆ, ପାଗ୍ଳ ଘା, ଗାଣ୍ଡ ଫଟା, ଖଜି ଓ ଶୋଲିସ ଉଠା, ପାଚଦାଦ, କେଉଁଟା ଓ ବାତ ଏବଂ ସର୍ବପ୍ରକାର କ୍ଷତ ଓ ଭୁଜଦଂଶ ବିଷ ଏବଂ କ୍ଷତଅବ ରୋଗ ସମୂଳେ ନିର୍ମୂଳକାରକ ଓ ଦେହ ମର୍ଦ୍ଦନ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ।୵ ବଡ଼ଶିଶି ଟ ୬୯ ମାସୁଲ ଟ ୧୵

ସର୍ବପ୍ରକାର ଜଟିଳ ରୋଗ ନାଶକ

### ଚନ୍ଦ୍ରପାଣି-ପାଚନ ।

ଏହାର ଗୁଣର ବିଷୟ ଅଧିକ କ କହିବା ବାହୁଲ୍ୟମାତ୍ର ଚିକିତ୍ସକଗଣ, ରୋଗ ବିଶେଷରେ ଏହି ମହୌଷଧ ପ୍ରିସ୍କ୍ରିପସନରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ଗଛ ଚେର ଦ୍ୱାରେ ପ୍ରସ୍ତୁତ, ସେବନର ଡଙ୍ଗା ଧରା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳ ଇତ୍ୟାଦି ଅପେକ୍ଷା ଶୀଘ୍ର ଫଳଦାୟକ । ଏହି ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରି ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ବାତ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ଇତଃଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଅତି ସମୂଳରେ ନିର୍ମୂଳକାରକ ଓ ଦୁଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦ ।୵ ଦୁଇଶିଶି ଟ ୨। ମାସୁଲ ଟ ୧୵ ଛଅଶିଶି ଟ ୫। ମାସୁଲ ଟ ।୵, ୧୨ ଶିଶି ଟ ୧୨ ମାସୁଲ ଟ ୮।୵

### ଉତ୍କଟ ଦମା ଓ କାସ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାସ, ଦମାକାସ, ଯକ୍ଷ୍ମକାସ, କ୍ରୁପଠା କାସ, ଶୁଷ୍କକାସ, ଜୀର୍ଣ୍ଣକାସ, ଓ ବିବିଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ଉକ୍ତ ରୋଗ ହୃଦୟରେ ଶ୍ଲେଷ୍ମାବନ୍ଧ, ଗଳା ସାଇଁ ସାଇଁ ଘଡ଼ ଘଡ଼, ସ୍ୱରଭଙ୍ଗ, ବେଦନା ପ୍ରଭୃତି, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦି ଉପସର୍ଗ ସକଳ ଉପଶମ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୯ ବଡ଼ କୌଟା ଟ୨।୵ ମାସୁଲ ଟ ୦।୵ । (ଅବଶ୍ୟ ପ୍ରଶଂସାପ୍ରାପ୍ତ ଜାଣିବ ।)

୍ନ ୯୬ ନମ୍ବର ଦୁର୍ଗାଚରଣ ମିତ୍ରଙ୍କ ଷ୍ଟ୍ରିଟ,
ଦ.ଓ୍ୟ.ନପାଡ଼ା, କଲିକତା ।

ଏମ୍, ଡ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ ।

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ଫ୍ଲୁଇଡ୍ ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଅଦ୍ଭୁତ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗ୍ଲେନେଲା; ମାଦ୍ରାସ୍; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଗୋଲାପ; ହ୍ୱାଇଟ୍ ରୋଜ୍; ବସିଲ ରୋଜ୍; ବେଣାଚେର; କୁମୁଦିନୀ; ମିଶ୍ରକୁସୁମ; ହେନାକୁସୁମ; ପାରଜାତକୁସୁମ; ଇତ୍ୟାଦି ଇତ୍ୟାଦି । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ଆଠଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇଦେଲେ ଗୁଣ୍ଡି ମନ୍ଦକପନ୍ତବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସର୍ବତ ଅଥବା ସିରପ ।

ଗ୍ରୀଷ୍ମକାଳ ସମୟରେ ଏହାଠାରୁ ଉତ୍କଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡନ ସିରପ୍ ଏକଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ସମ୍ଭ୍ରାନ୍ତ ଲୋକମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛହିଁର ଖର୍ଚ୍ଚ ଟ ୦ ୪ ଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେ ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଶ୍ରୀ... କଟକ ... ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



Ranchi P.O.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୫ ଶ
ସଂ ୩୨ ସଂଖ୍ୟା
ତା ୧୧ ଦଶ ମାହେ ଅଗଷ୍ଟ ସନ ୧୯୦୦ ମସିହା। ମା ତ ୨୮ ଶ୍ରାବଣ ସନ ୧୩୦୭ ସାଲ ଶନିବାର
ଅଗ୍ରିମ ଟ ୩୧
ପଶ୍ଚାତ୍‌ଦେୟ ଟ ୨୧

ଏ ନଗରର ସରକାରୀ ଡାକ୍ତରଙ୍କର ସଦର ମୁକାମ ଏଠାରୁ ମେଦନୀପୁରକୁ ଉଠି ଯିବାର ବଙ୍ଗୀୟ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି। ବର୍ଷାକାଳ ଗଲେ ଏହି ଅନୁଶାସନରେ କାର୍ଯ୍ୟ ହେବ। କଟକର ସରକାରୀ ଡାକ୍ତର ଗୃହବାସ ଏବଂ କଚେରୀର କାର୍ଯ୍ୟ କରିବେ ନାହିଁ। ସେ ହୁଇସ୍ତାନ ବଲକତାର ବଡ଼ ଡାକ୍ତରଙ୍କର ଅଧୀନରେ ରହିବ।

—୦❋୦—

ଶ୍ରୀ ଖୀରଗ୍ରାମ ପାପଗ୍ରାମ ନାମକ ବମ୍ବେର ଜଣେ ବଣିକ ସୋଲାପୁରର ଦୁର୍ଭିକ୍ଷ ପୀଡ଼ିତ ତନ୍ତୀମାନଙ୍କୁ ଟ ୨୫୦୦୦ କା ମୂଲ୍ୟର ସୂତା ଦାଦନ ଦେଇଅଛନ୍ତି ଏହି ସର୍ତ୍ତରେ ଯେ ସେମାନେ ତହିଁରେ ଲୁଗା ବୁଣି ଆଣିଲେ ସେ ବଜାର ଦରରେ ତାହା କିଣି ତହିଁରୁ ସୂତାର ମୂଲ୍ୟ କାଟିନେଇ ଅବଶିଷ୍ଟ ମୂଲ୍ୟ ସେମାନଙ୍କୁ ଦେବେ। ବ୍ୟବସାୟ ସଙ୍ଗେ ପରୋପକାର କରିବାର ଏହି ଗୋଟିଏ ସୁନ୍ଦର ଉପାୟ ଅଟେ।

———

ସରକାରୀ ସାହାଯ୍ୟ ପାଉଥିବା ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କ ସଂଖ୍ୟା ୬୨୫ ଗୁଣା ପଡ଼ିବାର ଗତ ସପ୍ତାହରେ ଦେଖାଇଥିଲୁଁ। ଏ ସପ୍ତାହରେ ଆସିଥିବା ତାଲିକାରୁ ପ୍ରକାଶ ଯେ ପୁଣି ଏକଲକ୍ଷ ସାତ ହଜାର ବ୍ୟକ୍ତି ବୃଦ୍ଧି ହୋଇ ମୋଟ ସଂଖ୍ୟା ୬୩,୫୬,୯୧୯ ହୋଇଥିଲା। ବିଶେଷ ବୃଦ୍ଧି ମଧ୍ୟପ୍ରଦେଶ ଏବଂ ବମ୍ବେରେ। ଅନୁମାନ ହୁଅଇ ନୂତନ ଫସଲ ହସ୍ତଗତ ନ ହେବା ପର୍ଯ୍ୟନ୍ତ ସାହାଯ୍ୟାର୍ଥୀଙ୍କ ସଂଖ୍ୟା ଊଣା ପଡ଼ିବ ନାହିଁ।

———

ଗତ ଦୁଇ ସପ୍ତାହରୁ ପ୍ରାୟ ପ୍ରତ୍ୟହ ବୃଷ୍ଟି ହୋଇ ଆସି ଶ୍ରାବଣରେ ଜଳପୂର୍ଣ୍ଣ ବର୍ଷା କରିଅଛି ଏବଂ ଜଳାଭାବର ଚିନ୍ତା ବହୁ ପରିମାଣରେ ଦୂର କରିଅଛି। ମାତ୍ର ଭାରତର ସକଳ ପ୍ରଦେଶରେ ବୃଷ୍ଟିର ପରିମାଣ ସମାନ ନୁହେ। ଯଥା ସରକାରୀ ରିପୋର୍ଟ ଅନୁସାରେ ବର୍ଷାକାଳ ଆରମ୍ଭ ଅର୍ଥାତ୍ ଜୁନମାସ ତା ୧ ରିଖଠାରୁ ଗତ ତା ୬ ରିଖ ପର୍ଯ୍ୟନ୍ତ ବର୍ମ୍ମା, ବଙ୍ଗ, ମାଲବାର, ବମ୍ବେ ଏବଂ ମାନ୍ଦ୍ରାଜ ଏ ପ୍ରଦେଶମାନେ ଉପଯୁକ୍ତ ପରିମାଣ ଜଳ ପାଇଅଛନ୍ତି ମାତ୍ର ଉତ୍ତରପଶ୍ଚିମ ପଞ୍ଜାବ, ମଧ୍ୟପ୍ରଦେଶ, ଗୁଜରାଟ, ସିନ୍ଧୁ ଏବଂ ରାଜପୁତାନାରେ ଊଣା ଅଛି।

—୦❋୦—

ବଙ୍ଗେଶ୍ୱର ସରଜନ ଉଡ଼ବରନ ବାହାଦୂର ଯେମନ୍ତ ମେଦନୀପୁରରେ ସେଠା କଲେଜ ପରିଦର୍ଶନବେଳେ ଛାତ୍ରମାନଙ୍କର ହସ୍ତାକ୍ଷର ଓ ଜମାଖର୍ଚ୍ଚ ଲେଖା ଦେଖି ସନ୍ତୁଷ୍ଟ ହୋଇ ଆଗାମୀ ପରୀକ୍ଷାରେ ଯେଉଁ ଛାତ୍ରର ହସ୍ତାକ୍ଷର ସର୍ବୋତ୍କୃଷ୍ଟ ହେବ ତାହାକୁ ଗୋଟିଏ ପଦକ ପ୍ରଦାନ କରିବେ ବୋଲି କହି ଆସିଥିଲେ, ବାଲେଶ୍ୱର ଜିଲ୍ଲା ସ୍କୁଲ ପରିଦର୍ଶନବେଳେ ମଧ୍ୟ ତେମନ୍ତ ହସ୍ତାକ୍ଷର ଓ ଜମାଖର୍ଚ୍ଚ ଲେଖା ଦେଖି ସନ୍ତୁଷ୍ଟ ହୋଇ ପଦକ ପୁରସ୍କାର କରିବାକୁ କହି ଗଲେ। ଏଥିରୁ ଜଣାଯାଏ ହସ୍ତାକ୍ଷର ପ୍ରତି ମାନ୍ୟବର ମହୋଦୟଙ୍କର ବିଶେଷ ଦୃଷ୍ଟି ଅଛି ଏବଂ ତାହା ହେବା ଅଶ୍ଚର୍ଯ୍ୟ ନୁହେ କାରଣ ସରକାରୀ ଅଫିସ ସକାଶେ ଭଲ ଲେଖା ନିତାନ୍ତ ଆବଶ୍ୟକ।

———

କଣ୍ଟିଲୋ ରାଜା ସେହି ଜିଲ୍ଲାର ଗବର୍ଣ୍ଣମେଣ୍ଟ ଏଜେଣ୍ଟ ବାବୁ ଦର୍ପନାରାୟଣ ଦାସଙ୍କ ନାମରେ ଯେଉଁ ମାମଲା ଉପସ୍ଥିତ କରିଥିଲେ ଏବଂ କହି-ଥାଉଁମ୍ବର ସହିତ ଯହିଁର ଅନୁସନ୍ଧାନ ହୋଇଥିଲା ଗବର୍ଣ୍ଣମେଣ୍ଟକୁ ତହିଁର ନିଷ୍ପତ୍ତି ହୋଇଅଛି କଥିତ ହୁଅଇ ସେ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କ ରିପୋର୍ଟ ଅନୁସାରେ ଗବର୍ଣ୍ଣମେଣ୍ଟ ଦର୍ପନାରାୟଣ ବାବୁଙ୍କୁ କଣ୍ଟିଲୋର ଏଜେଣ୍ଟରୁ ବରଖାସ୍ତ ଓ ତାହାଙ୍କର ସ୍ଥାୟୀ ପଦ ଗଡ଼ଜାତ ମହଲୁମାର ଡେପୁଟି ବାବୁରୁ ସସପେଣ୍ଡ କରୁ ଶେଷଲିଖିତ ପଦରୁ ବରଖାସ୍ତ ନ ହେବାର କାରଣ ଦର୍ଶାଇବା ମର୍ମରେ ନୋଟିସ ଦେବାର ଆଦେଶ ଦେଇଅଛନ୍ତି। ଅତଏବ ମାମଲା ସମ୍ପୂର୍ଣ୍ଣରୂପେ ଶେଷ ନାହିଁ। ଏ ମାମଲା ଫଉଜଦାରୀ ଅଦାଲତକୁ ନ ଯାଇ ବିଭାଗୀୟ ବିଚାରରେ ରହିବାରୁ ଅନୁମାନ ହେଉଅଛି ଅଭିଯୋଗମାନ ଯେପରି ଗୁରୁତର

Digitized by srujanika@gmail.com

ବୋଲି ଶୁଣାଯାଉଥିଲା ତଦନ୍ତରେ ସେପରି ଜଣାଗଲା ନାହିଁ ।

---

ସରକାରୀ ଜମି ସମ୍ବନ୍ଧରେ ତମାଦି ଆଇନରେ ୬୦ ବର୍ଷ ମିଆଦ ନିରୂପିତ ଅଛି । ମାନ୍ଦ ମନ୍ତ୍ରି-ବସିଥାଇନ୍ତି ଓ ଜମି ବୋରଡ଼ର ସୃଷ୍ଟି ହେବାରୁ ସାଧାରଣ ସଡ଼କ ଓ ଅନ୍ୟାନ୍ୟ ବାଟ ଘାଟ ଇତ୍ୟାଦି ଯେ ସମସ୍ତ ସରକାରୀ ସମ୍ପତ୍ତି ସେମାନଙ୍କ ଅର୍ପିତ ହେଲା ସେ ପ୍ରକାର ସମ୍ପତ୍ତି କେହି ମାଡି ନେଲେ ତହିଁ ପକ୍ଷେ ଲୋକଲ୍ ବୋର୍ଡ଼ ୬୦ ବର୍ଷର ତମାଦି ବାଧ୍ୟ ନ ଥିବାରୁ ବ୍ୟକ୍ତି ବିଶେଷ ପ୍ରତି ଜମି ବେଦଖଲ ବିଷୟରେ ୧୨ ବର୍ଷ ତମାଦିର ଯେଉଁ ବାଧା ଅଛି ତାହା ଉଠିବ ଗୋଟିଏ ମୋକଦ୍ଦମାରେ ମାନ୍ଦ୍ରାଜ ହାଇକୋର୍ଟ ଏପରି ନିଷ୍ପତ୍ତି କରିବାରୁ ଭାରତ ଗବର୍ଣ୍ଣମେଣ୍ଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କର ମତ ଗ୍ରହଣ ପୂର୍ବକ ସେପ୍ରକାର ସ୍ଥଳେ ୩୦ ବର୍ଷ ପର୍ଯ୍ୟନ୍ତ ବେଦଖଲର ନାଲିଶ ଚଳି ପାରିବା ମର୍ମରେ ତମାଦି ଆଇନକୁ ସଂଶୋଧିତ କରିବା ଅଭିପ୍ରାୟରେ ବଡ଼ଲାଟଙ୍କ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ କରିଅଛନ୍ତି । ଏ ପ୍ରସ୍ତାବ ଯୁକ୍ତିସଙ୍ଗତ ସନ୍ଦେହ ନାହିଁ ।

---

ପାରସ୍ୟର ସାହା ୟୁରୋପ ଭ୍ରମଣାର୍ଥେ ସ୍ୱଦେଶରୁ ଯାତ୍ରା କରି ଋଷିଆ ପ୍ରଭୃତି ଦର୍ଶନ ଏବଂ ଯଥାଯୋଗ୍ୟ ସମ୍ମାନ ଲାଭ କରି ଫରାସୀ ରାଜ୍ୟର ପାରିସ ରାଜଧାନୀରେ ଉପସ୍ଥିତ ହୋଇଥିଲେ । ସେଠାରୁ ଇଂଲଣ୍ଡକୁ ଯାଇ ଶ୍ରୀମତୀ ମହାରାଣୀଙ୍କ ସହିତ ସାକ୍ଷାତ କରିଥାନ୍ତେ । ପାରିସ ନଗରରେ ସେ ବଗିରେ ବୁଲୁଥିବା କାଳରେ କେହି ଦୁରାତ୍ମା ହଠାତ୍ ବଗିରେ ଚଢ଼ି ପିସ୍ତଲଦ୍ୱାରା ତାହାଙ୍କର ପ୍ରାଣନାଶର ଚେଷ୍ଟା କରିଥିଲା । କେବଳ ସଙ୍ଗେ ବସିଥିବା ମନ୍ତ୍ରୀଙ୍କର ଅସାଧାରଣ ତତ୍ପରତା ହେତୁ ତାହାର ଲକ୍ଷ ଭ୍ରଷ୍ଟ ହେଲା ଏବଂ ସେ ଧୃତ ହେଲା । ଏହି ଦୁର୍ଘଟଣା ଏବଂ ମହାରାଣୀଙ୍କର ପୁତ୍ରଶୋକ ହେତୁ ସେ ଇଂଲଣ୍ଡକୁ ଯିବାର ସଙ୍କଳ୍ପ ତ୍ୟାଗ କରି ସ୍ୱଦେଶକୁ ଫେରି ଆସୁଅଛନ୍ତି । ବିଲାତରେ ତାହାଙ୍କର ଅଭ୍ୟର୍ଥନା ନିମନ୍ତେ ବହୁ ଆୟୋଜନ ହୋଇଥିଲା । ବିଲାତରେ ସ୍ୱାଧୀନତା ଦଳର ବୃଦ୍ଧି ଅତ୍ୟନ୍ତ ଭୟର କାରଣ ହୋଇଅଛି । ସେମାନଙ୍କର ଶାସନ ବିଷୟରେ ବିଶେଷ ମନୋଯୋଗୀ ହେବା ଆବଶ୍ୟକ ।

---

ବୃଷ୍ଟି ନ ହେବାରୁ ମହା ବ୍ୟସ୍ତହୋଇ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଗୁଜରାଟ ଅଞ୍ଚଳକୁ ଯାତ୍ରା କଲେ । କାରଣ ସେଠାରେ ଆଦୌ ବୃଷ୍ଟି ହୋଇ ନ ଥିଲା ଏବଂ ଭବିଷ୍ୟତ ଅନ୍ନକଷ୍ଟର ଆଶଙ୍କା ହୋଇଥିଲା । ମାତ୍ର ସେ ସେଠାରେ ପଦାର୍ପଣ କରିବା ପୂର୍ବରୁ ମେଘ ଆପଣା କର୍ତ୍ତବ୍ୟ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲା । ବର୍ତ୍ତମାନ ଯେମନ୍ତ ସେଠାରେ ତେମନ୍ତ ବମ୍ବେର ମଧ୍ୟ ଭାରତ ମଧ୍ୟପ୍ରଦେଶପ୍ରଭୃତି ସକଳ ଦୁର୍ଭିକ୍ଷପୀଡ଼ିତ ସ୍ଥାନରେ ଉତ୍ତମ ବୃଷ୍ଟି ହୋଇଅଛି ଏବଂ ଆହୁରି ବୃଷ୍ଟି ହେବାର ଲକ୍ଷଣ ଦେଖା ଯାଉଅଛି । ଏଣେ ବଙ୍ଗେଶ୍ୱର ସରଜନ ଉଡ଼ବରନ ମେଦିନୀପୁର ଓ ବାଲେଶ୍ୱରକୁ ଯିବାଦ୍ୱାରା ବୃଷ୍ଟି ଘେନି ଅସି ଏ ପ୍ରଦେଶର ଦୁର୍ଭାବନା ଦୂର କରି ଦେଲେ । ଧାର୍ମିକ ଶାସନକର୍ତ୍ତାମାନଙ୍କର ଗତି ଏହିପରି ଶୁଭପ୍ରଦ ହୁଅଇ । ଅଥବା ଅମନୋଯୋଗୀ ଅମଙ୍ଗଳପର ମେଘ କାର୍ଯ୍ୟ ପକାଇ ବସିଥିଲା । ପଞ୍ଚଦର୍ଶନର କଥା ଶୁଣି ଲଣ୍ଡଭଣ୍ଡ ହୋଇ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛି ।

---

'ରଣ୍ଡାମ ନିଯୁକ୍ତ'ରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ତଲଚେର ରାଜା ପ୍ରଥମ ରାଣୀଙ୍କ ଗର୍ଭଜାତ ଜ୍ୟେଷ୍ଠ ପୌତ୍ର ଏବଂ ଅନ୍ୟ ପୁତ୍ର ବର୍ତ୍ତମାନ ଥିବା ସ୍ଥଳେ ୨ୟ ରାଣୀଙ୍କର ପୁତ୍ର ନାମରେ ଆପଣାର ସମସ୍ତ ସମ୍ପତ୍ତି ଅର୍ଥାତ୍ ରାଜଗି ହିବଲ କରି ଦେଇଅଛନ୍ତି । ଏ ସମ୍ବାଦରେ କିଛି ଭ୍ରମ ଥିଲେ ଭରସା କରୁଁ ରାଜା ମହୋଦୟ ଶୀଘ୍ର ତହିଁର ପ୍ରତିବାଦ କରିବେ । ଅନ୍ୟଥା ଗଡ଼ଜାତ ରାଜାଙ୍କର ଛତ୍ର ସମ୍ମାନ କ୍ରମେ ଲୋପ ହୋଇଯିବ । କଥିତ ହୁଅଇ ଦିନାପୁର ଜମିଦାରୀ ସମ୍ବନ୍ଧରେ ଟ୍ରିଭ କାଉନ୍ସିଲ ଯେଉଁ ନିଷ୍ପତ୍ତି କରିଅଛନ୍ତି ତଦନୁସାରେ ସେପରି ଉଇଲ ସ୍ଥିର ରହିବା ଅସମ୍ଭବ ନୁହେ । ତାହା ହେଲେ ସହଯୋଗୀ ଏହି ଅବସ୍ଥା ନିବାରଣ କାରଣ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଆଇନ କରିବାର ଯାହା ଅନୁରୋଧ କରିଅଛନ୍ତି ତାହା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଅଟେ ଏବଂ ଗବର୍ଣ୍ଣମେଣ୍ଟ ଶୀଘ୍ର ସେ ଅନୁରୋଧ ଗ୍ରହଣ କରିବେ । ବୋଲିବା ବାହୁଲ୍ୟ ଯେ ସୁବିଧା ପାଇଲେ ରାଜାମାନଙ୍କ ମଧ୍ୟରେ ଅନେକ ଦଶରଥ ବାହାରି ପାରନ୍ତି ।

---

ଗତ ତା ୨ ରିଖରେ ଏଠା ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମଧୁରୁ ସାହେବଙ୍କ ଇଜଲାସରେ ଗୋଟିଏ ମୋକଦ୍ଦମା କୌତୁକ ଜନକରୂପେ ନିଷ୍ପତ୍ତି ହୋଇଥିଲା । ପରି ସେକାପଡ଼ା ମାଳ ଜୟପୁରର ଗୋ ୨ ଟା ଛେଳି ଏକଜଣ ଷ୍ଟେସନ ନେଇଥିବା ଅଭିଯୋଗରେ ପୁଲିସ ଚାଲାନ ଦେଇଥିଲା ଆସାମୀ କହିଲା ଯେ ଛେଳି ତାହାର ଘରେ ମୂଦେଇ ତାହାକୁ ରଖିଥିଲା ମନାନ୍ତର ଘଟିବାରୁ ଛେଳି ଦାବିରେ ମାମଲା କରିଅଛି । ହାକିମ ଛେଳି ଗୋ ୨ ଟାକୁ ସିଂହଲର ଅଳ୍ପଦୂରରେ ଛଡ଼ାଇଦେଇ ମୂଦେଇ ଓ ଆସାମିକୁ ଡାକିବାକୁ କହିଲେ । ମୂଦେଇର ଡାକରେ ଛେଳି ଆଦୌ ଉତ୍ତର ଦେଲା ନାହିଁ ମାତ୍ର ମୂଦାଲା ଡାକନ୍ତେ ଉତ୍ତର ଦେଲା । ଅତଏବ ଛେଳିମାନ ଆସାମିର ଥିବା ବଶ୍ୱାସ କରି ତାହାକୁ ଖଲାସ ଦେଲେ ଏବଂ ମୂଦେଇ ଉପରେ ଟ ୨୦୯ ଙ୍କା ଜରିମାନା କରି ତାହା କ୍ଷତିପୂରଣସ୍ୱରୂପ ଆସାମିକୁ ଦଣ୍ଡାଇବାର ଆଦେଶ ଦେଲେ । ଏ ଦୃଶ୍ୟରେ ଉପସ୍ଥିତ ଥିବା ଲୋକମାନଙ୍କର ବଡ ଆମୋଦ ହୋଇଥିଲା ଏବଂ ହାକିମ ଉକ୍ତ ସ୍ୱରୂଣା ବାହାଣି ଅନେକଙ୍କ ମନରେ ପଡ଼ିଥିଲା ।

---

ଗମ୍ଭୀର ଶୋକ ସହିତ ଜଣାଉଅଛୁଁ ଯେ ଶ୍ରୀମତୀ ଇଂଲଣ୍ଡେଶ୍ୱରୀଙ୍କର ଦ୍ୱିତୀୟ କୁମାର ଏଡ଼ିନ୍‌ବରା ଡ଼ିଉକ ଅଲଫ୍ରେଡ ଡ଼ିଉକ ଅଫ ସେକ୍‌ସକୋବର୍ଗ ଗତମାସ ତା ୩୧ ରିଖରେ ଏ ସଂସାରରୁ ବିଦାୟ ହୋଇଗଲେ । ଏହି ଶୋକ ସମ୍ବାଦରେ ଭାରତର ପ୍ରଜା ମାତ୍ରେ ଅତ୍ୟନ୍ତ ଦୁଃଖିତ ଏବଂ ବୋଲିବା ବାହୁଲ୍ୟ । ଅତ୍ୟନ୍ତ ପ୍ରଜାବତ୍ସଳା ରାଜରାଜେଶ୍ୱରୀଙ୍କ ବୃଦ୍ଧ ବୟସରେ ଏଥିପାଇଁ ତାହାଙ୍କ ପୁତ୍ରଶୋକ ଦେଲେ ଏଥିରେ କେଉଁ ପ୍ରଜାର ମନ ଅସ୍ଥିର ନ ହେବ ! କୁମାର ମହୋଦୟ ସନ ୧୮୪୪ ସାଲରେ ଜନ୍ମଗ୍ରହଣ କରି ସନ ୧୮୭୪ ସାଲରେ ରୁଷିଆର ରାଜକୁମାରୀଙ୍କୁ ପାଣିଗ୍ରହଣ କରିଥିଲେ । ସନ ୧୮୯୩ ସାଲରେ ସେକ୍‌ସକୋବର୍ଗ ଗୋଥାର ଡ଼ିଉକ ପଦ ଶୂନ୍ୟ ହେବାରୁ ଉତ୍ତରାଧିକାରୀ ସ୍ୱରୂପ ତାହା ପ୍ରାପ୍ତ ହୋଇ ତଦବଧି ସେହି ରାଜ୍ୟ ଶାସନ କରୁଥିଲେ । ବର୍ତ୍ତମାନ ବ ୫୬ ବର୍ଷ ବୟସରେ ସେ ଗୋଟିଏ ପୁତ୍ର ଏବଂ ୪ଟି କନ୍ୟାଙ୍କୁ ଶୋକସାଗରରେ ଭସାଇ ବିଦ୍ୟ ଧାମକୁ ପ୍ରୟାଣ କଲେ ! ପରମେଶ୍ୱର ଶ୍ରୀମତୀ ମହାରାଣୀଙ୍କ ଏବଂ ମୃତ କୁମାରଙ୍କର ସ୍ତ୍ରୀ ପୁତ୍ରାଦିଙ୍କୁ ସାନ୍ତ୍ୱନା ଏବଂ କୁମାରଙ୍କ ଆତ୍ମାର ମଙ୍ଗଳବିଧାନ କରନ୍ତୁ ।

---

Split by PDF Splitter



କଲିକତା ଛକଟ ଅଲିପୁରର ଡେପୁଟି ମାଜିଷ୍ଟ୍ରେଟଙ୍କ ମହକୁମାରେ ଅଳ୍ପଦିନ ହେଲା ଗୋଟିଏ ଅଭିନବ ପ୍ରକାର ମୋକଦ୍ଦମା ନିଷ୍ପତ୍ତି ହୋଇଅଛି । ଜଣେ ନିମ୍ନଜାତୀୟ ହିନ୍ଦୁ ଆପଣାର କନ୍ୟାର ବିବାହ ପରସ୍ପରଙ୍କୁ ଅଗୋଚର ହୋଇ ଦୁଇ ସ୍ଥାନରେ ଏକଦିନରେ ସ୍ଥିର କରିଥିଲା । ଯଥା ସମୟରେ ଦୁଇ ବରକର୍ତ୍ତା ବର ଓ ବରଯାତ୍ରୀ ନେଇ ତାହା ଘରଠାରେ ଉପସ୍ଥିତ ହେବାରୁ କନ୍ୟାକର୍ତ୍ତା ଘର ଭିତରେ କବାଟ ଦେଇ ଲୁଚି ରହି କହିପଠାଇଲେ କି ଯେଉଁ ବରର ଦଳ ଲଢ଼ାଇରେ ଅନ୍ୟ ଦଳକୁ ପରାସ୍ତ କରିବ ତାହାକୁ ସେ କନ୍ୟା ଦାନ କରିବେ । ତଦନୁସାରେ ଲଢ଼ାଇ ହେଲା । ଏକପକ୍ଷ ଗୁରୁତର ଆଘାତ ପ୍ରାପ୍ତ ହୋଇ ପଳାଇଗଲେ ଏବଂ ଜୟୀ ହେବା ପକ୍ଷ କନ୍ୟା ଲାଭ କଲେ । ମାତ୍ର ଏହି ଲଢ଼ାଇ ସକାଶେ ମୋକଦ୍ଦମାରେ ଡେପୁଟି ମାଜିଷ୍ଟ୍ରେଟଙ୍କ ବିଚାରରେ ସେହି କନ୍ୟାକର୍ତ୍ତା ଏବଂ ତାହାଙ୍କର ଜଣେ ସଙ୍ଗୀ ମାଃ ୬ ମା ଲେଖାଏଁ କାରାବାସ ଏବଂ ଟ ୨୫୧ ଟା ଲେଖାଏଁ ଜରିମାନା ଦଣ୍ଡ ପାଇଲେ । କନ୍ୟାକର୍ତ୍ତା କପଟ ଖେଳିଗଲେ ଜାଣିପାରି ନାହିଁ । ରଜାମାନେ ଯୁଦ୍ଧ କରି କନ୍ୟା ବିବାହ କରିବା କଥା ପୁରାଣରେ ଶୁଣି ତାହା ପ୍ରତ୍ୟକ୍ଷ କରୁଥିଲେ କି ?

---

ଇଂରାଜ ସାମ୍ରାଜ୍ୟ ନିମନ୍ତେ ଯୁଦ୍ଧ କରିବା କାରଣ ୧୦୦୦୦ ଭାରତୀୟ ସୈନ୍ୟ ଦକ୍ଷିଣ ଆଫ୍ରିକାକୁ ପଠା ଯାଇଅଛନ୍ତି । ସେମାନଙ୍କର ଫେରି ଆସିବାର ସମୟ ବିଳମ୍ବ ନାହିଁ । ଏଥି ମଧ୍ୟରେ ଚୀନରେ ଗୋଳମାଳ ଉପସ୍ଥିତ ହେବାରୁ ସେଠାରେ ଇଂରାଜଙ୍କର ସ୍ୱାର୍ଥରକ୍ଷା କାରଣ ୨୦୦୦୦ ଭାରତୀୟ ସୈନ୍ୟ ପଠାଯିବାର ସ୍ଥିର ହୋଇ ଏଥିମଧ୍ୟରେ କେତେ ସୈନ୍ୟ ବିଦାୟ ହୋଇ ଗଲେଣି । ଦକ୍ଷିଣ ଆଫ୍ରିକା ଓ ଚୀନରେ କାର୍ଯ୍ୟ କରିବା ଭାରତୀୟ ସୈନ୍ୟର ବେତନାଦି ସମସ୍ତ ବ୍ୟୟ ଇଂରାଜ ଗବର୍ଣ୍ଣମେଣ୍ଟ ପ୍ରଦାନ କରିବେ ଏବଂ ତଦ୍ୱାରା ଭାରତର ସୈନିକ ବ୍ୟୟ କିଛି ଊଣା ପଡିବ ମାତ୍ର କଥା ହେଉଅଛି । କିନ୍ତୁ ଯେବେ ୨୦।୨୫ ହଜାର ଭାରତୀୟ ସୈନ୍ୟ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ଭାରତରୁ ସ୍ଥାନାନ୍ତରକୁ ପଠାଇବାଦ୍ୱାରା ଭାରତର କାର୍ଯ୍ୟର କିଛି କ୍ଷତି ହେଉ ନାହିଁ ତେବେ ସେ ପରିମାଣ ସୈନ୍ୟ ଯେ ଅତିରିକ୍ତ ଅଛନ୍ତି ଏବଂ ଅନାବଶ୍ୟକରେ ବର୍ତ୍ତମାନ ହେଲେ ଭାରତର ବ୍ୟୟ ଲାଘବ ହେବ ଏହି ଶାସନକର୍ତ୍ତାମାନେ ବୁଝି ପାରୁ ନାହାନ୍ତି ବଡ ଦୁଃଖର ବିଷୟ ଅଟେ । ଭାରତର ହିତାକାଙ୍କ୍ଷୀମାନେ ପୁନଃ ପୁନଃ ଭାରତବାସୀମାନଙ୍କୁ ଏହି କଥା ବୁଝାଇ ଦେଉଅଛନ୍ତି । ଭରସା ହୁଅଇ ଅବିଳମ୍ବେ ସେମାନେ ବୁଝି ପାଇ କର୍ତ୍ତବ୍ୟ କାର୍ଯ୍ୟରେ ମନୋଯୋଗୀ ହେବେ ।

---

ଶାସନ ଏବଂ ବିଚାର କାର୍ଯ୍ୟ ଏକ ବ୍ୟକ୍ତି ହାତରେ ନ ରଖିବା ବିଷୟରେ ଭାରତ ଗବର୍ଣ୍ଣମେଣ୍ଟ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଜାଣିବା କାରଣ କୌଣସି ପତ୍ର ଲେଖିଅଛନ୍ତି କି ନା ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ବାବୁ ବୈକୁଣ୍ଠନାଥ ସେନ ଏହି ପ୍ରଶ୍ନ କରନ୍ତେ ତହିଁର ଉତ୍ତରରୁ ପ୍ରକାଶ ପାଇଲା ଯେ ସେ ବିଷୟରେ ପତ୍ର ଆସିବାର ସତ୍ୟ ଏବଂ ତାହା ଲେଫ୍ଟେନାଣ୍ଟଙ୍କର ବିବେଚନାଧୀନରେ ଅଛି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ପ୍ରଜାବତ୍ସଳ ସଦାଶୟ ସରଜନ ଉଡବର୍ନ ଉକ୍ତ ମୂଳ କାର୍ଯ୍ୟ ଉନ୍ନତି କର୍ତ୍ତୃପକ୍ଷଙ୍କ ହାତରେ ଦେବାର ମତ ଦେଇ ସୁବିସ୍ତୃତ ବଙ୍ଗ ପ୍ରଦେଶର ପ୍ରଜାବର୍ଗର ଗୋଟିଏ ଗୁରୁ ଦୁଃଖ ନାଶ କରିବେ ଏବଂ ଯେଉଁମାନେ ତହିଁ ବିରୁଦ୍ଧରେ ଅସାର ଆପତ୍ତି ଦେଖାଉଅଛନ୍ତି ସେମାନଙ୍କ କଥାରେ ଭୁଲିବେ ନାହିଁ । ସେଦିନ ପାୟୋନିଅର ନାମକ ପ୍ରସିଦ୍ଧ ଇଂରାଜୀ ସମ୍ବାଦ ପତ୍ରରେ ଲେଖାଥିଲା କି ସେସନ ଅଦାଲତ ଏବଂ ହାଇକୋର୍ଟରେ ଅପିଲ ହେବାର ବିଧି ଥିବା ସ୍ଥଳେ ଅନିଷ୍ଟ ହେବାର କଥା କୁହେ । ମାତ୍ର ସେ ବୁଝିଲେ ନାହିଁ ଯେ ରୋଗର ଚିକିତ୍ସାଠାରୁ ରୋଗ ନିବାରଣର ଉପାୟ ଶତଗୁଣେ ଭଲ । ଅପିଲ କରିବା କେମନ୍ତ ଖର୍ଚ୍ଚାନ୍ତ ଓ ପରିଶ୍ରମର କଥା ତାହା ସେ ଥରେ ଭାବିଲେ ନାହିଁ । ପ୍ରକୃତରେ ଯେତେ ଅବିଚାର ହୁଅଇ ତହିଁର ସାମାନ୍ୟ ଅଂଶ ଅପିଲ ହୁଅଇ ।

---

ଇଂରାଜ ରାଜ ଚୀନ ଦେଶକୁ ଯେ ସମସ୍ତ ସୈନ୍ୟ ପଠାଉଅଛନ୍ତି ସେମାନଙ୍କ ସଙ୍ଗରେ ଏଣ୍ଡ୍ରିଏ ଚିକିତ୍ସାଜାହାଜ ରହିବା ଆବଶ୍ୟକ । ସେହି ଜାହାଜରେ ଗୋଟିଏ ହାସପାତାଲ ବା ଚିକିତ୍ସାଳୟ ରହିବ ଯେ ସୈନ୍ୟ ଅଥବା ତାହାଙ୍କ ସମଭିବ୍ୟାହାରୀ ଲୋକ ପୀଡିତ ହେଲେ ଚିକିତ୍ସା ପାଇବେ । ଗୁଆଲିଅରର ମହାରାଜା ଗୋଟିଏ ହାସପାତାଲ ଜାହାଜ ପ୍ରଦାନ କରିବାର ପ୍ରସ୍ତାବ ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରେ କରିବାରୁ ଭାରତ ସଚିବ ଲର୍ଡ ହାମିଲଟନ ତାହା ଆନନ୍ଦ ସହିତ ଗ୍ରହଣ କରିଅଛନ୍ତି । ଏହି ଜାହାଜର ମୂଲ୍ୟ ୨୦ ଲକ୍ଷ ଟଙ୍କା ଅଟେ । ଗୁଆଲିଅରର ମହାରାଜା ଭାରତର ଅନ୍ୟାନ୍ୟ ରାଜନ୍ୟବର୍ଗ ପରି ଇଂଲଣ୍ଡେଶ୍ୱରୀଙ୍କର ବନ୍ଧୁ । ସୁତରାଂ ଯୁଦ୍ଧ କାଳରେ ଇଂଲଣ୍ଡ ପ୍ରତି ସହାନୁଭୂତି ଦେଖାଇ ସାହାଯ୍ୟ କରିବା ନିଶ୍ଚୟ ତାହାଙ୍କ କର୍ତ୍ତବ୍ୟ ଅଟେ ଅତଏବ ଗୁଆଲିଅରର ଏ କାର୍ଯ୍ୟ ପ୍ରଶଂସାନୀୟ ସନ୍ଦେହ ନାହିଁ ମାତ୍ର ଇଂଲଣ୍ଡର ଦୁଃଖୀ ପ୍ରଜା ଭାରତବାସିମାନେ ନାନାମତେ ସାହାଯ୍ୟ ପାଇବାର ଯୋଗ୍ୟପାତ୍ର ଥିବା ପ୍ରତ୍ୟକ୍ଷେ ସେମାନଙ୍କ ସାହାଯ୍ୟରେ ସେହି ଟଙ୍କା ବା ତହିଁରୁ ଅଧିକ ଦାନ କଲେ ନିଶ୍ଚୟ ରାଜଭକ୍ତି ଏବଂ ସ୍ୱଦେଶାନୁରାଗ ଏହି ଦୁଇ ଧର୍ମ ଏକ କାଳରେ ସାଧିତ ହୁଅନ୍ତା । ମହାରାଜା ଏହା ବୁଝିଲେ ଅତ୍ୟନ୍ତ ଆନନ୍ଦର ବିଷୟ ହେବ । ୨୦ ଲକ୍ଷ ଟଙ୍କାରେ ଧନୀ ଇଂଲଣ୍ଡ ଅପେକ୍ଷା ଦରିଦ୍ର ଭାରତର ଅଧିକ ଉପକାର ହେବ ଏହା ବୋଲିବା ବାହୁଲ୍ୟ ।

---

## ଯୁଦ୍ଧ ସମାଚାର ।

ବୁଅର ଯୁଦ୍ଧ ଲାଗିରହିଅଛି । ସେନାପତି ଡି ବେଟଙ୍କୁ ଧରିବା କାରଣ ଜେନେରଲ କିଚନାର ସୈନ୍ୟ ଜାଲ ବିଛାଇଅଛନ୍ତି ମାତ୍ର କୃତକାର୍ଯ୍ୟ ହୋଇ ନାହାନ୍ତି । ଗତ ତା ୭ ରିଖରେ ରସ୍ତେନବର୍ଗ ନିକଟ ଇଲାଣ୍ଡ ନଦୀଠାରେ ଘୋର ଯୁଦ୍ଧ ହୋଇଥିଲା ମାତ୍ର ବୁଅରମାନେ ସେଠାରୁ ବିତାଡିତ ହୋଇଥିଲେହେଁ ପୁନର୍ବାର ମାଡିବାକୁ ଅଛନ୍ତି । ଟ୍ରାନସଭାଲର ଶାସନ କାର୍ଯ୍ୟ କି ନିୟମରେ ନିର୍ବାହ ହେବ ତଜ୍ଜନ୍ୟ ମନ୍ତ୍ରିସମାଜ ତହିଁର ବିଚାର କରୁଅଛନ୍ତି । ସେ ରାଜ୍ୟକୁ ଇଂରାଜ ସାମ୍ରାଜ୍ୟଭୁକ୍ତ କରି ପରିଶେଷରେ ଆତ୍ମଶାସନ ପ୍ରଦାନ କରିବାର ପରାମର୍ଶ ହେଉଅଛି ।

ଚୀନ ଯୁଦ୍ଧ କ୍ରମେ ବଢ଼ିବାରେ ଅଛି । ବିଦେଶୀୟଙ୍କୁ ନଷ୍ଟ କରିବାର ଦଳ କ୍ରମାଗତ ପୁଷ୍ଟ ହେଉଅଛି ଏବଂ ଚୀନର ସାମ୍ରାଜ୍ଞୀ ସେମାନଙ୍କୁ ଉତ୍ସାହ ଦେବାର ବିଶ୍ୱାସ ପ୍ରବଳ ହେଉଅଛି । ମିତ୍ରଶକ୍ତିମାନେ ଚୀନକୁ ସୈନ୍ୟ ଓ ଯୁଦ୍ଧର ଉପକରଣ ପଠାଇବାରେ ବ୍ୟସ୍ତ ଅଛନ୍ତି । ଇଂରାଜ ପକ୍ଷରୁ ଭାରତରୁ ଆଉ ଏକ ଦଳ ସୈନ୍ୟ ପଠାଯିବାର ବନ୍ଦୋବସ୍ତ ହେଉଅଛି । ପେକିନ ନଗରରେ ଆବଦ୍ଧ ଥିବା ଦୂତମଣ୍ଡଳୀଙ୍କ ସମ୍ବାଦ ଆସିଅଛି ଯେ ଗତ ମାସ ତା ୧ ରିଖ ପର୍ଯ୍ୟନ୍ତ ସେମାନେ ପ୍ରାଣରେ ଥିଲେ ମାତ୍ର କେବଳ ଏକ ସପ୍ତାହର

Digitized by srujanika@gmail.com

Split by PDF Splitter



ଖାଦ୍ୟ ସାମଗ୍ରି ଏବଂ ଅତ୍ୟନ୍ତ ଦାରିଦ୍ର ଗୁଳ ସେମାନଙ୍କ ନିକଟରେ ଥିଲା । ସେମାନଙ୍କର ଦଶା ଅତ୍ୟନ୍ତ ଶୋଚନୀୟ ଅଥଚ ସେମାନଙ୍କ ଉଦ୍ଧାରାର୍ଥେ ଚଡାଉ କରୁଥିବା ସୈନ୍ୟ ଚୀନର ବ୍ୟୂହ ଭେଦ କରି ଶୀଘ୍ର ପିକିନରେ ପହୁଞ୍ଚିବାର ଜଣା ଯାଉ ନାହିଁ ।

—*—

## ମିଉନିସିପାଲ ଟିକସ ଜମାବନ୍ଦି ଓ ଅସୁଲ ।

ବଙ୍ଗପ୍ରଦେଶର ମିଉନିସିପାଲଟୀ ସମୂହର ସନ ୧୮୯୮।୯୯ ସାଲର କାର୍ଯ୍ୟ ବିବରଣ ପାଠ କରି ମାନ୍ୟବର ଗବର୍ଣ୍ଣର ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ମିଉନିସିପାଲିଟୀଦ୍ୱାରା ଯେ ସମସ୍ତ କାର୍ଯ୍ୟ ନିର୍ବାହ ହୁଅଇ ତହିଁର ଅଧିକାଂଶ ସୁନ୍ଦରରୂପେ ନିର୍ବାହ ହୋଇଥିବା ଏବଂ କେତେକ ସ୍ଥଳେ ଉନ୍ନତି ଘଟିଥିବାରୁ ମାନ୍ୟବର ମହୋଦୟ ଆନନ୍ଦ ହୋଇଅଛନ୍ତି । ମାତ୍ର ମିଉନିସିପଲ ହାର ଧାର୍ଯ୍ୟ ଏବଂ ଆଦାୟ ସମ୍ବନ୍ଧରେ ବହୁ ତ୍ରୁଟି ରହିଅଛି । ଏହି ଦୋଷ ପ୍ରତି ଶାସ୍ତ୍ର ଦୃଷ୍ଟି ରଖିବା କାରଣ ମାନ୍ୟବର ମହୋଦୟ ମିଉନିସିପଲ କମିଶନରମାନଙ୍କୁ ଏକାନ୍ତ ଅନୁରୋଧ କରି କହିଅଛନ୍ତି କି ଏ ବିଷୟରେ ଜାଗ୍ରତ ନ ହେଲେ କୌଣସି ମିଉନିସିପାଲିଟୀର କାର୍ଯ୍ୟ ନିୟମପଦରେ ଶୃଙ୍ଖଳ ଯାଉବ ନାହିଁ । ଅନେକସ୍ଥଳେ ହୋହଲଜମାବନ୍ଦୀ ସଙ୍ଗେ ମଜ ଉସୁଲ ମିଶିଅଛି । ଜମାବନ୍ଦୀ ହୋହଲ ଥିବାର ପ୍ରମାଣ ଏହି କି ଏହିବର୍ଷ ମଧ୍ୟରେ ଗୋଟିଏ ମିଉନିସିପାଲିଟୀ ବଢ଼ିଥିବା ପ୍ରତ୍ୟକ୍ଷେ ସମସ୍ତ ମିଉନିସିପାଲିଟୀର କରଦାତାଙ୍କ ସଂଖ୍ୟା ବୃଦ୍ଧି ନ ହୋଇ ପ୍ରାୟ ହ୍ରାସହୋଇ ଦିଶା ପଡ଼ିଗଲା ଏବଂ ଭିନ୍ନ ନଗରର ଜନସଂଖ୍ୟା ସହିତ କରଦାତାଙ୍କ ଅନୁପାତରେ ବିଶେଷ ତାରତମ୍ୟ ରହିଅଛି । ଯଥା ବାଉନଗର ମିଉନିସିପାଲିଟିରେ ଶତକଡ଼ା ଜଣ ୩୧ ଜଣ ଉପରେ କର ଧାର୍ଯ୍ୟ ହୋଇଥିବା ସ୍ଥଳେ ଟିଟାଗଡ଼ରେ କରଦାତାଙ୍କ ଅନୁପାତ ଶତକଡ଼ା ଜଣ ୬ ଜଣ ମାତ୍ର ପଡ଼ିଅଛି । ଏତେ ପ୍ରଭେଦ ରହିବା ଅବଶ୍ୟ ଅସାଧାରଣ ଏବଂ ଏଥିରୁ ଅନୁମାନ ହେଉଅଛି ଯେ ସକଳ ସ୍ଥାନରେ ଉଚିତ ଜମା ଧାର୍ଯ୍ୟ ହୋଇ ନାହିଁ । ଉପରେ ଯେଉଁ ଦୁଇ ମିଉନିସିପାଲିଟୀର ଉଲ୍ଲେଖ ହେଲା ତାହା ସର୍ବୋଚ୍ଚ ଏବଂ ସର୍ବ ନିମ୍ନ ଜମାବନ୍ଦୀର ଉଦାହରଣ ଅଟେ । ସମସ୍ତ ମିଉନିସିପାଲିଟୀର ହାରାହାରି ଫଳ ଗତବର୍ଷ ଶତକଡ଼ା ଜ ୧୬.୨ ଜଣ ଥିଲା ଏ ବର୍ଷ ଶତକଡ଼ା ଜ ୧୬.୧ ଜଣ ପଡ଼ିଅଛି । ଓଡ଼ିଶାର ଫଳ ନିମ୍ନେ ପ୍ରକାଶିତ ହେଲା ଯଥା—

| ନାମ ମିଉନିସିପାଲିଟୀ | ଜନସଂଖ୍ୟା | କରଦାତାଙ୍କ ସଂଖ୍ୟା | ଶତକଡ଼ା |
|---|---|---|---|
| କଟକ | ୪୨,୦୩୫ | ୬୨୧୮ | ୧୪.୮ |
| ଯାଜପୁର | ୧୧,୯୯୨ | ୨୦୧୧ | ୧୬.୭ |
| କେନ୍ଦ୍ରାପଡ଼ା | ୧୪,୦୭୬ | ୨୨୩୪ | ୧୫.୯ |
| ବାଲେଶ୍ୱର | ୨୦,୭୭୫ | ୩୯୯୦ | ୧୭.୨ |
| ପୁରୀ | ୨୮,୭୯୪ | ୫୬୩୫ | ୧୯.୫ |

କଟକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ଲୋକଙ୍କର ଅବସ୍ଥା ଓ ସମ୍ପତ୍ତି ଅନୁସାରେ ସେମାନଙ୍କର ଆୟ ଉପରେ ବାର୍ଷିକ ଶତକଡ଼ା ଏକଟଙ୍କା ଦରରେ ଏବଂ ବାଲେଶ୍ୱରରେ ଶତକଡ଼ା ଟ ୧ ଙ୍କା ଦରରେ ଟିକସ ଧାର୍ଯ୍ୟ ହେବାର ନିୟମ ପ୍ରଚଳିତ ଅଛି । ପୁରୀରେ ବାର୍ଷିକ ଘରଭଡ଼ା ଉପରେ ଶତକଡ଼ା ଟ ୭ୟ ଲେଖାଏ ଏବଂ କେବଳ ୨ୟ କ୍ୱାର୍ଟର୍ରେ ମୋଟ ଆୟ ଉପରେ ଟିକସ ଧାର୍ଯ୍ୟ ହେବାର ବ୍ୟବସ୍ଥା । ଏଥିରୁ ଦେଖାଯାଏ ଯେ ଦର ସମ୍ବନ୍ଧରେ ପ୍ରଭେଦ ରହିଥିଲେହେଁ ଓଡ଼ିଶାର ଭିନ୍ନ ମିଉନିସିପାଲିଟୀ ମଧ୍ୟରେ କରଦାତାଙ୍କ ଅନୁପାତରେ ବିଶେଷ ପ୍ରଭେଦ ନାହିଁ । ପୁରୀରେ ଯାତ୍ରିଙ୍କ ସମାଗମ ହେତୁ ଘରଭଡ଼ାର ଦର ଉଚ୍ଚ ସୁତରାଂ ସେ ମିଉନିସିପାଲିଟୀ କରଦାତାଙ୍କ ଅନୁପାତରେ ସର୍ବୋଚ୍ଚ ସ୍ଥାନ ପାଇବା ଉଚିତ ନୁହେ । ପକ୍ଷାନ୍ତରେ କଟକ ଜନସଂଖ୍ୟା ଏବଂ ବ୍ୟବସାୟ ବାଣିଜ୍ୟରେ ଓଡ଼ିଶାର ସକଳନଗରଠାରୁ ଶ୍ରେଷ୍ଠ ହେଲେହେଁ ଏହା ଅନେକ ଜମିଦାରଙ୍କର ନିଜ ବାସସ୍ଥାନ ଏବଂ ଏଠାରେ ଅନେକ ଲୋକ ଓ କଙ୍ଗାଳ ବାସ କରନ୍ତି । ସୁତରାଂ କରଦାତାଙ୍କ ଅନୁପାତରେ ଏହା ସର୍ବ ନିମ୍ନ ସ୍ଥାନ ପାଇଅଛି । ଫଳତଃ ଓଡ଼ିଶାର କୌଣସି ମିଉନିସିପାଲିଟୀର ଟିକସ ବନ୍ଦୋବସ୍ତ ଉଣା ବା ଅନ୍ୟାୟ ବୋଲିବାର ଉପଯୁକ୍ତ ହେତୁ ଦେଖାଯାଉ ନାହିଁ ।

ଟିକସ ଆଦାୟ ସମ୍ବନ୍ଧରେ ଦେଖାଯାଏ ଯେ ସମସ୍ତ ମିଉନିସିପାଲିଟୀର ମୋଟ ହାଲ ବକେୟା ପାଉଣା ଟ ୩୫,୮୧,୯୨୪ ୧ ଙ୍କା ମଧ୍ୟରୁ ଟ ୨୭,୦୮,୧୩୨ ୧ ଙ୍କା ଅର୍ଥାତ୍ ଶତକଡ଼ା ପ୍ରାୟ ଟ ୭୮ ଟଙ୍କା ଅଦାୟ ହୋଇଥିଲା ଏବଂ ଛଡ଼ ଯାଇ ଶେଷ ବାକି ୭ ଲକ୍ଷ ଟଙ୍କାରୁ କିଛି ଅଧିକ ଥିଲା । ତହିଁ ପୂର୍ବବର୍ଷରେ ବାକି ପ୍ରାୟ ୭ୟ ଲକ୍ଷ ଟଙ୍କା ଥିଲା । ପୂର୍ବବର୍ଷଠାରୁ ଏ ବର୍ଷରେ ଫଳ କିଛି ଭଲ ହେଲେହେଁ ସାମ୍ପ୍ରତ ଅସନ୍ତୋଷ ଅଦାୟ ହେବାର କଥା ତହିଁରେ ଏତେ ବାକି ପଡ଼ିବା ସନ୍ତୋଷଜନକ ନୁହେ । ଅନ୍ତତଃ ଶତକଡ଼ା ଟ ୯୫୧ ଙ୍କା ଅଦାୟ ହେବାର ଗଭର୍ଣ୍ଣମେଣ୍ଟ ଆଶା କରନ୍ତି ଏବଂ ତାହା ଅନ୍ୟାୟ ନୁହେ । ଏଥିରୁ ଦେଖାଯାଏ ଯେ ୧୫୧ ମିଉନିସିପାଲିଟି ମଧ୍ୟରୁ କେବଳ ୪୨ ସ୍ଥାନରେ ଶତକଡ଼ା ଟ ୯୫ ଙ୍କା ବା ତହିଁରୁ ଅଧିକ ଆଦାୟ ହୋଇଅଛି ଏବଂ ତହିଁ ମଧ୍ୟରେ ୨୩ ସ୍ଥାନରେ ଶତକଡ଼ା ଟ ୯୮ ଙ୍କାରୁ ଉର୍ଦ୍ଧ୍ୱ ଆଦାୟ ହୋଇଅଛି । ତହିଁ ମଧ୍ୟରେ କେନ୍ଦ୍ରାପଡ଼ାର ନାମ ଦେଖି ଆନନ୍ଦିତ ହେଲୁଁ । ଅଧିକାଂଶ ମିଉନିସିପାଲଟୀରେ କର ଆଦାୟ ବିଷୟରେ ତ୍ରୁଟି ହୋଇଅଛି ଅବଶ୍ୟ ସ୍ୱୀକାର କରିବାକୁ ହେବ ଏବଂ ଏ ବିଷୟରେ ମିଉନିସିପଲ କମିଶନରମାନଙ୍କୁ ମାନ୍ୟବର ଗବର୍ଣ୍ଣର ବିଶେଷ ସାବଧାନ କରିଅଛନ୍ତି ଅସଙ୍ଗତ ନୁହେ । ଓଡ଼ିଶା ମିଉନିସିପାଲିଟୀ ସମୂହର ଜମା ଉସୁଲ ବାକି ନିମ୍ନେ ପ୍ରଦତ୍ତ ହେଲା ଯଥା—

| ମିଉନିସିପାଲିଟି | ବକେୟା | ହାଲ | ମୋଟ | ଉସୁଲ | ଛଡ଼ | ବାକି |
|---|---|---|---|---|---|---|
| କଟକ | ଟ ୯୯୪ | ଟ ୩୯,୬୧୫ | ଟ ୪୦,୬୦୯ | ଟ ୩୭,୪୦୪ | ଟ ୧୮୪୯ | ଟ ୧୩୫୬ |
| ଯାଜପୁର | ଟ ୧୦୭୮ | ଟ ୪୩୮୪ | ଟ ୫୪୬୨ | ଟ ୫୪୪୬ | ଟ ୧୭୯ | ଟ ୨୩୭ |
| କେନ୍ଦ୍ରାପଡ଼ା | ଟ ୧୬ | ଟ ୬୨୬୧ | ଟ ୬୨୮୭ | ଟ ୬୨୨୪ | ଟ ୬୧ | ଟ ୨ |
| ବାଲେଶ୍ୱର | ଟ ୪୯୯ | ଟ ୧୨୭୫୦ | ଟ ୧୩୨୪୯ | ଟ ୧୧୬୨୨ | ଟ ୯୨୬ | ଟ ୭୯୬ |
| ପୁରୀ | ଟ ୮୨୪୦ | ଟ ୨୨୭୩୦ | ଟ ୨୯୯୭୦ | ଟ ୧୯୫୫୪ | ଟ ୧୦୯୮ | ଟ ୯୩୧୮ |

ସଦର ଓ ତହସିଲ ଅମଲା ଇତ୍ୟାଦି ଖରଚ ।

| | | | |
|---|---|---|---|
| କଟକ | ଟ ୫୪୨୯ | ବାଲେଶ୍ୱର | ଟ ୨୦୩୯ |
| ଯାଜପୁର | ଟ ୧୧୦୬ | ପୁରୀ | ଟ ୨୬୫୭ |
| କେନ୍ଦ୍ରାପଡ଼ା | ଟ ୧୪୧୫ | | |

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ

ଡାଃ ମାକ୍ରେଞ୍ଜ ଓ ଡାଃ ବଲେକ୍ଟର ମୌଲିକ ସ୍ୱତ୍ୱ ଅବଧିର ମଞ୍ଜୁର ବର୍ଷ ସ୍ଥିରୀକୃତଙ୍କର ବାହାଲ ହୋଇଅଛନ୍ତି ।

କାଳି ମାକେଞ୍ଜର ଏସିଷ୍ଟାଣ୍ଟ କଲେକ୍ଟର ବାବୁ ଜଗନ୍ନାଥ ଦାସ ଓ ଉତ୍ତର ଏସିଷ୍ଟାଣ୍ଟ କଲେକ୍ଟର ବାବୁ ଗୌରପ୍ରସାଦ ଦାସ ଓ ଡେପୁଟୀ କଲେକ୍ଟର ବାବୁ ହରେ-

Digitized by srujanika@gmail.com

Split by PDF Splitter



କୃଷ୍ଣ ମହାନ୍ତି ୮ମ ଗ୍ରେଡର ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱର ସଦର ଷ୍ଟେସନର ଅବୈତନିକ ମାଜିଷ୍ଟ୍ରେଟ ବାବୁ ରାଧାନାଥ ନାୟକ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ହୋଇଅଛନ୍ତି ଓ ଏକାକୀ ବସି ଉକ୍ତ ମାଜିଷ୍ଟ୍ରେଟଙ୍କଦ୍ୱାରା ଅର୍ପିତ ମୋକଦ୍ଦମା ବିଚାର କରିବାର କ୍ଷମତା ପ୍ରାପ୍ତ ହୋଇ ଅଛନ୍ତି ।

ବାବୁ ଉପେନ୍ଦ୍ରଚନ୍ଦ୍ର ବସୁ ସଦର ଷ୍ଟେସନ ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଅବୈତନିକ ଏସିଷ୍ଟାଣ୍ଟ ଇନ୍ସପେକ୍ଟର ବସୁ ସାହେବ ପ୍ରସନ୍ନକୁମାର ପାଲ ବ୍ରାହ୍ମଣୀ ବୈତରଣୀ କଟକରୁ ମହାନଦୀ କେନାଲକୁ ବଦଳି ହୋଇଅଛନ୍ତି ।

ସବ୍‌ଡେ: କଲେକ୍ଟର ବାବୁ ଯୋଗେନ୍ଦ୍ର ଦତ୍ତ ଭଦ୍ରକ ସବ୍‌ଡିଭିଜନରେ ଅବସ୍ଥାପିତ ହୋଇଅଛନ୍ତି ।

କଟକ ଟ୍ରେନିଂ ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୧ ରାମ ପଦ୍ମଚରଣ ରାୟ    ୪ ଜଗନ୍ନାଥ ପ୍ରହରାଜ
୨ ଅର୍ଜୁନ ହୋତାସିଂହ    ୫ କଶୋଦମୋହନ ମଜୁମଦାର
୩ ରାଧାମୋହନ ଚକ୍ରବର୍ତ୍ତୀ    ୬ ମହମ୍ମଦ ଅବୁଲକରିମ
୭ ନଜରୁଦ୍ଦୀନ ଅହମ୍ମଦ

ସଂସ୍କୃତ ପରୀକ୍ଷାର ଫଳ ବାହାରିଅଛି ।

କଟକ ମିଉନିସିପାଲିଟୀର ଡାକ୍ତରଖାନାର କାର୍ଯ୍ୟ ନିର୍ବାହ ନିମନ୍ତେ ଏକ କମିଟୀ ପ୍ରସ୍ତୁତ ହୋଇଅଛି ଓ ନିମ୍ନଲିଖିତ ଭଦ୍ରବର୍ଗମାନେ ତହିଁର ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

୧ କଟକସ୍ଥ ସିଭିଲସର୍ଜନ
୨ କଟକ ମିଉନିସିପାଲିଟୀର ଭାଇସଚେୟାରମାନ
୩ ରାୟ ଯୋଗେଶ୍ୱରଚନ୍ଦ୍ର ଚନ୍ଦ୍ର ବାହାଦୁର
୪ ରେ ଏ, ଏଲ, ଟମ୍ପସନ
୫ କଟକ ଜେନେରଲ ହସପିଟାଲର ଏସିଷ୍ଟାଣ୍ଟ ସର୍ଜନ ବାବୁ ସତ୍ୟେନ୍ଦ୍ର ଦେ
୬ ବାବୁ ଦାମୋଦର ପଣ୍ଡା
୭ ରାୟ ହରବଲ୍ଲଭ ବୋଷ ବାହାଦୁର
୮ ବାବୁ ବିଶ୍ୱନାଥ ଚତୁର୍ଦ୍ଧା
୯ „ ଦମାଧିଚରଣ ମିଶ୍ର
୧୦ „ ଜାନକୀନାଥ ବସୁ
୧୧ „ ଶରତ୍‌ଚନ୍ଦ୍ର ସେନ
୧୨ „ ସୈ, ସାମସେର ଅଲି
୧୩ „ ମଧୁସୂଦନ ମହାପାତ୍ର
୧୪ „ ମୁନସି ସୟଦ ନୁରଲ ହକ

ପୁରୀଜିଲ୍ଲାର ଡାକ୍ତରଖାନା ସମୂହର କାର୍ଯ୍ୟ ନିର୍ବାହକ କମିଟୀରେ ନିମ୍ନଲିଖିତ ସଭ୍ୟମାନେ ନିଯୁକ୍ତ ହୋଇଅଛନ୍ତି ।

ଖୋର୍ଦ୍ଧା ଡାକ୍ତରଖାନା ନିମନ୍ତେ

୧ ପୁରୀସ୍ଥ ସିଭିଲସର୍ଜନ
୨ ଖୋର୍ଦ୍ଧାର ସବ୍‌ଡିଭିଜନାଲ ଅଫିସର
୩ ବାବୁ ଶ୍ରୀଧର ପଟ୍ଟନାୟକ
୪ ଶେଖ ଅହମଦ ମହମ୍ମଦ
୫ ବାବୁ ଚୈତନ ପଟ୍ଟନାୟକ
୬ „ ଗୋପୀନାଥ ଅଧିକାରୀ

ଗୋପ ଡାକ୍ତରଖାନା ନିମନ୍ତେ

୧ ପୁରୀ ସିଭିଲ ସର୍ଜନ
୨ ବାବୁ ଜଗଦୀଶପ୍ରସାଦ ସିଂହ
୩ „ ରାମକୃଷ୍ଣ ପଟ୍ଟନାୟକ

ପିପିଲି ଡାକ୍ତରଖାନା ନିମନ୍ତେ

୧ ପୁରୀ ସିଭିଲସର୍ଜନ
୨ ଗଲହାସ ବଳି ରାୟ
୩ ବାବୁ ଜଗନ୍ନାଥ ପଟ୍ଟନାୟକ
୪ ଟେପଲିର ବାଇକମାଷ୍ଟ୍ରର କଞ୍ଚଗର ସୁପରଭାଇଜର

ସାତପଡ଼ା ( ବାଙ୍କିଆଳ ) ଡାକ୍ତରଖାନା ନିମନ୍ତେ

୧ ପୁରୀସ୍ଥ ସିଭିଲସର୍ଜନ
୨ ସାତପଡ଼ାର ଲୁଣ ଇଲାକାର ଅସିଷ୍ଟାଣ୍ଟ ଇନସ୍ପେକ୍ଟର
୩ ବାବୁ ବୈଦ୍ୟନାଥ ଚନ୍ଦନ ବାଙ୍କିଆଲ
୪ ଗଦାଧର ମାଲବର୍ଗୀର, ଦାନସୁନ

---

ଯେମନ୍ତ ଏ ନଗରରେ ସେମନ୍ତ ଅନେକ ସ୍ଥାନରେ ଏମାସରେ ବୃଷ୍ଟି ପ୍ରାୟ ବନ୍ଦ ନାହିଁ ମାତ୍ର ଜଳର ପରିମାଣ ଊଣା ଅଳ୍ପ । ଏ ସପ୍ତାହରେ ଭଲ ବୃଷ୍ଟି ହୋଇଅଛି ।

ଏ ନଗରରୁ ଓଲାଉଠା ବିଦାୟ ହୋଇ ନାହିଁ । କିନ୍ତୁ ଗତ ସପ୍ତାହଠାରୁ ବିଶେଷ ଊଣା ପଡ଼ିବାର ଜଣା ଯାଇ ନାହିଁ । ମୋଫସଲର କେତେକ ସ୍ଥାନରେ ମଧ୍ୟ ଏ ରୋଗ ରହିଅଛି ।

ଗଡସୋମନାଥଠାରୁ ଡକାୟତି ମୋକଦ୍ଦମାର ବିଚାର ହେଉଅଛି ।

ଧରଢୋଲର ପୂର୍ବ ସବଇନସ୍ପେକ୍ଟରଙ୍କ ନାମରେ ଯେଉଁ ଫଉଜଦାରୀ ମୋକଦ୍ଦମା କେତେକ ମାସ ହେଲା ଚାଲୁଥିଲା ଶ୍ରୀଯୁକ୍ତ ମଜ୍ଜିଦ ସାହେବଙ୍କ ଦସ୍ତରରେ ତାହା ଗତ ସୋମବାର ପ୍ରମାଣ ଅଭାବରୁ ଡିସମିସ ହେଲା ।

ଝୁଲଣଯାତ୍ରା ଗତ କାଲି ଶେଷ ହେଲା । ଏ ନଗରର ଅନ୍ୟାନ୍ୟ ଦେବାଳୟଠାରୁ ଗୋପାଳ ଜିଉଙ୍କ ମଠରେ ଜନତା ଅଧିକ ହୋଇଥିଲା । ରାତ୍ରରେ ବୃଷ୍ଟି ସାମାନ୍ୟ ହେବାରୁ ବିଶେଷ ବ୍ୟାଘାତ ହୋଇ ନାହିଁ ।

ବାଲେଶ୍ୱରର ଡେପୁଟି କଲେକ୍ଟର ବାବୁ ସଚ୍ଚିଦାନନ୍ଦ ଘୋଷଙ୍କ ବସାରୁ ଗତ ତା ୩୦ ଇଖ ଶେଷ ପ୍ରହର ରାତ୍ରରେ ଅଳଙ୍କାର ଓ ଲୁଗାପଟା ଓ ଅଳଙ୍କାର ବାକ୍ସ ଇତ୍ୟାଦି ଚୋରି ଯାଇଥିଲା । ଚୋର ଧରା ପଡ଼ିବାର ଶୁଣି ନାହିଁ ।

ବମ୍ବେଇ ବଙ୍ଗ ଓ ମାନ୍ଦ୍ରାଜର ଛଡ଼ା ଅନ୍ୟ ସମସ୍ତ ସ୍ଥାନରୁ ପ୍ଲେଗ ବିଦାୟ ହୋଇଅଛି । ଗତ ସପ୍ତାହରେ କଲିକତାରେ ୨୯, ବମ୍ବେଇରେ ୫୪ ଏବଂ ମାନ୍ଦ୍ରାଜରେ ୨୧ ମୃତ୍ୟୁ ଘଟିଥିଲା ।

ବମ୍ବେଇ ମାନ୍ଦ୍ରାଜ ଏବଂ ପଞ୍ଜାବରେ ଓଲାଉଠା ରୋଗ ବଢ଼ି ପ୍ରବଳ ହୋଇଅଛି ।

ଆସାମ ପ୍ରଦେଶରେ ବନ୍ୟା ଜଳ ବଢ଼ି ହୋଇ ବହୁ ପରିମାଣ ଗବାଦି ପଶୁ ଘର ଓ ଧାନକୋଠିମାନ ଭାସି ଯାଇଅଛି । ଏଥିରେ ୧୦ ଜଣ ମନୁଷ୍ୟ ମରି ପଡ଼ିବାର ଜଣା ଯାଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ

ଦପଣରାଜା ଶୁଭ ବିବାହାନନ୍ତର ସ୍ୱରାଜ୍ୟକୁ ପ୍ରତ୍ୟାଗମନ କାଳରେ ତାହାଙ୍କର ପ୍ରଜା ଓ କର୍ମଚାରୀମାନେ ତାହାଙ୍କ କରକମଳରେ ନିମ୍ନଲିଖିତ ଅଭିନନ୍ଦନ ପତ୍ର ପ୍ରଦାନ କରିଥିଲେ ଯଥା—

କରୁଣାମୟ ଜଗଦୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ପ୍ରଭୁଙ୍କ ଶୁଭ ପରିଣୟ ନିର୍ବିଘ୍ନ ଓ କୁଶଳରେ ସମାଧାନ କରାଇ ଅଦ୍ୟ ସ୍ୱରାଜ୍ୟରେ ପ୍ରବେଶ କରାଇବାରୁ ଅମ୍ଭେମାନେ ସମସ୍ତ ପ୍ରଜାବୃନ୍ଦ ଓ ଶ୍ରୀ ଶ୍ରୀ ପ୍ରଭୁଙ୍କ ଅନ୍ନରେ ପ୍ରତିପାଳିତ ସମସ୍ତ କର୍ମଚାରୀବର୍ଗ ଅତୀବ ଆନନ୍ଦ ହୃଦୟରେ ଶ୍ରୀ ପ୍ରଭୁଙ୍କୁ ଅଭିବାଦନ କରୁଅଛୁଁ । ତ୍ରେତାଯୁଗରେ ଲଙ୍କା ବିଜୟ ପରେ ପୁଷ୍ପରଥରେ ଶ୍ରୀ ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାଗମନ କାଳୀନ ଯେପରି ଅଯୋଧ୍ୟା ପ୍ରଜାବର୍ଗ ଆନନ୍ଦିତ ହୋଇଥିଲେ ସେହିପରି ଶ୍ରୀ ଶ୍ରୀ ଶ୍ରୀ ପ୍ରଭୁ ଆମ୍ଭମାନଙ୍କ ଜନନୀ ସ୍ୱରୂପ ଶ୍ରୀ ଶ୍ରୀ ରାଣୀ ମହୋଦୟାଙ୍କ ସଙ୍ଗରେ ବାଷ୍ପୀୟ ଯାନରେ ଆଗମନ ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଯେଉଁ ରାଜ୍ୟରେ ଗଣେଶେଶ୍ୱରଙ୍କର ପୀଠସ୍ଥାନ ଯେଉଁ ରାଜ୍ୟରେ ବରୁଣାଇ ଗିରି ମସ୍ତକ ଉତ୍ତୋଳନ କରି ରାଜ୍ୟ ଯଶ ଘୋଷଣା କରୁଅଛି ଏବଂ ଯେଉଁ ରାଜ୍ୟରେ ଅଷ୍ଟଶମ୍ଭୁ ଚରଣ ବନ୍ଦିତ ପଞ୍ଚ ପ୍ରସାଦ ତୁଲ୍ୟ ଝରଣା ଝର୍ଝର ନାଦରେ ରାଜେଶ୍ୱରଙ୍କର ମଙ୍ଗଳ ଗାୟନ କରୁଅଛି ଏମନ୍ତ ପ୍ରକୃତ ଦର୍ପଣାଖ୍ୟ ରାଜ୍ୟକୁ ଶ୍ରୀ ଶ୍ରୀ ପ୍ରଭୁ ବର୍ତ୍ତମାନ ଯୁଗଳ ପିତାମାତା ତୁଲ୍ୟ ପ୍ରଜା ଓ କର୍ମଚାରୀବର୍ଗଙ୍କୁ ପାଳନ କରି ଦୀର୍ଘାୟୁ ହୋଇ ପୂର୍ବ ପରମ୍ପରା ମହାନୁଭବଙ୍କର ଅହର୍ନିଶ ସୁତୁଷ୍ଟ ଚିତ୍ତରେ ରାଜ୍ୟ ପାଳନ କରନ୍ତୁ ।

କଉତଣୀ
୬।୮।୧୯୦୦

ବଶମ୍ବଦ
N—Nand

---

ମହାଶୟ ।

ଗତ ଜୁଲାଇ ମାସ ତା ୨୦ ଇଖ ଶୁକ୍ରବାର ଦିନ ଅପରାହ୍ନ ୫ଟା କି ୬ଟା ସମୟରେ ଅମ୍ଭେ ଦୁହେଁ କଲିକତା କଲେଜଷ୍ଟ୍ରିଟରେ ସ୍ଥିତ ଆଲବାର୍ଟହଲ ଗୃହରେ ଉପସ୍ଥିତ ହୋଇ ଦେଖିଲୁଁ ଯେ ସେଠାରେ ଅନେକ ଯୁବା ଓ ସାନ ସାନ ପିଲା ସମବେତ ହୋଇଅଛନ୍ତି ଓ ବଙ୍ଗଳ ପେରିଣ୍ଟା କ, ସି, ଘୋଷ ନାମକ ଏକ ବ୍ୟକ୍ତି ଛିଡ଼ା ହୋଇ ରସାୟନ ସମ୍ବନ୍ଧୀୟ କେତେକ ବ୍ୟାପାର ସେମାନଙ୍କୁ ଦେଖାଉଅଛନ୍ତି । ତାଙ୍କ କାର୍ଯ୍ୟ ଶେଷ ହେବାପରେ ଜଣେ ବୃଦ୍ଧ ବ୍ରାହ୍ମଣ ପୁରୁଷ ଉଠି କହିଲେ କି ସେ ଗୋଟିଏ ଫଳ ଥରର ଗଳ୍ପ କହିବେ । ସେ ଯାହା କହିଲେ ଶ୍ରୋତାବର୍ଗଙ୍କ ମନକୁ ବଡ଼ ନେଇଥିଲା ଓ ସେମାନେ ଖନ ଖନ କରତାଳି ଦେଉଥିଲେ । ସେ ଯାହା କହିଲେ ଆପଣଙ୍କ ବାଲକ ପାଠକମାନଙ୍କ ଜାଣିବା ନିମନ୍ତେ ତଳେ ଲେଖିଲୁଁ ।

ସେ କହିଲେ ଯେ ତାଙ୍କ ବାପାଙ୍କଠାରୁ ଶୁଣି ଥିଲେ କି ତାଙ୍କର ବାପାଙ୍କ ମାମୁ ଯେପର୍ଯ୍ୟନ୍ତରେ କାର୍ଯ୍ୟ ଉପଲକ୍ଷରେ ଥିଲେ ସେ ଭ୍ରମଣ କରୁଁ କାବୁଲରେ ଉପସ୍ଥିତ ହେଲେ । ସେଠାରେ ଜାଣିଲେ ଯେ ପାର୍ବତୀୟ କାବୁଲୀମାନେ ଯେଉଁମାନେ ଏ ଦେଶକୁ ଅଞ୍ଜି ଫଳ ଇତ୍ୟାଦ ଭକ୍ଷି

Digitized by srujanika@gmail.com

Split by PDF Splitter



କରନ୍ତି । ସେମାନେ ଫଳ ଦେଖାଇ ପିଲ୍ଲମାନଙ୍କର ଲୋଭ ଜନ୍ମାଇଁ ପିଲାମାନେ ତାଙ୍କ ନିକଟକୁ ଆସିଲେ ସେମାନଙ୍କୁ ଆପଣା ଝୁଲି ଭିତରେ ପୂରାନ୍ତି । ତତ୍ପରେ ଆପଣା ଦେଶକୁ ନେଇ ଯାଇ ମେର୍ଦ୍ଧ୍ୱା ବା ଫଳ ବଗିଚ ସବୁରେ ସେମାନଙ୍କୁ ଛାଡ଼ ଦିଅନ୍ତି । ପିଲମାନେ ସେଠାରେ ମେର୍ଦ୍ଧ୍ୱା ଖାଇ ହୃଷ୍ଟପୁଷ୍ଟ ହେଲେ ସିଅଟ୍ଟେର୍ଣ୍ଣି ବଡ଼ ୨ କସାଇ ନିର୍ଥ ଉପରେ ବସାଇ ଉକ୍ତ ପିଲ୍ଲମାନଙ୍କ ଗୋଡ଼ ଉପରିକୁ ଓ ମୁଣ୍ଡ ତଳକୁ କରି ଉକ୍ତ ସିଥ କସ୍ୱାଇ ଉପରେ ଟାଙ୍ଗି ଦିଅନ୍ତି, ପିଲ୍ଲମାନଙ୍କ ମୁଣ ଓ ନାକରୁ ରକ୍ତ ବାହାର ସିଥ କସ୍ୱାଇରେ ପଡ଼ ପିଠା ପରି ହୁଏ, ଉକ୍ତ ପିଠା ତାଙ୍କ ରଜା ଓ ହତ ପଦସ୍ଥ ବ୍ୟକ୍ତିମାନେ ଆହାର କରନ୍ତି । ଏହି କାହାଣି ସେ ତାଙ୍କ ବାପାଙ୍କଠାରୁ ଶୁଣିଥିଲେ ମାତ୍ର ଏହା ବାସ୍ତବରେ ସତ୍ୟ ନୁହେ । ମାତ୍ର ଛୁତ୍ରରେ ପିଲ୍ଲଧରା ଅଛନ୍ତି ସେହିମାନେ ବ ପିଲ୍ଲମାନଙ୍କର ଅନେକ ଅନିଷ୍ଟ କରନ୍ତି । ସତ୍ୟ ପିଲାଧରାମାନେ ପିଲ୍ଲମାନଙ୍କ ହୃଦୟରେ ବାସ କରନ୍ତି, କେହି ସେମାନଙ୍କୁ ଚର୍ମ ଚକ୍ଷୁରେ ଦେଖି ପାରନ୍ତି, ସେମାନେ ପାପ ନାମକ ରଜାଙ୍କ ଅନୁଚର, ସେମାନଙ୍କ ନାମ ଲୋଭ, କ୍ରୋଧ, ହିଂସା ଇତ୍ୟାଦି ସେମାନେ ପିଲ୍ଲମାନଙ୍କ ଖାଇବା, ଖେଳିବା, ପଢ଼ିବା ଇତ୍ୟାଦି ବେଳେ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ଅପଣା କାର୍ଯ୍ୟ ସାଧନ କରନ୍ତି ।

ଅନ୍ୟ ପିଲ୍ଲଙ୍କୁ ଉତ୍ତମ ବେଶ ଭୂଷାରେ ବନ୍ଧା ହୋଇ ଯିବାର ଲୋକଥିବାର ଦେଖିଲେ ପିଲ୍ଲମାନଙ୍କ ମନରେ ହିଂସା ପ୍ରବେଶ କରି ସେମାନଙ୍କୁ କହେ କି ତୁମର ବାହାର କପଡ଼ ପୋଷାକ ଓ ଜିନସ ଭୂଷଣର ସେପରି ନାହିଁ ତୁମ୍ଭେ ତାହା ଚୋରିକରି ଅଥବା ଅନ୍ୟ ପ୍ରକାରେ ନଷ୍ଟ କରିଦିଅ । ସେହି ପରି ଭଲ ଖାଦ୍ୟଦ୍ରବ୍ୟ ଦେଖିଲେ, ଲୋଭ କହି ଦିଏ କି ଏହି ସମୟରେ କେହି ନାହିଁ ଶୀଘ୍ର କରି ସେ ଜିନଷଟି ଖାଇ ଦିଅ । ସନ୍ଧ୍ୟା ସମୟରେ ପଢ଼ିବା ବେଳେ ଛତ୍ରୀଅଲେ, କାଠ, ମାଆ କ ପଢ଼ି କ ସବାରେ ରନ୍ଧନ ସମସ୍ତ ନଷ୍ଟ କରୁଅଛ କହିଲେ କ୍ରୋଧ ଉପସ୍ଥିତ ହୋଇ ପିଲ୍ଲମାନଙ୍କ ଉତ୍ତେଜିତ କରିଦିଏ । ଏହିପରି ହିଂସା, ଲୋଭ, କ୍ରୋଧ ଇତ୍ୟାଦି ସୁବିଧା ପାଇଲେ ପିଲ୍ଲମାନଙ୍କୁ ଉତ୍ତେଜିତ କରି ଆପଣା ଦିଗକୁ ଆକର୍ଷଣ କରନ୍ତି, ପିଲ୍ଲମାନେ ପାଖକୁ ଆସିଲେ ଝୁଲି ମଧ୍ୟରେ ପୂରାଇ ଅପଣା ରଜା ପାପ ନିକଟକୁ ନେଇ ଯାଆନ୍ତି । ପାପରଜା ତାହା ପାପ କାର୍ଯ୍ୟଦ୍ୱାରା ପିଲ୍ଲମାନଙ୍କ ପାପ ପ୍ରବୃତ୍ତିକୁ ହୃଷ୍ଟପୁଷ୍ଟ କରାଇ ପିଲ୍ଲମାନଙ୍କୁ ଅପଣାର ଆହାରର ଉପଯୋଗୀ କରେ । ଯେମନ୍ତ ପିଲ୍ଲମାନେ ବିପଦରେ ପଡ଼ ବାପକୁ ଡ଼ାକିଲେ ବାପ ଆସି ସେମାନଙ୍କୁ ଉଦ୍ଧାର କରନ୍ତି ସେହିପରି ପାପ ରଜାଙ୍କ ଅନୁଚର ବର୍ଗଙ୍କ ହାତ ଧରା ହେଲେ ସେମାନେ ବାପକୁ ଡ଼ାକିଲେ ଉଦ୍ଧାର ପାଇ ପାରନ୍ତି । ବାହୁଲି ପର ମନୁଷ୍ୟମାନଙ୍କ ହାତରୁ ତାଙ୍କ ପାଳିତ ପିତା ଉଦ୍ଧାର କରି ପାରନ୍ତି ମାତ୍ର ପାପରଜାଙ୍କ ଅନୁଚରଙ୍କଦ୍ୱାରା ଧୃତ ହେଲେ ସେମାନଙ୍କୁ ସ୍ୱର୍ଗୀୟ ପିତା ପରମେଶ୍ୱରଙ୍କୁ ଡାକିବାକୁ ହେବ । ଏହି କଥାମାନ ସେ ଏପରି ରଙ୍ଗଢଙ୍ଗରେ କହୁଥିଲେ ଯେ ଶୁଣିବାକୁ ବଡ଼ ମନୋହର ହୋଇଥିଲା ।

ଏଥି ଉତ୍ତାରୁ ପ୍ଲେଟର ଉଇଲ୍ସନ ନାମକ ଜଣେ ମାରବନ ଦେଶୀୟ ସାହେବ ପିଲ୍ଲମାନଙ୍କୁ କେତେକ ସଦୁପଦେଶ ଦେଇଥିଲେ ସେ କହିଲେ କି ତିନିଗୋଟି କଥା ପିଲ୍ଲମାନେ ସ୍ମରଣ ରଖିବେ । ୧ ମରେ ଜ୍ଞାନ ଉପାର୍ଜ୍ଜନରେ ସମସ୍ତଙ୍କର ଯତ୍ନବାନ୍ ହେବାର ଉଚିତ । ଏ ସମ୍ବନ୍ଧରେ ସେ କହିଲେ କି ଜଣେ ପଣ୍ଡିତ ଧନୀ ବ୍ୟକ୍ତିଙ୍କୁ ସେ ପଚାରିଲେ କି ତାଙ୍କର ଯେତେ ଧନସମ୍ପତ୍ତି ଅଛି ସେ ଅବଶ୍ୟ ସର୍ବଦା ଆନନ୍ଦରେ ଥିବେ । ଏହିକୁ ସେ ଉତ୍ତର କଲେ ତାଙ୍କ ତୁଲ୍ୟ ଦୁଃଖୀ କେହି ନାହିଁ, ତାଙ୍କର ଯାହା ଅଛି ସେ ସବୁ ବାହାର ଦ୍ରବ୍ୟ, ତାଙ୍କର ଭିତର ଘରକାର, ମନର ସମ୍ପତ୍ତି ତାଙ୍କର କିଛି ନାହିଁ ସେ କେବଳ ବାହ୍ୟଦ୍ରବ୍ୟ ସଂଗ୍ରହରେ ସମୟ କଟାଇଅଛନ୍ତି । ୨ୟରେ ସେ କହିଲେ କି ଯାହା କରିବ ଖୁବ ଭଲ କରି କରିବ । ୩ୟରେ ସେ କହିଲେ କି ମନୁଷ୍ୟର ସତ୍ ଓ ମହତ ସ୍ୱଭାବାନ୍ୱିତ ହେବାର ଉଚିତ ତାହା ନ ହେଲେ ବିଦ୍ୟା ଇତ୍ୟାଦି ସବୁ ବ୍ୟର୍ଥ ।

ଏଥି ଉତ୍ତାରୁ ପିଲ୍ଲମାନଙ୍କୁ ଶ୍ରୀଫଳ ଦେଖାଇବାକୁ ହେଲା ।

ଅମ୍ଭେ ପରେ ବୁଝିଲୁଁ ଯେ ଏ ଗୋଟିଏ ବ୍ରାହ୍ମ ବାଲକମାନଙ୍କର "Prayer Meeting" ଥିଲା । ଏହିପରି ତାଙ୍କର ଆଉ କେତେକ Prayer Meeting ହୋଇ ଯାଇଅଛି ଓ ହେଉଅଛି ।

ଅମ୍ଭେ ଉପରେ ଯାହା ଲେଖିଲୁଁ ସେଥିରୁ ବ୍ରାହ୍ମମାନେ ପିଲ୍ଲମାନଙ୍କ ମଙ୍ଗଳ ନିମନ୍ତେ କ କରୁଅଛନ୍ତି ଜାଣି ପାରିବେ । ଇତି ।

ଅପଣଙ୍କର
ଜଣେ ବନ୍ଧୁ ।

ମୂଲ୍ୟପ୍ରାପ୍ତି ।

ବାବୁ ମଦନମୋହନ ପଟ୍ଟନାୟକ ମାନେଜର କଟକ୍ସ ୫ ୧ (
" କମଲଲୋଚନ ନାୟକ । ସା । ବୃନ୍ଦେଶ୍ୱର । ପ୍ର । କୋଦାଣ୍ଡ । ଜି । କଟକ ୫ ୧॥
" ବାଲ୍ମୀକିପ୍ରଭୁ ବର୍ମନ କଟକ ୫ ୩ (
" ଦେବନାଥ ଗୋସ୍ୱାମୀ ୫ ୯ (
" ହରେକୃଷ୍ଣ ପଟ୍ଟନାୟକ ତଣାହା । ବାଲପାଟଣା ପୋଃ ଅଃ ୦ ୩ (
" ନାବପୂଜ୍ୟ ବେହେରା ବାଲେଶ୍ୱର ପୋଃ ଅଃ ୧ ୦ (

# ବିଜ୍ଞାପନ ।

ଏ ଜେଲ୍ଲା ନିମ୍ନଲିଖିତ ମୌଜା ହାଟ ପେଣ ଓ ବନଜାତ ଫଳଓଗେର ସନ ୧୩୦୮ ସାଲ ବାର୍ଷିକ ସର୍ତ୍ତାରେ ଜଜକୋର୍ଟ ସବଡିଭିଜନରେ ଭଦ୍ରକମହଲ ତା ୨୨ ଖ ଜୁଲାଇ ବୁଧବାର ବେଳ ଘ ୧୨ ଟା ସମୟରେ ପ୍ରକାଶ୍ୟସ୍ଥଳରେ ନିଲାମ କରାଯିବ । ଗ୍ରାହକମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିପାରିବେ ।

ତଫସିଲ ।

୧ । କନ୍ଦୋଲ ହାଟ
୨ । ବ୍ରହ୍ମପୁର ହାଟ
୩ । ବ୍ରହ୍ମପୁର ପେଣ୍ଠ
୪ । ପାଇକସ୍ୱପୁର ପେଣ୍ଠ
୫ । କନଉପୁର ପେଣ୍ଠ
୬ । ମେଘାଇକା ବନ୍ଦିଦାସ
୭ । କୋଠଲ୍ଲ ଓଗେର ବନ୍ୟଫଳ
୮ । ଯବଖାର
୯ । ମାହାଳପଠା ଓ ଜମପଠା ପଟ୍ଟି
୧୦ । ଭଣ୍ଡିପଠା ପଟ୍ଟି
୧୧ । ମାହାଲପଠା ପାଣ୍ଡି
୧୨ । ମାହାଲପଠା ଭଣ୍ଡି
୧୩ । ମାହାଲପଠା ବଂଶାଉନଲ ଖାର
୧୪ । ମାହାଲପଠା ଓଗେର ଗୋଲ୍ଲ ମହିଷଚରାଇ
୧୫ । ଜବେଗାଜଲା କୃଷ୍ଣଦେବ ଓ ଭରତନର
୧୬ । ପ୍ରବାସୀ
୧୭ । କଟକ ବଣ୍ଡିଦାସ

୧୬ । ଅଠଗଡ ସ୍ତଳଥାନ । ୧ । ୮ । ୧୯୦୦ — Gunanidhi Das, Manager.

ଇଣ୍ଟ୍ରାନ୍ସମେଣ୍ଟ, ଅପରପ୍ରାଇମେଣ୍ଟ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଉପସ୍ଥ

Digitized by srujanika@gmail.com

Split by PDF Splitter



ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ସ୍ବତ୍ବର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

## ଅଲଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ସଚିବ କୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ଦେବ ମହୋଦୟ ପ୍ରଣୀତ "ଅଲଙ୍କାର ସାର" ନାମକ ପୁସ୍ତକ ଭାଷାବିଷୟକ ଜ୍ଞାନବୃଦ୍ଧି ମାନସେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟୁପାଦେୟ ହୋଇଥିବା କଥା ଉତ୍କଳଭାଷାପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ବୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଆଶାତୀତ ସୁଲଭ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୨।୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ସଭା ପର୍ବ | ଟ ୨୲ |
| ୩ ବନ ପର୍ବ | ଟ ୨୲ |
| ୪ ବିରାଟ ପର୍ବ | ଟ ୨। |
| ୫ ଉଦ୍ୟୋଗ ପର୍ବ | ଟ ୧। |
| ୬ ଭୀଷ୍ମ ପର୍ବ | ଟ ୧। |
| ୭ ଦ୍ରୋଣ ପର୍ବ | ଟ ୧। |
| ୮ କର୍ଣ୍ଣ ପର୍ବ | ଟ ୧୧ |
| ୯ ଶଲ୍ୟ ପର୍ବ | ଟ ୦।୷ |
| ୧୦ ଗଦା ପର୍ବ | ଟ ୦ ୷ |
| ୧୧ ସୌପ୍ତିକ ପର୍ବ | ଟ ୦। |
| ୧୨ ନାରୀଶିକ୍ଷା ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ରାଜ୍ୟ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ବମେଧ ପର୍ବ | ଟ ୦୲ |
| ୧୭ ମୂଷଳୀ ପର୍ବ | ଟ ୦।୷ |
| ୧୮ ସ୍ବର୍ଗାରୋହଣ ପର୍ବ | ଟ ୦। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୦ ମସିହା ଅଗଷ୍ଟ ମାସ ତା ୧୬ ଉଖଠାରୁ ସନ ୧୯୦୦ ମସିହା ମାର୍ଚ୍ଚମାସ ତା ୩୧ ଉଖ ପର୍ଯ୍ୟନ୍ତ ବର୍ଷ ୦ ମା ୮ ସ ନିମନ୍ତେ ସନ ୧୯୦୦ ମସିହା ଅଗଷ୍ଟ ମାସ ତା ୧୫ ଉଖ । ମୁ । ସନ ୧୩୦୭ ସାଲ ଭାଦ୍ରବ ମାସ ୧ ନ ଦିବା ଘ ୧୨ ଘଣ୍ଟା ସମୟରେ କଟକ ସଦର ଲୋକେଲ ବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୂରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଉଠିବା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜର-ସମନର ଚତୁର୍ଥାଂଶ ଜାମିନ ସ୍ବରୂପ ଅବିଳମ୍ବେ ଦାଖଲ କରିବେ ଓ ବାକୀ ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜାରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଇଜାରା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ଖତମତେ କବୁଲିୟତ୍ ଲେଖିଦେଇ ରେଜିଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଉପାର୍ଜିତ ଜବତ କରି ଦେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

| ଥାନା କଟକ | ଥାନା ଜଗତସିଂହପୁର |
|---|---|
| ୧ । ବରବାଟୀ | ୧ । ବାଲିଆ |
| ୨ । ତେଲଙ୍ଗାପେଣ୍ଠ | ୨ । ସଙ୍କାଉସାହି |
| ୩ । ବାରଙ୍ଗ | ୩ । ଗୋବର୍ଦ୍ଧନପୁର |
| ୪ । ପାଥପୁର | ୪ । ଜଗତସିଂହପୁର |
| ୫ । ଟାଙ୍ଗି | ୫ । କସର୍ଦ୍ଦା |
| | ୬ । ଝିଙ୍କିରୋଳ |
| **ଥାନା ବାଙ୍କୀ** | ୭ । ଜିଆଲି |
| ୧ । ଓଳିଁକା | ୮ । ମାଧବ |
| ୨ । ତୁଳସୀପୁର | ୯ । ରାଜହିପୁର |
| ୩ । ପଟୁଆପଡ଼ା | ୧୦ । ସୁତ୍ରକଣ୍ଡ |
| ୪ । କଲାପଥର | ୧୧ । ରଘୁନାଥପୁର |
| ୫ । ବୈଦ୍ୟେଶ୍ୱର | ୧୨ । ବାଲିକୁଦା |
| ୬ । ସୁବର୍ଣ୍ଣପୁର | |
| ୭ । ଗୋଲପୁର | **ଥାନା ତିର୍ତ୍ତୋଲ** |
| ୮ । ଭଗିପୁର | ୧ । ଝଙ୍କଡ ଜୟପୁର |
| | ୨ । ନଡକପୁର |
| | ୩ । ନୟପାଟଣା |
| | ୪ । ଗଡନୂପର |

**ଥାନା ସାଲେପୁର**

| | |
|---|---|
| ୧ । ପଦ୍ମପୁର | ୬ । ସବଳକଣ୍ଡା |
| ୨ । ସାଲେପୁର | ୭ । ଅମ୍ବରେଶ୍ୱର |
| ୩ । ବନ୍ଧନ ଥପୁର | ୮ । ନଗସପୁର |
| ୪ । ମୌଦା | ୯ । ନରେନ୍ଦ୍ରପୁର |
| ୫ । ଖନ୍ଦୋଳ | ୧୦ । କଲେଶ୍ୱରପୁର |

Mayadhur Das
*Vice-Chairman.*

## ADVERTISEMENT,

Wanted a Sub-Inspector for the Mourbhanj Police on Rs. 25 rising to Rs. 30.

Candidates must have a fair knowledge in English and Uria, should be of good character, and of requisite height and chest measurement; Preference will be given to those who know Police work well.

Applications with testimonials will be addressed to the Superintendent of Police, Mourbhanj before the 31st August 1900.

Baripada Police office.
29-7-1900.

J. E. Huggins
Inspector in charge

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ

ସୁପ୍ରସିଦ୍ଧ କବିରାଜ ଏମ୍, ଡ, ପାଲଙ୍କର
ଜଗତ୍ର ଜଣ୍ୟାତ ପାଗ୍ ସଂହାରକ ଓ ଖତ,
ଚର୍ମ୍ମ ରୋଗ ନାଶକ,

### ଚର୍ମ୍ମେଶ୍ୱର-ତୈଳ ।

ସମଗ୍ର ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ତେବେ ବ୍ୟବହାର କରନ୍ତୁ, ଏପରି କଠିନ ଓ କୁତ୍ସିତ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଗାତ୍ରସ୍ଥ ଓ ଅନ୍ତରସ୍ଥ ପାଗ୍, ପାଗର ଘା, ଗାଣ୍ଠି ଫଟା, ଖଡି ଓ ଖୋଲସ ଉଠା, ଗାତବାନ୍ଧ, ବେଦନା ଓ ବାତ ଏବଂ ସର୍ବପ୍ରକାର ଖତ ଓ ଉପଦଂଶ ବିଷ ଏବଂ ଖତଅଦ ରୋଗ ସମୂଳେ ନିର୍ମ୍ମୂଳକାରକ ଓ ଦେହ ମସୃଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ।୵ ବଡ଼ଶିଶି ଟ ୬୲ ମାସୁଲ ଟ ୧୵

ସର୍ବପ୍ରକାର କଠିନ ରୋଗ ନାଶକ

### ଚନ୍ଦ୍ରପାଣି-ମାଲିସା ।

ଏହାର ଗୁଣର ବିଷୟ ଅଧିକ କ କହିବା ଡାକ୍ତରଅଦ ଚିକିତ୍ସକଗଣ, ରୋଗ ଦଶେଷରେ ଏହି ମହୌଷଧ ପ୍ରିସ୍କ୍ରିପସନରେ ବ୍ୟବସ୍ଥା କରନ୍ତି । ଏହା ଦେଶୀ ଗଛ ଉଭିଦରେ ପ୍ରସ୍ତୁତ, ସେବନର ଜନ୍ମ ଧରା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳପ୍ରକାର ସାଲସା ଅପେକ୍ଷା ଶୀଘ୍ର ଫଳଦାୟକ । ଏବଂ ସର୍ବପ୍ରକାର କଠିନ ଓ ପୁରାତନ ରୋଗର ଧନ୍ୱନ୍ତରୀ ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, କାଶ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ରକ୍ତଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଅଦ ସମୂଳରେ ନିର୍ମ୍ମୂଳକାରକ ଓ ଦୂଷିତ ରକ୍ତ ସଂଶୋଧକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦ ।୵ ଦୁଇଶିଶି ଟ ୬। ମାସୁଲ ଟ ୧୵ ତିନଶିଶି ଟ ୩। ମାସୁଲ ଟ ୧।୵, ୧୨ ଶିଶି ଟ ୧୬ ମାସୁଲ ଟ ୩।୵

### ଉତ୍କଟ ଦମା ଓ କାଶ

#### ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାଶ, ଦମାକାଶ, ଯକ୍ଷ୍ମକାଶ, ରକ୍ତଉଠା କାଶ, ଶୁଷ୍କକାଶ, ଜୀର୍ଣ୍ଣକାଶ, ଓ ବିବିଧ ଉପସର୍ଗ ଯୁକ୍ତ କାଶ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ତଭିନ୍ନ ହୃଦୟରେ ଶ୍ଳେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସ୍ୱରଭଙ୍ଗ, ବେଦନା ଗୁଡିକ, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଅଦ ଉପସର୍ଗ ସକଳ ଉପଶମ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୲ ବଡ଼ କୌଟା ଟ ୧୲ ମାସୁଲ ଟ ୦।୵ । (ଅସଂଖ୍ୟ ପ୍ରଶଂସାପତ୍ର ଛାପିବ ।)

ନ ୯୭ ନମ୍ବର ଦୁର୍ଗାଚରଣ ମିତ୍ରର ଷ୍ଟ୍ରିଟ,
ବାଗବଜାରପାଡ଼ା, କଲିକତା ।
ଏସ୍, ଡ, ପାଲର ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ସୁପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ ।

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ଚମ୍ପକଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଶୁଭମେଳା; ମଞ୍ଜୁସ୍ରୀ; ଜାମିନୀ; ରଜନୀଗନ୍ଧା; ମଲ୍ଲିକା; ହେଲଓ୍ୱୋଟ୍; ହ୍ୱାଇଟ୍ ରୋଜ୍; କସମସ ରୋଜ୍; ବେଣାରେକ୍; କୁମୁଦିନୀ; ମିଶ୍ରକୁସୁମ; ହେନାକୁସୁମ; ପାରିଜାତ-କୁସୁମ; ଇଲେକ୍ଟ୍ରିସିଟି ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ଆଠଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇଦେଲେ ଗୁଣ୍ଡି ମଧୁରତର ହେବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସରବତ ଅଥବା ସିରପ୍ !

ଗ୍ରୀଷ୍ମକାଳ ସମୟରେ ଏହାଠାରୁ ଉତ୍କୃଷ୍ଟ ଜିନିଷ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମ୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୵ |
| ଅଧସ୍ତମ୍ଭକୁ | ଟ ୬୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ସୁଦ୍ଧା ଖର୍ଚ୍ଚ ଟ ୦ ୲ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଚଉଧୁରୀବଜାର ଗୁଡ଼ିଆ ଜମାଲ ଇମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ ମୁନିବଙ୍କର ମଙ୍ଗଳାବାଗ ସଦର କଟକରେ ଥିବା କାଷ୍ଠ ଗୋଲାରେ ନିମ୍ନଲିଖିତ ଦ୍ରବ୍ୟମାନ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି, ଯେ କୌଣସି ଦ୍ରବ୍ୟ ନବା ନିମନ୍ତେ ଅଡର ଦେବେ ତାହା ମିଆଦ ମଧ୍ୟରେ ତିଆର କରାଇ ଦିଆଯିବ କେତା ମହାଶୟମାନେ ଥରେ ପରୀକ୍ଷା କରି ଦେଖନ୍ତୁ ।

ତପସିଲ ।

୧ । ଅଦତକାଷ୍ଠ—ଶାଳ, ପିଆଶାଳ, ହିସ ବାନ୍ଦର୍ଓଗେର ।

୨ । ସେଣି, କରଗା, କଡ଼ି, ତକ୍ତାଓଗେର ନାନାଜାତି ।

୩ । ଚୌକି, ଅଲମାରି, ବେଞ୍ଚ, ପଲ୍ୟଙ୍କ, ସିନ୍ଧୁକ ନାନାଜାତି କବାଟ, ଚୌକାଠ, ଆଉ ଯେ ଯେଉଁ କାର୍ଯ୍ୟର କରାଇ ନେଇ ଅଡର ଦେବେ ତାହା ଅକ୍ଲେଶରେ ସୁଲଭମୂଲ୍ୟରେ ଯଥା ସମୟରେ ପ୍ରସ୍ତୁତ କରାଇ ଦିଆଯିବ ମିଆଦ ଗତ ହେବ ନାହିଁ ଜନିସ ଖରାପ ହେବ ନାହିଁ ।

ପାଲିକିଗାଡ଼ି, ବଗି, ସବାରି ପ୍ରଭୃତି ବିକ୍ରୟ ହେଉଅଛି ।

| | |
|---|---|
| ମଙ୍ଗଳାବାଗ<br>କଟକ<br>। ଜା । ହିଣ୍ଡୋଲ<br>ରାଜାଙ୍କ କାଷ୍ଠ<br>ଗୋଲା । | ଶ୍ରୀ ଲକ୍ଷ୍ମୀଧର ମହାନ୍ତି<br>ହେଶୀପୃଭ<br>ନିଃ ରାଜା । ବ । ହିଣ୍ଡୋଲ |

## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଜିଲ୍ଲାର ଥିବା ନିମ୍ନଲିଖିତ ସରକାର ବାହାଦୂରଙ୍କର ମାଲିକ ସ୍ଵତ୍ଵ ଭୂସମ୍ପତ୍ତି ସନ ୧୯୦୦ ସାଲ ସେପ୍ଟେମ୍ବର ମାସ ତା ୧୦ ରଖ । ମୁ । ସନ ୧୩୦୮ ସାଲ ଭାଦ୍ରବ ମାସ ତ ୨୭ ତ ସୋମବାର କଟକ କଲେକ୍ଟରୀ ହଜୁରରେ ଲିଖିତ ସର୍ତ୍ତ ଅନୁସାରେ ପ୍ରକାଶ୍ୟରୂପେ ନିଲାମ କରାଯିବ ।

ବିକ୍ରୟର ସର୍ତ୍ତ ଯଥା ।

୧ । ଏହି ଭୂସମ୍ପତ୍ତିମାନ ନିଲାମ ସମୟରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଯେ ମୂଲ୍ୟ ନିର୍ଦ୍ଧାରିତ କରିବେ ଯେଉଁ ବ୍ୟକ୍ତି ତାହା ଉପରେ ସର୍ବାପେକ୍ଷା ବେଶୀ ମୂଲ୍ୟରେ ନିଲାମ ଡାକିବେ ତାଙ୍କୁ ବିକ୍ରୟ କରାଯିବ । ଉକ୍ତ ଭୂସମ୍ପତ୍ତିମାନଙ୍କର କେତାମାନଙ୍କୁ ତହିଁର ମାଲିକ ଜ୍ଞାନ କରାଯିବ ଏବଂ ଉକ୍ତ ସମ୍ପତ୍ତିମାନଙ୍କରେ ସରକାର ବାହାଦୂରଙ୍କ ମାଲିକ ସ୍ଵତ୍ଵ ସମ୍ପୂର୍ଣ୍ଣରୂପେ ସେମାନଙ୍କଠାରେ ପ୍ରବର୍ତ୍ତିବ ଏବଂ ଉକ୍ତ ସମ୍ପତ୍ତିରେ ନିର୍ଦ୍ଧାରିତ ରାଜସ୍ଵ ଚିରକାଳ ସରକାରେ ଆଦାୟ କରିବାକୁ ବାଧ ହେବେ ।

୨ । ଏହି ନିଲାମ ସମ୍ପତ୍ତିରେ ବର୍ତ୍ତମାନ ଥିବା ପ୍ରଜା ସ୍ଵତ୍ଵ ଏବଂ ସେଟଲମେଣ୍ଟ ଓ ପ୍ରଚଳିତ ଆଇନ ଅନୁସାରେ ପ୍ରଦତ୍ତ ସ୍ଵତ୍ଵ ବାହାଲ ରହିବ ଏବଂ ରାଜସ୍ଵ ବିଭାଗର କର୍ମଚାରୀଙ୍କଦ୍ଵାରା ପ୍ରସ୍ତୁତ ଜମାବନ୍ଦି ଫର୍ଦ୍ଦରେ ଯେଉଁ ବାସିନ୍ଦା ପ୍ରଜାମାନେ ଦସ୍ତଖତ କରିଥିବେ ସେମାନଙ୍କର ସ୍ଵତ୍ଵ ପ୍ରବଳ ରହିବ ।

୩ । ଯଦ୍ୟପି ନିଲାମି ଜରିମାନ ଟ ୧୦୦୦ରୁ ଅଧିକ ନ ହୁଏ ତାହା ହେଲେ ସମୁଦାୟ ଟଙ୍କା ତତ୍‌କ୍ଷଣାତ୍ ଦେବାକୁ ହେବ ।

୪ । ଯଦ୍ୟପି ନିଲାମି ଜରିମାନ ଟ ୧୦୦୦ଙ୍କାରୁ ବେଶି ହୁଏ ତାହା ହେଲେ ଏକଚତୁର୍ଥାଂଶ ଟଙ୍କା ତତ୍‌କ୍ଷଣାତ୍ ଜମା କରିବାକୁ ହେବ ଯଦ୍ୟପି ବାକି ଟଙ୍କା ନିଲାମ ଦିବସଠାରୁ ୧୫ ଦିବସ ପୂର୍ବାହ୍ନରେ ଦାଖଲ ନ ହୁଏ କିମ୍ବା ଯେବେ ଉକ୍ତ ଦିନ କୌଣସି ଛୁଟିଦିନ ହୁଏ ତେବେ ତତ୍ ପରବର୍ତ୍ତୀ ପ୍ରଥମ ଅଫିସ ଦିବସ ପୂର୍ବାହ୍ନରେ ଦାଖଲ ନ ହୁଏ ତାହା ହେଲେ ନିଲାମ ରଦ ହେବ ( ଦାଖଲ ହୋଇଥିବା ଟଙ୍କା ଜପ୍ତ କରି ସରକାର ବାହାଦୂର ନେବେ ) ଏବଂ ଉକ୍ତ ଭୂସମ୍ପତ୍ତିମାନ ପ୍ରଥମ ନିଲାମ ସମୟରେ ଯେଉଁପରି ବିଜ୍ଞାପନ ଦିଆହୋଇଥିଲା ସେହିପରି ବିଜ୍ଞାପନ ଦିଆହୋଇ ଟଙ୍କା ଦାଖଲ କରି ନ ଥିବା କେତାଙ୍କ ଦାୟିତ୍ଵରେ ପୁନର୍ବାର ନିଲାମ କରାଯିବ ।

| ସେଟଲମେଣ୍ଟ ଖତିୟାନ ନମ୍ବର । | ପ୍ରଗନା ଓ ମହାଲର ନାମ । | ଏକର ସଂଖ୍ୟାରେ ଜମିର ଅନ୍ଦାଜ ପରିମାଣ । | ନିର୍ଦ୍ଧାରିତ ସରକାରଙ୍କ ରାଜସ୍ଵ | ମନ୍ତବ୍ୟ । |
|---|---|---|---|---|
| ୧୦୩/୨୨୮<br>୧୦୩/୨୨୯<br>୯୯/୨୩୦<br>୧୦୩/୯୯<br>୨୩୫ | କିଲ୍ଲା ଦର୍ପଣ । ମୌ । ଲୁଅରପୁରରେ ଥିବା କେନେଲ ନମ୍ବର ଜମି । | ଏ ୩୬୧ | | ହାଇଲେଭଲ କେନାଲର ରେଞ୍ଜ ନ ୧ ମୁଭ ନ୧୧ମୁଭ ଶାଖାନାଲର ଶେଷ ଭାଗ ଜମି ଗୋଟିଏ ସ୍ଵତନ୍ତ୍ର ବନ୍ଦୋବସ୍ତି ମହାଲ ସ୍ଵରୂପ ବିକ୍ରୟ କରାଯିବ । |
| ୧୨୩ଲ<br>୧୨୨<br>୧୫୯<br>୧୨୮<br>୧୯୩<br>୧୫୫<br>୨୨୫ | । ପ୍ର । ଉଦ୍ଧବଅରିଶପୁର । ମୌ । ଦାମୋଦରପୁରରେ ଥିବା କେନେଲ ନମ୍ବର ଜମି । | ଏ ୨୧୩ | ଟ ୮୧ଙ୍କା | |
| ୮୫ଲ<br>୮୮<br>୮୨<br>୪୪୪ | । ପ୍ର । ଉଦ୍ଧବଅରିଶପୁର । ମୌ । ବଲକଣାରେ ଥିବା କେନେଲ ନମ୍ବର ଜମି । | ଏ ୨୨୪ | | |
| | ମୋଟ | ଏ ୮୫୮ | ଟ ୮୧ଙ୍କା | |

Collector's office
District Cuttack,
The 28th July, 1900.

J. L. HERALD,
Collector,

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଯାଦୁଗିରି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୬ ଛ ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୃହ- ଅଣା ମାତ୍ର ।

ସର୍ବସ୍ଥକାର ଦଦ୍ରୁ ରୋଗର ଏହାପରି ଉତ୍କୃଷ୍ଟ ପୂର୍ଣ୍ଣ ଜ୍ୱାଳା ଯନ୍ତ୍ରଣା ବିହୀନ ଅଣ୍ଡ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲ୍ଲା ଏବ ତାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତସ୍ଥାନ
ଶ୍ରୀ ରାମଚାନ୍ଦ୍ର ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର

## ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରାରେ ପ୍ରଶ୍ନ ସନ୍ନିବେଶ୍ଣ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ସକଳ ଶ୍ରେଣୀର ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପ୍ରୟୋଜନୀୟ, ମୂଲ୍ୟ ୪° ।

ପଣ୍ଡିତ ଶ୍ରୀ ଗଣନାଥ ଅଗ୍ରୀହ୍ୟଙ୍କ କୃତ ।

## ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )
ଶ୍ରୀ ଭୁବନେଶ୍ୱର ବନ୍ଦ୍ୟୋପାଧ୍ୟାୟଙ୍କ କୃତ
ନାନା ଛନ୍ଦବନ୍ଧରେ ଅର୍ଥ ରଚିତ ।
ମୂଲ୍ୟ ଟ ୦ ୯
ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ ) ଟ ୧୯
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ
ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।



## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H, J, BELL,
*Agent,*
*Cuttack.*


## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକଜିଲ୍ଲାରେ ଥିବା ନିମ୍ନଲିଖିତ ସର୍କାର ବାହାଦୁରଙ୍କ ମାଲିକ ସ୍ୱତ୍ୱ

ଭୂସମ୍ପତ୍ତି ସନ ୧୯୦୦ ସାଲ ଅଗଷ୍ଟ ମାସ ତା ୨୦ ରଖ । ମୁ । ସନ ୧୩୦୭ ସାଲ ଭାଦ୍ରବ ମାସ ଦି ୬ ନ ସୋମବାର କଟକ କଲେକ୍ଟରୀ କଚେରୀରେ ତଳଲିଖିତ ସର୍ତ୍ତ ଅନୁସାରେ ପ୍ରକାଶ୍ୟରୂପେ ନିଲାମ କରାଯିବ ।

ନିଲାମର ସର୍ତ୍ତମାନ ଯଥା :—

୧ । ଏହି ଭୂସମ୍ପତ୍ତିମାନ ନିଲାମ ସମୟରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଯେ ମୂଲ୍ୟ ନିର୍ଦ୍ଧାରିତ କରିବେ ଯେଉଁ ବ୍ୟକ୍ତି ତାହା ଉପରେ ସର୍ବାପେକ୍ଷା ବେଶୀ ମୂଲ୍ୟରେ ନିଲାମ ଡାକିବେ ତାଙ୍କୁ ବିକ୍ରୟ କରାଯିବ । ଉକ୍ତ ଭୂସମ୍ପତ୍ତିମାନଙ୍କର କ୍ରେତାମାନଙ୍କୁ ତହିଁର ମାଲିକ ସ୍ଥିର କରାଯିବ ଏବଂ ଉକ୍ତ ସମ୍ପତ୍ତିମାନଙ୍କରେ ସରକାର ବାହାଦୁରଙ୍କ ମାଲିକସ୍ୱତ୍ୱ ସମ୍ପୂର୍ଣ୍ଣରୂପେ ସେମାନଙ୍କଠାରେ ପ୍ରବର୍ତ୍ତିବ ଏବଂ ଉକ୍ତ ସମ୍ପତ୍ତିରେ ନିର୍ଦ୍ଧାରିତ ଖଜଣା ଚିରକାଳ ସରକାରଙ୍କୁ ଆଦାୟ କରିବାକୁ ବାଧ୍ୟ ହେବେ ।

୨ । ଏହି ନିଲାମି ସମ୍ପତ୍ତିରେ ବର୍ତ୍ତମାନ ଥିବା ପଟ୍ଟା ସ୍ୱତ୍ୱ ଏବଂ ସେଟଲମେଣ୍ଟ ଓ ପ୍ରଚଳିତ ଆଇନ ଅନୁସାରେ ପ୍ରଦତ୍ତ ସ୍ୱତ୍ୱ ବାହାଲ ରହିବ । ରାଜସ୍ୱ ବିଭାଗର କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ଜମାବନ୍ଦୀ ଫର୍ଦ୍ଦରେ ଯେଉଁ ପ୍ରଜାମାନେ ଦସ୍ତଖତ କରିଥିବେ ସେମାନଙ୍କ ସ୍ୱତ୍ୱ ପ୍ରବଳ ରହିବ ।

୩ । ଯଦ୍ୟପି ନିଲାମି ଡାକସମଷ୍ଟି ଟ ୧୦୦ ଙ୍କାରୁ ଅଧିକ ନ ହୁଏ ତାହା ହେଲେ ସମୁଦାୟ ଟଙ୍କା ତତ୍‌କ୍ଷଣାତ୍ ଦେବାକୁ ହେବ ।

୪ । ଯଦ୍ୟପି ନିଲାମି ଡାକସମଷ୍ଟି ଟ ୧୦୦ ଙ୍କାରୁ ବେଶୀ ହୁଏ ତାହା ହେଲେ ଏକଚତୁର୍ଥାଂଶ ଟଙ୍କା ତତ୍‌କ୍ଷଣାତ୍ ଜମା କରିବାକୁ ହେବ । ଯେବେ ବାକୀ ଟଙ୍କା ନିଲାମିଦିବସଠାରୁ ୧୫ ଦିନର ପୂର୍ବାହ୍ନରେ ପଇଠ ନ ହୁଏ କିମ୍ବା ଉକ୍ତ ଦିନ କୌଣସି ଛୁଟି ଦିନ ହୁଏ ତେବେ ତତ୍ପରବର୍ତ୍ତୀ ପ୍ରଥମ ଅଫିସ ଦିବସ ପୂର୍ବାହ୍ନରେ ଦାଖଲ ନ ହୁଏ ତାହା ହେଲେ ନିଲାମ ରଦ ହେବ । ଦାଖଲ ହୋଇଥିବା ଟଙ୍କା ଯବତ କରି ସରକାର ବାହାଦୁର ନେବେ ଏବଂ ଉକ୍ତ ସମ୍ପତ୍ତିମାନ ପ୍ରଥମ ନିଲାମ ସମୟରେ ଯେଉଁପରି ସର୍ତ୍ତ ପଠ ହୋଇଥିଲା ସେହିପରି ବିଜ୍ଞାପନ ଦିଆ ହୋଇ ଟଙ୍କା ଦାଖଲ ନ କରିଥିବା କ୍ରେତାଙ୍କ ଦାୟିତ୍ୱରେ ପୁନର୍ବାର ନିଲାମ କରାଯିବ ।

| ୧ | ୨ | ୩ | ୪ | ୫ |
|---|---|---|---|---|
| ସେଟେଲମେଣ୍ଟ ଖତିୟାନ ନମ୍ବର । | ପ୍ରଗନା ଓ ମାହାଲର ନାମ | ଏକର ସଂଖ୍ୟାରେ ଜମିର ଅନ୍ଦାଜ ପରିମାଣ | ନିର୍ଦ୍ଧାରିତ ସର୍କାରଙ୍କ ରାଜସ୍ୱ | ମନ୍ତବ୍ୟ । |
| ୩୧୨ ଠାରୁ ୩୧୪ | । ପ୍ର । ପଦ୍ମପୁର । ମୌ । ମୁଡା-ରପାରେ ଥିବା କେତେକ ଜମି | ଏ ୦-୬୨୫ | ଟ ୧୧ ଙ୍କା | ଏହି ଜମି ନ ୪୩୬ ମନ୍ତ୍ର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ୫୬୧ | । ପ୍ର । ଦେଓଗାଁ । ମୌ । ମଙ୍ଗଖଣ୍ଡରେ ଥିବା ପୂର୍ବ ପାଣ୍ଡି ଘର ତଳ ଜମି । | ଏ ୦-୨୨ | ଟ ୦ ।୬ | ଏହି ଜମି ନ ୩୧୬୭ ମନ୍ତ୍ର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ୧୬୬୦ ଠାରୁ ୧୬୬୨ | । ପ୍ର । ବରୁଆଁ । ମୌ । ଉପର ବରୁଆଁରେ ଥିବା କେତେକ ଜମି । | ଏ ୦-୧୬ | ଟ ୧ ।୬ ୫ | ଏହି ଜମି ତ ୧୩୨୮ ମନ୍ତ୍ର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଛି । |
| ୨୦୧ ଓ ୨୦୨ | । ପ୍ର । ଭରଣ । ମୌ । ପାଟପୁରରେ ଥିବା କେତେକ ଜମି । | ଏ ୦-୨୫ | ଟ ୧ ।୬୯ | ଏହି ଜମି ନ ୨୪୭୪ ମନ୍ତ୍ର ତଉଜିଭୁକ୍ତ ମାହାଲର ଅନ୍ତର୍ଗତ ଅଟେ । |
| ତଉଜି ନମ୍ବର ୪୩୭୬ | । ପ୍ର । ବେଣାହାର । ତା । ହରି । ମୌ । ଲେଉଟୁ । | ଏ ୨୧-୫୬ | ଟ ୩୮ | ଏ ଗୋଟିଏ ସ୍ୱତନ୍ତ୍ର ତଉଜି ଭୁକ୍ତ ମାହାଲ । |

Collector's office
District Cuttack
The 16th July
1900

J. L. HERALD
*Collector*



Digitized by srujanika@gmail.com

Split by PDF Splitter

REGISTERED No. C. 61.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୪୨ ଖଣ୍ଡ ... ୩୩ ସଂଖ୍ୟା | ତା ୧୮ ଇଁ ମାହେ ଅଗଷ୍ଟ ସନ ୧୯୦୭ ମସିହା । ମା । ଭା ୪ ଠ ତାରୁ ସନ ୧୩୦୭ ସାଲ ଶନିବାର | ଅଗ୍ରୀମ ଟ ୩୯ / ପଶ୍ଚାଦ୍ଦେୟ ଟ ୩୯

ଦୁର୍ଭିକ୍ଷ ସାହାଯ୍ୟପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଗତମାସ ତା ୭ ରିଖରେ ଶେଷ ହେବା ସପ୍ତାହରେ ପ୍ରାୟ ୭୨୪ ଲକ୍ଷ ହୋଇଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୭୬ ଲକ୍ଷ ୮୦ ହଜାର ଥିଲା । ସୁତରାଂ ଏକ ଲକ୍ଷ ୫୦ ହଜାର ଊଣା ପଡ଼ିଅଛି । ଦୁର୍ଭିକ୍ଷାକ୍ରାନ୍ତ ସ୍ଥାନମାନଙ୍କରେ ବୃଷ୍ଟି ହେବାରୁ ସୁଅବସ୍ଥା ଆରମ୍ଭ ହୋଇଅଛି । ଊଣା ପଡ଼ିବାର ଏହି କାରଣ ଅଟେ । ମଧ୍ୟପ୍ରଦେଶରେ ସର୍ବାପେକ୍ଷା ଅଧିକ ଦୁର୍ଭିକ୍ଷ ବାଧିଅଛି ଏବଂ ସେଠା ଦୁର୍ଭିକ୍ଷ-ପୀଡ଼ିତଙ୍କର ସଂଖ୍ୟା ଊଣା ପଡ଼ି ନାହିଁ ।

— — —

ବମ୍ବେଇ ପ୍ରଦେଶରେ ଭାଟିଆ ନାମକ ଏକ ଜାତୀୟ ବଣିକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଯେବେ କେହି ବିଦ୍ୟାଲାଭ ଅଥବା ଅନ୍ୟ କାର୍ଯ୍ୟ ଉଦ୍ଦେଶରେ ବିଲାତ ଯିବ ତେବେ ତାହାର ଜାତି ଯିବ । ମାତ୍ର ଅର୍ଥ ଉପାର୍ଜନ ନିମନ୍ତେ ଦକ୍ଷିଣ ଆଫ୍ରିକା, ଚୀନ, ସିଙ୍ଗାପୁର ପ୍ରଭୃତି କୌଣସି ସ୍ଥାନକୁ କଳାପାଣି ପାର ହୋଇ ବ୍ୟବସାୟ କରିବାକୁ ଗଲେ ଜାତି ନାଶ ହେବ ନାହିଁ । କି ସୁନ୍ଦର ବିଚାର ! ଟଙ୍କା ରୋଜଗାର ପକ୍ଷ ସେମାନଙ୍କର ଜାତୀୟ ବ୍ୟବସାୟ । ଭାରତର ଅନ୍ୟାନ୍ୟ ସ୍ଥାନରେ ଉଦାରୀ ଟଙ୍କା ଲଗାଇ ଜାତୀୟ ବ୍ୟବସାୟ ଛାଡ଼ି ଲୋକେ ନାନା ବ୍ୟବସାୟ କରୁଅଛନ୍ତି ।

—୦✻୦—

ବାଲେଶ୍ୱରର ଡେପୁଟି କଲେକ୍ଟର ବାବୁ ସଚ୍ଚିଦାନନ୍ଦ ଘୋଷଙ୍କ ବସାରେ ଚୋରି ହେବାର ଗତ ସପ୍ତାହରେ ଲେଖିଥିଲୁଁ । ଚୋରମାନେ ସିନ୍ଧୁକର କୃତକାର୍ଯ୍ୟ ନ ହୋଇ ଯାହେଉ ତେଣି ପଛି ଗହଣ ଓ ଦ୍ରବ୍ୟାଦି ପ୍ରାୟ ଦୁଇ ହଜାର ଟଙ୍କା ମୂଲ୍ୟ ସଙ୍ଗେ ବାଲେଶ୍ୱର ଖଜଣାଖାନାର ସମସ୍ତ ଗ୍ରହ ନେଇ ଯିବାରୁ ଖଜଣାଖାନା ଏକ ଦିନ ବନ୍ଦ ରହିଥିଲା । କଲିକତାରୁ ସମ୍ବାଦ ଯାଇ ସେଠାରୁ ନୂଆ ଚାବିମାନ ଆସି କାର୍ଯ୍ୟ ହେଲା । ଶୁଣିଲୁ ଭଦ୍ରକର ପୁଲିସ ଇନସ୍ପେକ୍-ଟରଙ୍କ ବସାରୁ ଅନେକ ମୂଲ୍ୟବାନ୍ ପଦାର୍ଥ ଚୋରି ଯାଇଅଛି । ଉଭୟ ଚୋରିର କୌଣସି ସନ୍ଧାନ ମିଳି ନାହିଁ । ବାଲେଶ୍ୱର ଜିଲ୍ଲାର ଚୋରଙ୍କର ସାହସ ବଢ଼ି ନା ସେଠା ପୋଲିସ ଅକର୍ମଣ୍ୟ ?

—✻—

ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଦୈବଙ୍କ ବା ବର୍ଷା ପରୀକ୍ଷକ ଶ୍ରୀଯୁକ୍ତ ଇଲିୟଟ ସାହେବଙ୍କର ଏଥର ବର୍ଷାକାଳର ଶେଷ ଗଣନା ବାହାରିଅଛି । ତଦନୁସାରେ ମୌସୁମି ବୃଷ୍ଟିର ଉଭୟ ସ୍ରୋତ ବଙ୍ଗୋପସାଗର ଓ ଆରବ ସାଗରର ସ୍ରୋତ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ସ୍ୱାଭାବିକରୂପେ ପ୍ରବଳ ରହିବ ଏବଂ ରାଜପୁତାନା, ବଙ୍ଗ, ଆସାମ, ମଧ୍ୟପ୍ରଦେଶ, ବମ୍ବେଇ ଓ ବ୍ରହ୍ମଦେଶରେ ସ୍ୱାଭାବିକ ପରିମାଣ ଅଥବା କିଛିର ଅଧିକ ବୃଷ୍ଟି ହେବ, କେବଳ ମଧ୍ୟ ଓ ପଶ୍ଚିମ ପଞ୍ଜାବ, ସିନ୍ଧୁ ଏବଂ ଉତ୍ତରପଶ୍ଚିମ ରାଜପୁତାନାରେ କିଛି ଊଣା ହେବାର ଲକ୍ଷଣ ଜଣା ଯାଉଅଛି । ତହିଁରୁ ଅକ୍ଟୋବରଠାରୁ ଡିସେମ୍ବର ପର୍ଯ୍ୟନ୍ତ ଅର୍ଥାତ୍ ମୌସୁମି ବର୍ଷାକାଳର ଦାବୁଡ଼ା ସମୟରେ ସମସ୍ତ ଉପଦ୍ୱୀପରେ ଉତ୍ତରେ ଯଥା ନିୟମରେ ଜଳ ବାଣ୍ଟିଦେବେ, ଏଥିରୁ ଆଶା ହେଉଅଛି ଯେ ଏ ବର୍ଷର ଯାହା କିଛି ବିପଦ କିଆରି ଧାନ ଉପରେ କଟିଗଲା, ଶାରଦ ଓ ରବି ପ୍ରଭୃତି ମେଘ ଅନୁକୂଳ ହେବ ।

—✻—

ବଙ୍ଗ ପ୍ରଦେଶରେ ସନ ୧୮୯୯।୧୯୦୦ ସାଲରେ କମ୍ପାନି ଆଇନ ଅନୁସାରେ ରେଜିଷ୍ଟ୍ରି ହୋଇଥିବା ଯେତେ କମ୍ପାନି ବା ସମିତି ବାଣିଜ୍ୟ ବ୍ୟବସାୟ ଚଳାଉଥିଲେ ସେ ସମସ୍ତର ବିସ୍ତାରିତ ତାଲିକା ପ୍ରକାଶିତ ହୋଇଅଛି । ସେ ତାଲିକାର ସଂକ୍ଷେପ ବିବରଣ ଏହି କି ଉକ୍ତ ବର୍ଷ ଆରମ୍ଭରେ ୫୮୭ କମ୍ପାନୀ ଥିଲା । ଉକ୍ତ ବର୍ଷ ମଧ୍ୟରେ ୧୫ ଟି ନୂଆ କମ୍ପାନୀ ରେଜିଷ୍ଟ୍ରି ହୋଇ ଏବଂ ୧୦୦ କମ୍ପାନୀ ଭାଙ୍ଗିଯାଇ ବର୍ଷ ଶେଷରେ ୫୦୨ କମ୍ପାନୀ ରହିଅଛି । ନୂତନ ରେଜିଷ୍ଟ୍ରି ହେବା କମ୍ପାନୀ ମଧ୍ୟରେ କଟକ ପ୍ରିଣ୍ଟିଂ କମ୍ପାନୀର ନାମ ରହିଅଛି । ଏବଂ ଏହା ଉତ୍କଳ ପ୍ରଦେଶର ଏକମାତ୍ର କମ୍ପାନୀ ଅଟେ । ଭାଙ୍ଗିଯିବା କମ୍ପାନୀର ଅଧିକାଂଶ ଖାସ ବଙ୍ଗଳାର ନାନା ଜିଲ୍ଲାର କ୍ଷୁଦ୍ର କ୍ଷୁଦ୍ର କମ୍ପାନୀ । ସେ-

Digitized by srujanika@gmail.com

Split by PDF Splitter



ସରୁ ଗଙ୍ଗା ରଣ ଅଥବା ଖାବନ; ଗୁଡ଼, ଦ୍ରବ୍ୟାଦି ଉତ୍ତର କରା ସମ୍ଭଳୀୟ ଥିଲ ଏବଂ ସୁପ୍ରଣାଳୀରେ ଗୃହ୍ଣ ନ ଥିଲା। ସେ ପ୍ରକାର କଣ୍ଟାକୀ ଲଗେଯିବା ଷଣ୍ଢର ବିଷୟ ନୁହେ ମାତ୍ର କଣ୍ଟାକୀ ସଙ୍ଖ୍ୟା ବୃଦ୍ଧି ନ ହେବା ଅବଶ୍ୟ ଦୁଃଖର ବିଷୟ ଅଟେ।

—※—

ଇତ୍ସଗେପର ଭାଳା ଦେଶରୁ ଗଳଳକୁ ଯେଉଁ ଚିନି ଆମଦାନୀ ହୁଅଇ ତାହା ବିଟପାଲମ ନାମକ ଖାଗଇ ମୂଳରୁ ପ୍ରସ୍ତୁତ ହୁଅଇ। ସେହି ଚିନିର ଦର ଅଳ୍ପରୁ ପ୍ରସ୍ତୁତ ହେବା ତହିଁଠାରୁ ଅନେକ ସସ୍ତା ଏବଂ ସେହି କାରଣରୁ ଏ ଦେଶର ଚିନିର ବ୍ୟବସାୟ କମି ଉଠିଯିବାର ଦେଖି ଅମ୍ଭମାନଙ୍କର ଦୟାବାନ୍ ଗବର୍ଣ୍ଣମେଣ୍ଟ ଭାରତରେ ବିଟଚିନି ପ୍ରସ୍ତୁତ ହୋଇ ପାରେ କି ନା ତହିଁର ପରୀକ୍ଷା ଆରମ୍ଭ କରଥିଲେ। ଫଲ୍ସିପ ଦେଶରୁ ବାଜ ଅଣାଇ ଲାହୋରର ସରକାରୀ କୃଷି ଓ ଫଳ ପୁଷ୍ପାଦିର ବଗିଚାରେ ଗତ ସେପ୍ଟେମ୍ବର ମାସରେ ରୋପଣ କରାଯାଇଥିଲା। ଅପ୍ରେଲ ମାସରେ କ୍ଷେତ ଯାଞ୍ଚିଲ ଏବଂ ଜଳ ବାୟୁ ଓ ଭୂମି ପ୍ରଭୃତିଲ ଥିଲେ ସୁଦ୍ଧା ହାରାହାରି ପ୍ରାଣବ୍ରତ ସେ ୩,୮୦୬ ର ଉଟ ଉତ୍ପନ୍ନ ହୋଇଥିଲା ଏବଂ ଶତକଡ଼ା ୧୧ ଠାରୁ ୬.୯୦ ପର୍ଯ୍ୟନ୍ତ ଚିନି ବାହାରଥିଲା। ଶତକଡ଼ା ୧୫ କି ୧୬ ଚିନି ଅଧିକ ହେଲେ ଫଲ ଲାଭଜନକ ହୁଅନ୍ତା। ଏଥିରୁ ଆଶା ହେଉଅଛି ଯେ ଅଳ୍ପ କାଳର ବହୁଦର୍ଶିତା ଲାଭ କରିବାରୁ ବିଟଚିନିର ବ୍ୟବସାୟ ଏ ଦେଶରେ ଲାଭଜନକ ହୋଇ ପାରିବ।

ଗତ ତା ୮ ରିଖର 'ଓଡ଼ିଆ ଓ ନବସମ୍ବାଦ'ରେ 'ସାମନ୍ତ ଫର୍ଦ୍ଦାର' ନାମକ ଗୋଟିଏ ପତ୍ର ପ୍ରକାଶ ହୋଇଅଛି। ନାମଟି ବିଭୀଷଣରେ ଲଗା ହେବାର ଦେଖି ଗୋଟାଏ ଅତି ଗୁରୁତର କଥା ଭାବି ଅତ୍ୟନ୍ତ ସହିତ ପାଠ କଲୁଁ। ଲେଖାଅଛି କି "ସୁନନ୍ଦ ନରିଦାଇ ବାବୁ ରଜନୀକାନ୍ତ ଦାସ ଓ ବାବୁ ରାଧାଚରଣ ଦାସ ପ୍ରଭୃତିରେ ଯେଉଁ ସାମନ୍ତ ପଦ ଗ୍ରହଣ କରିଥିଲେ ସେହି ସାମନ୍ତ ପଦରୁ ଗତ ଜୁଲାଇ ମାସ ତା ୨୭ ରିଖ ଛଟଲର କଲେକ୍ଟର ଦରଖାସ୍ତ ଏବଂ ସରକାର ବାହାଦୁର ସେମାନଙ୍କର ସେହି ସାମନ୍ତ ପଦ କାଟିଦେବାର ଅନୁମତି ଦେଇଥିବାର ଶୁଣିଲୁଁ।" ଏଥିରୁ ତାହାର ପ୍ରାର୍ଥନା ସତେ ଏବଂ କି ହେତୁରେ ବା କେଉଁ ଅଧିକାରାନୁସାରେ କଲେକ୍ଟର ସାହେବ ସାମନ୍ତ ପଦ କାଟିଦେବାର ଅନୁମତି ଦେଲେ ସହଯୋଗୀ ପ୍ରକାଶ କରି ନ ଥିବାରୁ ତାହାଙ୍କର ଶୁଣା କଥା କେତେଦୂର ଯଥାର୍ଥ ତାହା ସ୍ଥିର କରିବା କଠିନ। ପ୍ରାର୍ଥନା, କଲେକ୍ଟରଙ୍କ ଅନୁମତି ପୂର୍ବକ ଏ ବିଷୟ ଦୂର କରିବେ ଏବଂ ବାବୁ ଓ ସାମନ୍ତ ମଧ୍ୟରେ ବିଶେଷ କି ପ୍ରଭେଦ ତାହା ମଧ୍ୟ ବୁଝାଇଦେଲେ ଅନୁଗୃହୀତ ହେବୁଁ। ସାମନ୍ତ ପଦ ବ୍ୟବହାର ନିଷେଧ ହୋଇଥିବାସ୍ଥଳେ ସେ ବାବୁ ପଦ ବ୍ୟବହାର କରି କଲେକ୍ଟର ସାହେବଙ୍କର ଆଜ୍ଞା ଲଙ୍ଘନ କରି ନାହାନ୍ତି ପରା?

———

ଏଠାର ପେନସନ ପ୍ରାପ୍ତ ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର ବାବୁ ଧ୍ୟାନମୋହନ ଦେ ଆପଣା ପୁତ୍ରକୁ ଏକବର୍ଷରୁ ଊର୍ଦ୍ଧ୍ୱ ହେଲା କଲିକତା ମେଡ଼ିକଲ କଲେଜରେ ଭରତି କରି ତାହାର ରକ୍ଷଣାବେକ୍ଷଣ ନିମନ୍ତେ ସେହିଠାରେ ରହିଥିଲେ। ପ୍ରାୟ ଏକସପ୍ତାହ ଜ୍ୱର ଭୋଗକରି ଗତ ଶନିବାର ସକାଳ ଘ ୯ ଟା ବେଳେ ପରଲୋକ ଗମନ କଲେ। ଜଣେ ଭଲ ଡାକ୍ତର ଚିକିତ୍ସା କରୁଥିଲେ ମାତ୍ର ଆୟୁ ଶେଷ ହେଲେ କିଏ ରକ୍ଷା କରିବ। ତାହାଙ୍କର ବୟସ ୫୨ ବର୍ଷ ହୋଇଥିଲା। ସେହିଦିନ ତାରଯୋଗରେ ଏହି ଶୋକସମ୍ବାଦ ଏଠାରେ ପ୍ରକାଶ ହେଲା ଏବଂ ତାହାଙ୍କର ଆତ୍ମୀୟ ବନ୍ଧୁ କୁଟୁମ୍ବ ଏବଂ ପରିଚିତ ଲୋକମାନେ ମହା ଶୋକ ସାଗରରେ ନିମଗ୍ନ ହେଲେ। ଧ୍ୟାନବାବୁ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥଳରେ ସ୍କୁଲ ଡେପୁଟି ଇନସ୍ପେକ୍ଟର କାର୍ଯ୍ୟ କରି ଆପଣାର ଯୋଗ୍ୟତା, ନିରପେକ୍ଷ ବିଚାର, ସଚ୍ଚରିତ୍ର, ଉଦାର ସ୍ୱଭାବ ଏବଂ ମିଷ୍ଟାଳାପଦ୍ୱାରା ଏତେ ଲୋକଙ୍କର ଭକ୍ତି ଓ ଶ୍ରଦ୍ଧାର ପାତ୍ର ହୋଇଥିଲେ ଯେ ତାହାଙ୍କର ମୃତ୍ୟୁ ଗୋଟିଏ ସାଧାରଣ ଦୁଃଖର ବିଷୟ ବୋଲି ଓଡ଼ିଶାରେ ବୋଲାଯାଇ ପାରେ। ପ୍ରକୃତରେ ସେ ଜଣେ ସାଧୁଲୋକ ଥିଲେ। ଏମନ୍ତ ଲୋକର ଅକାଳମୃତ୍ୟୁ ସାମାନ୍ୟ କ୍ଷତି ନୁହେ। ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଓ ପରିବାର ବର୍ଗରେ ଶାନ୍ତିବାରି ବର୍ଷଣ କରନ୍ତୁ।

———

ବମ୍ବେର କଲର ଲୁଗାର ପ୍ରଧାନ ବେପାରୀ ଓ ତାନ୍ତିମାନେ। ଚୀନରେ ଯୁଦ୍ଧ ଉପସ୍ଥିତ ହେବାରୁ ବମ୍ବେର ଲୁଗା ସେଠାରେ ବିକ୍ରୟ ହେବା ଏକପ୍ରକାର ବନ୍ଦ ହୋଇଯାଇ ଅଛି। ବ୍ୟବସାୟ ନ ଚଳିବାରୁ ଏଥିମଧ୍ୟରେ ବମ୍ବେପ୍ରଦେଶର କୋ ୧୭ ଟା କପାକଲ ବନ୍ଦ ହୋଇ ଯାଉଅଛି ଏବଂ ଅନ୍ୟ କେତେମାନ ପ୍ରାୟରେ ୭ ୮ ଦିନ ମାତ୍ର ଚାଲୁଅଛି। ଏତଦ୍ଦ୍ୱାରା ସେ ସବୁ ଲୋକ କି ଖାଇ ବଞ୍ଚିବେ। କଲମାନ ବନ୍ଦ ହୋଇଗଲେ ତହିଁରେ ଖଟୁଥିବା ୬୦।୭୦ ହଜାର ଲୋକର ଦାନା ଯିବ ଏବଂ ଉତ୍ପାତ ଘଟିବାର ସମ୍ଭାବନା। କର୍ତ୍ତୃପକ୍ଷମାନେ ତନ୍ନିମନ୍ତେ ଶଙ୍କିତ ଏବଂ ପ୍ରତିକାର ଚେଷ୍ଟା କରୁଅଛନ୍ତି। ମାତ୍ର ଅମ୍ଭମାନଙ୍କର ଏ ସମୟରେ ନିଶ୍ଚିନ୍ତ ହେବା ଉଚିତ କି? ଏଦେଶର ଲୋକମାନେ ବିଲାତି କଲଲୁଗା ବଦଳରେ ଦେଶୀ କଲଲୁଗା ପିନ୍ଧିଲେ ଏ ଦୁର୍ଦ୍ଦଶା ଘଟିବ ନାହିଁ। ସ୍ୱଦେଶୀୟ ଲୋକ ଦାନା ନ ପାଇ ହାହାକାର କରିବାର ଦେଖି ଶୁଣି ସୁଦ୍ଧା ଯେବେ ଅମ୍ଭେମାନେ ଟିକିଏ ରଙ୍ଗଢଙ୍ଗିଆ ଅଥବା ନାମମାତ୍ର ସସ୍ତା ବିଲାତିଲୁଗାର ଆଦର କରି ସ୍ୱଦେଶୀୟ ଲୋକଙ୍କୁ ପୋଷିବାରେ ରହିବୁ ତେବେ ଅମ୍ଭମାନଙ୍କର ମନୁଷ୍ୟତା କେଉଁଠାରେ? ପରଲୋକକୁ ଗଡ଼ାଇମାରି ଯେଉଁ ପରକୁ ପୋଷେ ତାହାଠାରୁ ବଡ଼ ମୂର୍ଖ ଓ ପାଷାଣ୍ଡ ଆଉ କେହି ବୋଲିପାରେ କି? ଏକାନ୍ତ ମନରେ ଏ ବିଷୟ ଚିନ୍ତା କରିବା ପ୍ରତ୍ୟେକ ଲୋକର ଉଚିତ।

———

ଗତ ତା ୮ ରିଖରେ ବିଲାତ ପାର୍ଲିଆମେଣ୍ଟ ସଭାର ବର୍ତ୍ତମାନ ଅଧିବେଶନ ଭଙ୍ଗ ହେଲା ଏବଂ ସଭ୍ୟମାନେ କେତେକମାସ ସକାଶେ ଅବସର ପାଇଲେ। ସଭା ଭଙ୍ଗିବା ଉପଲକ୍ଷରେ ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ପଠିତ ହୋଇଥିଲା। ଭାରତ ସମ୍ବନ୍ଧରେ ତହିଁରେ ଲେଖାଅଛି କି ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ଜନିତ ଲୋକଙ୍କର କଷ୍ଟ ନିବାରଣ ଯଥାସାଧ୍ୟ ଯତ୍ନ ଓ ଗାଢ଼ ପରିଶ୍ରମ କରୁଅଛନ୍ତି ଏବଂ ସରକାରୀ କର୍ମଚାରୀ ଓ ବେସରକାରୀ ବ୍ୟକ୍ତିମାନେ ସେ କାର୍ଯ୍ୟରେ ଯେମନ୍ତ ତ୍ୟାଗ ସ୍ୱୀକାର ପୂର୍ବକ ସାହାଯ୍ୟ କରୁଅଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଅଟେ। ମହାରାଣୀ ଆଶା କରନ୍ତି ଯେ ସୁବୃଷ୍ଟିଦ୍ୱାରା ଲୋକଙ୍କର ଦୁରବସ୍ଥା ଶୀଘ୍ର ଘୁଞ୍ଚିଯିବ। ପେଲଗରୋଗ ଉଚିତ ମୂଲ୍ୟ କମେଶ ଉଣାପଡ଼ିଅଛି। ଅନ୍ୟାନ୍ୟ ଦେଶ ସମ୍ବନ୍ଧରେ ମହାରାଣୀ ଅନେକ ସହିତ ପ୍ରକାଶ କରିଅଛନ୍ତି କି ଇଣ୍ଡିଆରେ ପକ୍ଷି ବର୍ଣ୍ଣ ଏବଂ ମାଇବଜ ସହିତ ତାହାଙ୍କର ସଦ୍ଭାବ ରହିଅଛି ଏବଂ ଦକ୍ଷିଣ ଆଫ୍ରିକାରେ ତାହାଙ୍କର ସୈନ୍ୟଗଣ ଅଦ୍ଭୁତ ଗୁଣ ଦେଖାଉଅଛନ୍ତି। ଚୀନ

Digitized by srujanika@gmail.com

Split by PDF Splitter



ବିଦ୍ରୋହୀମାନେ ଇଂରାଜ ଏବଂ ଅନ୍ୟାନ୍ୟ ଭିନ୍ନବର୍ଣ୍ଣଙ୍କର ଲୋକେକଙ୍କୁ ବଧ କରି ଯେଉଁ ଅସାଧାରଣ ଅପରାଧ କରିଅଛନ୍ତି ଶୀଘ୍ର ସେମାନଙ୍କୁ ତହିଁର ପ୍ରତିଫଳ ଦିଆଯିବାର ବିଶେଷ ଆୟୋଜନ ହେଉଅଛି ଏବଂ ଇଉରୋପୀୟଙ୍କ ରକ୍ଷା କାରଣ ଭାରତରୁ ମଧ୍ୟ ଅନେକ ସୈନ୍ୟ ପ୍ରେରିତ ହୋଇଅଛନ୍ତି ।

---

ବିଲାତର ପ୍ରଧାନ ମନ୍ତ୍ରୀ ଲର୍ଡ ସାଲିସବାରି ଲଣ୍ଡନର ମିସନରିସଭାର ଅଧିବେଶନରେ ଗୋଟିଏ ଦୀର୍ଘ ବକ୍ତୃତା ପ୍ରଦାନ କରି ଚୀନର ବର୍ତ୍ତମାନ ଘଟଣା ଉପଲକ୍ଷରେ ଯାହା କହିଥିଲେ ତହିଁର ମର୍ମ ଏହିକି ଖ୍ରୀଷ୍ଟ ଧର୍ମ ପ୍ରତି ଚୀନର ବିଦ୍ୱେଷ ଅଛି ବୋଲି ଯେ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ଏପରି ଖଡ୍ଗହସ୍ତ ହୋଇଅଛନ୍ତି ଏମନ୍ତ କୁହାଯିବ ନାହିଁ । ଚୀନାମାନେ ସାଧାରଣତଃ ସକଳ ଧର୍ମ ବିଷୟରେ ଉଦାସୀନ । ଅତ୍ୟାଚ୍ୟ ଜାତିପର ଚୀନଜାତିର ବିଶ୍ୱାସ ଯେ ଇଉରୋପୀୟମାନେ ଧର୍ମ ପ୍ରଚାର ଉପଲକ୍ଷରେ ଅନ୍ୟର ରାଜ୍ୟରେ ପ୍ରବେଶ କରନ୍ତି ଏବଂ କ୍ରମେ୍ ସେ ରାଜ୍ୟ ଦଖଲ କରନ୍ତି । ଅତଏବ ପାଦ୍ରିମାନଙ୍କର ଅତ୍ୟନ୍ତ ସାବଧାନ ହୋଇ ବିଦେଶରେ ଧର୍ମ ପ୍ରଚାର କାର୍ଯ୍ୟ କରିବା ଆବଶ୍ୟକ ଯେମନ୍ତ କି ସେଠା ଲୋକଙ୍କମନରେ କୌଣସି ଦୁରଭିସନ୍ଧିର ସନ୍ଦେହ ନ ହେବ । ମହାମନ୍ତ୍ରୀ ମହୋଦୟଙ୍କର ସମୟୋଚିତ ଉପଦେଶରୁ ସ୍ପଷ୍ଟ ଜଣାଯାଉଅଛି ଯେ ସେ ବିଦେଶୀୟଙ୍କର ମନ ଭଲରୂପେ ବୁଝିପାରିଅଛନ୍ତି । ବାସ୍ତବରେ ଅପରଧର୍ମାବଲମ୍ବୀ କେହି ସ୍ୱାଧୀନ ରାଜା ଏମନ୍ତ କହିବାର ଶୁଣାଅଛି ଯେ ପ୍ରଥମେ ପାଦ୍ରିସାହେବ ଧୀରଭାବରେ ଧର୍ମ ପ୍ରଚାର ନିମନ୍ତେ ଅପରର ରାଜ୍ୟରେ ବାସ କରନ୍ତି କିଛିକାଳ ଉତ୍ତାରୁ ତାହାଙ୍କ ରକ୍ଷାର୍ଥେ ତାହାଙ୍କ ସ୍ୱଜାତିର ଜଣେ ଖ୍ରୀଷ୍ଟିୟାନ ଦୂତ ଉପସ୍ଥିତ ହୁଅନ୍ତି । ଅନନ୍ତର ଉତ୍ତାରୁ ଦୂତଙ୍କ ରକ୍ଷା ନିମନ୍ତେ କିଛି ସେନା ଘେନି ଜଣେ ସୈନ୍ୟାଧ୍ୟକ୍ଷ ପ୍ରବେଶ ହୁଅନ୍ତି । ସୈନ୍ୟ ଆସି ନିଶ୍ଚିନ୍ତ ରହିପାରନ୍ତି ନାହିଁ । ଦେଶର ଲୋକଙ୍କ ସଙ୍ଗେ ନାନାସାମାନ୍ୟ ବିଷୟରେ ଗୋଳମାଳ ଲାଗି କ୍ରମେ ଯୁଦ୍ଧ ହୁଏ । ଖ୍ରୀଷ୍ଟ ଧର୍ମ ପ୍ରଚାରକମାନେ ଅନ୍ୟାନ୍ୟ ଧର୍ମର ଲୋକଙ୍କ ଦେଶରୁ ଯାଇ ଯେବେ ସେମାନଙ୍କସଙ୍ଗେ ମିଳିମିଶି ଏବଂ ସେମାନଙ୍କ ଧର୍ମ ଓ ସଂସ୍କାର ପ୍ରତି ଶ୍ରଦ୍ଧା ଯଥୋଚିତ ଆସ୍ଥା କରି ନିଜ କର୍ତ୍ତବ୍ୟ ପାଳନ କରନ୍ତି ତେବେ କୌଣସି ବିଷୟର କାରଣ ନାହିଁ । ଖ୍ରୀଷ୍ଟାନ ପାଦ୍ରିଙ୍କ ଦ୍ୱାରା ବିଦେଶରେ କେବଳ ଯେ ମହତ୍ ଉପକାର ସାଧିତ ହୋଇଅଛି ତାହା କିଏ ଅସ୍ୱୀକାର କରିବ ?

---

## ଯୁଦ୍ଧ ସମାଚାର ।

ଏ ସପ୍ତାହରେ ଯୁଦ୍ଧ ସମ୍ବନ୍ଧରେ କିଛି ଗୁରୁତର ସମ୍ବାଦ ଆସି ନାହିଁ । ଟ୍ରାନ୍ସଭାଲରେ ଇଂରାଜସୈନ୍ୟ ବୁଅରସେନାପତିଙ୍କୁ ଧରିବାର ଚେଷ୍ଟାରେ ଅବଶ୍ୟ ସଫଳ ହୋଇ ନାହାନ୍ତି ଏବଂ ଅନ୍ୟ ଦିଗରେ ବୁଅରମାନେ ଇଂରାଜ ପ୍ରଧାନ ସେନାପତି ଲର୍ଡ ରବର୍ଟସଙ୍କୁ ଧରିବାର ଗୋଟାଏ ଫାନ୍ଦ ପାତିଥିଲେ ମାତ୍ର ଯଥାକାଳରେ ସେ ଷଡ଼ଯନ୍ତ୍ର ପ୍ରକାଶ ପାଇଗଲା ଏବଂ ତହିଁରେ ଲିପ୍ତଥିବା ଲୋକମାନେ ଧରାପଡ଼ି ସୈନିକ ବିଚାରାଧୀନରେ ଅଛନ୍ତି ।

ଚୀନକୁ ସୈନ୍ୟ ଓ ଯୁଦ୍ଧର ଉପକରଣ ଯଥାସାଧ୍ୟ ଚଞ୍ଚଳ ଭାବରେ ପଠା ଯାଉଅଛି ଏବଂ ବୃହତ୍ ଆକାରରେ ଯୁଦ୍ଧର ଉଦ୍‌ଯୋଗ ହେଉଅଛି । ପିକିନନଗର ଉପରେ ଚଢ଼ାଉ କରିଥିବା ମିଳିତ ଶକ୍ତିମାନଙ୍କର ସୈନ୍ୟଦଳ ଗତ ତା ୯ ରିଖରେ ଅଧେ ବାଟ ଅତିକ୍ରମ କରି ହୟସିଭୁ ନଗରରେ ପହଞ୍ଚିଥିଲେ । ବିଦେଶୀୟ ରାଜଦୂତମାନେ ଗତ ତା ୫ ରିଖରେ ଜୀବିତ ଥିବାର ସମ୍ବାଦ ଆସିଅଛି । ମାତ୍ର ସେମାନେ ମହା ସଙ୍କଟ ଅଛନ୍ତି । ଆମେରିକାକୁ ଚୀନ ଯେଉଁ ପତ୍ର ଲେଖିଥିଲେ ତହିଁର ଉତ୍ତର ଆସିଅଛି କି ଯେବେ ଦୂତମାନଙ୍କୁ ସଙ୍ଗେ ଘେନି ଆସିବା କାରଣ ଏକଦଳ ସୈନ୍ୟକୁ ଚୀନ ବାଟ ଛାଡ଼ିଦେବ ତେବେ ଯୁଦ୍ଧ ସ୍ଥଗିତ ରଖିବା କାରଣ ଆମେରିକା ଅନ୍ୟ ଶକ୍ତିମାନଙ୍କୁ ଅନୁରୋଧ କରିବେ ।

---

## ଛୋଟଲାଟ ଓ ବାଲେଶ୍ୱରବାସୀ ।

ମାନ୍ୟବର ବଙ୍ଗପ୍ରଦେଶର ଛୋଟଲାଟ ବାଲେଶ୍ୱରରେ ବିରାଜମାନ ହେବା କାଳରେ ସେଠାର ଜିଲ୍ଲା ବୋର୍ଡ,ମିଉନିସିପାଲ ଏବଂ ନାସନାଲ ସୋସାଇଟିର ସଭ୍ୟବୃନ୍ଦ ଯେଉଁ ଅଭିନନ୍ଦନ ପତ୍ରମାନ ପ୍ରଦାନ କରିଥିଲେ ଏବଂ ମାନ୍ୟବର ମହୋଦୟ ସେ ସମସ୍ତର ଏକବେ ଯେଉଁ ଉତ୍ତର ଦେଇଥିଲେ ସେ ସମସ୍ତ ଗତ ଶନିବାର ଅମ୍ଭମାନଙ୍କର ହସ୍ତଗତ ହେବାରୁ ସେଦିନର ପତ୍ରିକାରେ ପ୍ରକାଶ କରିବାକୁ ସୁବିଧା ପାଇ ନ ଥିଲୁଁ । ବର୍ତ୍ତମାନ ମଧ୍ୟ ସେ ସମସ୍ତ ଅବିକଳ ପ୍ରକାଶ କରିବାର ସ୍ଥାନାଭାବ ଦେଖି କେବଳ ସଂକ୍ଷେପମର୍ମ ପାଠକମାନଙ୍କୁ ଉପହାର ଦେଉଅଛୁ ଯଥା—

ଜିଲ୍ଲା ବୋର୍ଡର ଅଭିନନ୍ଦନପତ୍ରରେ ଗୋ୪ଟି ପ୍ରାର୍ଥନା ଥିଲା ଯଥା—

୧ । ବାଲେଶ୍ୱର ମିଉନିସିପାଲିଟି ଅନ୍ତର୍ଗତ ୪ ଟା ସଡ଼କ ରାସ୍ତା ଯାହା ସନ ୧୮୭୯ ସାଲର ଗବର୍ଣ୍ଣମେଣ୍ଟର ଆଦେଶମତେ ଜିଲ୍ଲା ବୋର୍ଡର ହାତରେ ଅର୍ପିତ ହୋଇଥିଲା ସେସବୁ ମିଉନିସିପାଲିଟିକୁ ଫେର ଦିଆ ଯାଉ ଯେହେତୁ ଜିଲ୍ଲା ବୋର୍ଡର ପାଣ୍ଠି ଅଳ୍ପ ଅଟେ ।

୨ । କାନ୍ଥି ସବଡିଭିଜନ ମେଦିନାପୁର ଜିଲ୍ଲାରୁ ବାହାର ହୋଇ ବାଲେଶ୍ୱର ଜିଲ୍ଲାସାମିଲ ହେଉ ।

୩ । କୃଷିମାନଙ୍କୁ ଆପଣା୨ ଫସଲ ରକ୍ଷା ନିମନ୍ତେ ନଦୀର କୂଳପାଖରେ ଯି ୩ ଟ ଉଚ୍ଚ ପର୍ଯ୍ୟନ୍ତ ବନ୍ଧ ଦେବାର ଛାଡ଼ ଦିଆଯାଉ ।

୪ । ବାଲେଶ୍ୱରର ଭିନ ଚିକିତ୍ସାଳୟ ନିକ ଅଟ୍ଟାଳିକାରେ ଏକଜଣ ଅସିଷ୍ଟାଣ୍ଟ ସରଜନ ଅଧୀନରେ ରଖାଯିବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟ ମଞ୍ଜୁର ହେଉ । ଏହି ଅଟ୍ଟାଳିକା ନିର୍ମାଣରେ ପ୍ରାୟ ଟ ୩୦,୦୦୦ ଟଙ୍କା ବ୍ୟୟ ହେବ ।

ମିଉନିସିପାଲିଟିର ଅଭିନନ୍ଦନପତ୍ରରେ କିଛି ପ୍ରାର୍ଥନା ନ ଥିଲା ଏବଂ ନାସନାଲ ସୋସାଇଟିର ଅଭିନନ୍ଦନପତ୍ରରେ ହାଲ ବନ୍ଦୋବସ୍ତ ସମ୍ବନ୍ଧୀୟ ନକସା ଏବଂ ଖସଡ଼ା ଖତିୟାନର ନକଲ ଅଳ୍ପ ଖରଚରେ ଦିଆ ଯିବାର ଏବଂ ଲୁଣ ସ୍ୱଳ୍ପବାର ବ୍ୟବସ୍ଥା କରିବାର ପ୍ରାର୍ଥନା ଥିଲା ।

ମାନ୍ୟବର ମହୋଦୟ ତାହାଙ୍କର ଉତ୍ତରରେ ଅଭିନନ୍ଦନପତ୍ରଦାତାମାନଙ୍କୁ ଧନ୍ୟବାଦ ପ୍ରଦାନପୂର୍ବକ ବାଲେଶ୍ୱରର ନୈସର୍ଗିକ ଶୋଭା ତାହାଙ୍କ ମନକୁ ମୋହିବା ଓ ସେଠାରେ ପ୍ଲେଗ ପ୍ରବେଶ ନ କରିବା ଓ ଓଲାଉଠାର ପ୍ରାଦୁର୍ଭାବ ନ ଥିବାରୁ ଆନନ୍ଦ ପ୍ରକାଶ କରି କହିଲେ କି ପାନୀୟ ଜଳର ପ୍ରଚୁରତା ଏବଂ ରେଲବାଟ ହେଲୁ ସାକ୍ଷୀ ଶୀଘ୍ର ବାହାରଯିବା ତହିଁର କାରଣ ଅଟେ ।

ସେଟଲମେଣ୍ଟର ନୂତନ ବନ୍ଦୋବସ୍ତରେ ଜିଲ୍ଲା ବୋର୍ଡର ଆୟ ବଢ଼ିବ ଏବଂ ତଦ୍ୱାରା ମୋଫସଲରେ ଜଳ ଯୋଗାଇବାକୁ ବୋର୍ଡ ଅଧିକତର ସମର୍ଥ ହେବେ । ଅଭିନନ୍ଦନପତ୍ରର ପ୍ରାର୍ଥନା ସମ୍ବନ୍ଧରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କଲେ ଯଥା—

ମିଉନିସିପାଲିଟିର ସଡ଼କ ମିଉନିସିପାଲିଟି ହାତକୁ ଫେର ଦେବାର ପ୍ରସ୍ତାବ ଯୁକ୍ତିସଙ୍ଗତ

Digitized by srujanika@gmail.com

ହେଲେ ସେ ଭଳି କଷ୍ଟସ୍ୱରୂପେ କହିବାକୁ ପ୍ରବୃତ୍ତ ନାହିଁ । ଛଳା ବୋଉଡ ଓ ମ୍ୟୁନିସିପାଲିଟି ଅପଣା ମଧ୍ୟରେ ଏ ବିଷୟ ସ୍ଥିର କରିବାର ଚେଷ୍ଟା କରନ୍ତୁ । କାରଣ ସବଡିଭିଜନର ରଦଳ ବିଷୟରେ ପ୍ରଥମେ ସେଠା ଲୋକଙ୍କର ଅଭିପ୍ରାୟ ଜାଣିବା ଆବଶ୍ୟକ । ବନ୍ଧ ଦେବାର କଥା ଛଅ ମାସ ହେଲେ ସେ ବିଷୟର ଚର୍ଚ୍ଚାଥିଲେ ଏବଂ ତହିଁର ପୁନର୍ବିଚାରର କୌଣସି ଚାରଣ ଦେଖା ଯାଉ ନାହିଁ ଏ ପ୍ରସଙ୍ଗରେ ଅଧିକ ଲୋକଙ୍କର ଅଧିକ ହିତ ପ୍ରତି ଦୃଷ୍ଟି ରଖିବା ସୁଗମ ଅଟେ । ଛନ ଡାକ୍ତରଖାନା ଏକତ୍ରରେ ମିଶାଇବା ଭଲ କଥା ଅଟେ ଏବଂ ତହିଁ ନିମନ୍ତେ ଗଭର୍ଣ୍ଣମେଣ୍ଟ ଟ ୫୦୦୦ ଙ୍କା ସାହାଯ୍ୟ ଦେବେ । ନକ୍ସା ଓ ଇଷ୍ଟିମେଟ ଅତ୍ୟଳ୍ପ ବ୍ୟୟରେ ଜନସାଧାରଣଙ୍କୁ ଯୋଗାଇବା ଅବଶ୍ୟ ଯୁକ୍ତିସଙ୍ଗତ ମାତ୍ର ଚଟ୍ଟଗ୍ରାମରେ ଜମିଦାରମାନଙ୍କର ପ୍ରାର୍ଥନା ଅନୁସାରେ ନକ୍ସାମାନ ପ୍ରସ୍ତୁତ ହୋଇ ପରଶେଷରେ ବନ୍ଧପୁ ନ ହେବାରୁ ସରକାରର ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି । ବଙ୍ଗଳାର ସୁଲଭ ସହକାରେ ଅତି ସାମାନ୍ୟ ବ୍ୟୟରେ ନକ୍ସା ପ୍ରସ୍ତୁତ ହେବାର ଆଶା ଅଛି ଏବଂ ତଦନୁସାରେ ଇଷ୍ଟିମେଟ ପ୍ରସ୍ତୁତ ହେଉଅଛି । ଯଥା ସମୟରେ ଜମିଦାରମାନେ ଜିଲ୍ଲା କଲେକ୍ଟରଙ୍କଠାରୁ ତାହା ଜାଣି ପାରିବେ । ଲବଣ ଯୋଗାଣ ଲାଭଜନକ ନୁହେ । ବର୍ତ୍ତମାନ ଦର୍ଶିତାଦ୍ୱାରା ଜଣା ଯାଉଅଛି ଯେ ସ୍ଥାନୀୟ ଲବଣ ଠାରୁ ବୈଦେଶିକ ଲବଣ ଶସ୍ତା ଅଟେ ଏବଂ ଲବଣ ପ୍ରସ୍ତୁତ ହେଲେ ଜଗିବା ସକାଶେ ଗୋଟିଏ ବୃହତ ମହଲୁମା ରଖିବାକୁ ହେବ ଏବଂ ତଦ୍ୱାରା ଲୋକଙ୍କର ଯଥାର୍ଥ ସ୍ୱାର୍ଥର ବାଧା ହେବ । ପରିଶେଷରେ ମାନ୍ୟବର ମହୋଦୟ କହିଲେ କି ଯଦ୍ୟପି ରେଲୱେ ହେଲୁ ଲେଫ୍ଟେନେଣ୍ଟ ଗଭର୍ଣ୍ଣରମାନେ ପୂର୍ବାପେକ୍ଷା ଅଧିକ ଥର ଆସି ପାରିବେ ଏବଂ ତହିଁରେ ଲୋକଙ୍କର ଅଧିକ ବନ୍ଧୁ ଓ ଖବର ହେବ ମାତ୍ର ସନ ୧୮୬୬ ସାଲ ପରି ଦୁର୍ଭିକ୍ଷ ଓଡିଶାରେ ଆଉ ହେବେ ହେବ ନାହିଁ ଏବଂ ଅନେକ ପ୍ରକାରେ ଦେଶର ଶ୍ରୀବୃଦ୍ଧି ହେବ । ମାନ୍ୟବରଙ୍କର ଶେଷ କଥାଟି ସଫଳ ହେଉ ଏହାହିଁ ସମସ୍ତଙ୍କର କାମନା ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କଟକଳର ଡେପୁଟି ଇନ୍ସପେକ୍ଟର ସ୍ପେସିଲ ମୌଲବି କଲ ଆବ୍ଦୁଲ ମା ୧୮ ଦନର ଛୁଟି ପାଇଲେ ଓ ତାଙ୍କର କାର୍ଯ୍ୟ ତର ଗ୍ରହଣାର୍ଥ ମହମ୍ମଦଫଜଲ ଅଃ ସୁପ୍ରଭାତ ମିଃ ଏଫ, ଡେପୁଟିସାହେବ ନିଯୁକ୍ତ ହେଲେ ।

ଛୋଃ ନାଗପୁର ଓ ଉଃ କଲେକ୍ଟର ବାବୁ ଅଭୟ ପ୍ରସାଦ ଦାସ ହିତଭୂମକଗଣ ଖଳଭୂମ ପ୍ରଭାଗ ପଥଜର ସାନ କଲୋକସ୍ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଅତିରିକ୍ତ ଛୋଃ କଲେକ୍ଟର ବାବୁ ହରିଭୂଷଣ ବଟକ ରଜଶାସନର ଭାର ପ୍ରାପ୍ତ ହୋଇଅଛନ୍ତି ।

ଉଃ କଲେଜିଏଟ୍ ସ୍କୁଲର ୨ୟ ଶିକ୍ଷକ ବାବୁ ମଦନମୋହନ ରାୟ ଏମ୍ ଏ, ପାଟନା କଲେଜିଏଟ୍ ସ୍କୁଲର ୫ମ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ଉଃ କଲେଜିଏଟ୍ ସ୍କୁଲର ଅତିରିକ୍ତ ଶିକ୍ଷକ ବାବୁ ହେମ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୨ୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ପାଟନା କଲେଜିଏଟ୍ ସ୍କୁଲର ୪ର୍ଥ ଶିକ୍ଷକ ବାବୁ ସୁରେନ୍ଦ୍ର ଗୁପ୍ତ ବି, ଏ, ଉଃ କଲେଜିଏଟ୍ ସ୍କୁଲର ଅତିରିକ୍ତ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ବାବୁ ସୁବର୍ଣ୍ଣ ନନ୍ଦ ବନ୍ଦ୍ୟୋପାଧ୍ୟାୟ ହେବାରୁ କଟକ ସର୍ଭେ ସ୍କୁଲର ୨ୟ ଶିକ୍ଷକ ପଦରେ ଢାକା ସର୍ଭେ ସ୍କୁଲର ୩ୟ ଶିକ୍ଷକ ବାବୁ ପ୍ରସନ୍ନକୁମାର ବୋଷ ନିଯୁକ୍ତ ହେଲେ ।

ପୁରୁଷୋତ୍ତମ ବାଉଅଙ୍କା ଭାଣ୍ଡାରଶାଳାର କାର୍ଯ୍ୟ ନିର୍ବାହକ କମିଟିର ସଭ୍ୟପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

(୧) ସୁଲତ ବିହାରୀ ସର୍କାର

(୨) ବୃନ୍ଦାବନଚନ୍ଦ୍ର ଚନ୍ଦ୍ରକାର ମହାପାତ୍ର

(୩) ଗୌରୀଶଙ୍କର ରାୟ ଗୋପାଳଦାସ

କେନ୍ଦ୍ରାପଡା ମିଉନିସିପାଲିଟୀର ଚେୟାରମାନ ପଦରେ ବାବୁ ଶ୍ରୀ ରାମଚନ୍ଦ୍ର ବୋଷ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ପ୍ରଥମ ଦ ୩ ନ ଜଗନ୍ନାଥ ଛତ୍ରକୁ ଯାତ୍ରୀ ଲଥକ ଉଠାଇ ଲଗାଇଅଛି । ମହାନଦୀ ଓ ତହିଁର ଶାଖାମାନ ବଢିଅଛି । ଜୋବ୍ରାଘାଟରେ ୧୫ ଫୁଟ ପର୍ଯ୍ୟନ୍ତ ବଢି ହୋଇଥିଲା ।

ଏ ନଗରରେ ଓଲଉଠା ଶାନ୍ତ ହେଉ ନାହିଁ ଜଣା ଯାଉଅଛି । ଏ ସପ୍ତାହରେ ପାଞ୍ଚ ଜଣ ରୁ ଅଧିକ ମୃତ୍ୟୁ ଶୁଣିବାକୁ ମିଳି ନାହିଁ ।

ଏ ନଗରର ହୋଟେଲସାହିର ଦେହଣ ପଲ୍ଲୀରେ ନୈବେଦ୍ୟ କରି କରିବା ଅପରାଧରେ ମା ୧ ସ ଜେଲ ଏବଂ ଟ ୨୦ ଙ୍କା ଜରିମାନା ଦଣ୍ଡ ପାଇଅଛି ।

ରଘୁନାଥପୁର ମାହାଙ୍ଗାର ରଜନୀମଣ୍ଡଳ ପାଣ୍ଡି ସ୍ନେହ କରିବା ହେତୁ ମକଦ୍ଦମା ହୋଇଥିଲା । ବୃଦ୍ଧଙ୍କ କଥା ସାହାବାକୁ ନ ପାଇ ସ୍ନେହ କରିବାର ସ୍ୱୀକାର କରିବାରୁ ଡିପୁଟି ମାଜିଷ୍ଟ୍ରେଟ ସାହେବ ଉଃ ମହମ୍ମଦ ଟ ୦ ୨ ଜରିମାନା କଲେ ଏବଂ ବଡଦିବାନରର ଜଣେ ଦେବ ମହାଜନ ଜଉନ ଶା ତେଲ ତାହାକୁ ମୁକ୍ତ କରିଦେଲେ । ସ୍କୁଲର ଭଲ ହେବ ହେବାରୁ କେତେ ଲୋକ ଅଭିଯୋଗ ଦେଉଅଛନ୍ତି ।

ଗତମାସର ପ୍ରଥମ ୩ ଣ ଜେଲାରେ ଅଭାବରେ ନୌକା ବାଉଥିଲେ । ଅଭାବରେ ସାହେବ ପଞ୍ଚାୟତଙ୍କ କୋଟରେ ଧରା ପଡିବାରୁ ସାହେବଙ୍କ ପ୍ରଯୋଜନରେ ନାଲିଶ ଦାଏର ହେବାରେ ଦୁଇଜଣ ଅସାମୀ ଉପସ୍ଥିତ ହେବାରୁ ପ୍ରତ୍ୟେକ ଜଣ ଉପରେ ଟ ୧୦ ଙ୍କା ହିସାବରେ ଜରିମାନା ହେଲା ।

ନରସିଂହପୁର ଏଷ୍ଟେଟର ଦଖଲ ପାଇଁ ଏକ ପିତାଙ୍କ ପୁତ୍ର କଲ ତାହାର ଅଭାବରେ କେହି ଏହାଦ୍ୱାରା ତଦନ୍ତ ପ୍ରଚାର ହୋଇଥିଲା । ମାତ୍ର ପ୍ରମାଣ ନ ହେବାରୁ ଖାରଜ ହୋଇଗଲା ।

କଲିକତାର ହାମିଲଟନ କମ୍ପାନୀଙ୍କ ଦୋକାନରେ ଏକ ହୀରା ଏବଂ ମାଣିକ୍ୟ ପଡିଥିଲା ଖଣ୍ଡିଏ ବଡ ହାର ଚୋରି କରିବା କାରଣ ଦେଖିବାକୁ ନାଗରେ ତାହାକୁ ଟ ୧୩୦୦୦ ଙ୍କା ମୂଲ୍ୟର ଏକ ବଡ ହାର ଦେଖିବାକୁ ଦେଇଥିଲା । ମାତ୍ର ଲକ୍ଷ ସ୍ୱର୍ଣ୍ଣର କେତେ ଚିହ୍ନ ନାହିଁ । ଚୋରୀ ବର୍ତ୍ତମାନ ଧରା ହୋଇ ଦଣ୍ଡାର୍ଥୀ ଅଛି । ଏକ୍ସରେ ପରୀକ୍ଷା କରି ଦେଖା ଯାଉଅଛି ଯେ ତାହାର ପେଟ ମଧ୍ୟରେ ଯେଉଁ ଜୋରପରି ସ୍ଥାନ ଅଛି ସେହିଠାରେ ସ୍ୱର୍ଣ୍ଣ ରହିଅଛି ।—କେହି ଜଣା କରି ତାହାର କରିବାର ଉପାୟ ନାହିଁ ପରୁ ।

ରାଜାମାନଙ୍କର ଜନ୍ମଦିନରେ ପୋଡାଯାଉଥିବା ଅନେକ ଅର୍ଥ ବ୍ୟୟ କରନ୍ତି । ଏ ବର୍ଷ ଦୁର୍ଭିକ୍ଷ ପଡିବାରୁ ଆଜି ଅନେକ ଦେଉଅଛନ୍ତି କି ପ୍ରଜାମାନେ ଅମୋଦ ପ୍ରମୋଦରେ ଯାହା ଖରଚ କରନ୍ତି ତାହା ଦୁର୍ଭିକ୍ଷ ପୀଡିତ ଲୋକଙ୍କ ସାହାଯ୍ୟ ଦେବାରେ ବ୍ୟୟ କରିବେ ଉତ୍ତମ କଥା ଅଟେ ।

ଶ୍ୟାମଦେଶର ସ୍ତ୍ରୀମାନେ ଚିତ୍ରମାନଙ୍କୁ ତାଙ୍କ ପାଖରେ ପଢ଼ି ଶକ୍ତିରେ ଅପଣା କାର୍ଯ୍ୟ କରନ୍ତି । ଚିତ୍ରମାନେ ଛାପର ଯୋଡ ଖର ଶେଷରେ, ତାଙ୍କ କଣ୍ଠ କରେ ନାହିଁ ଏବଂ ପ୍ରଭୁମାନଙ୍କର କିଛି ଦରଦର ଅଣକା ଉପସ୍ଥିତ ହେଲେ ତାଙ୍କ ତତ୍କ୍ଷଣାତ୍ ସେମାନଙ୍କୁ ଶୁଣ୍ଢରେ ଧରି ପିଠି ଉପରେ ବସାଇ ଦିଏ ।

ପୁରୋହିତ ଓ ସମ୍ବଲପୁରରେ ଅତ୍ୟନ୍ତ ବୃଷ୍ଟି ହୋଇ ଅନେକ ଘର ଦ୍ୱାର ଭୁଷିଯାଇଅଛି ଏବଂ କେତେକ ପ୍ରେସ ମଧ୍ୟ ମଧ୍ୟ ପଡିଯାଇଅଛି ।

ଚବଶପରଗଣା ଅନ୍ତର୍ଗତ ବୋଡାଶାଳ ଗ୍ରାମର ଜମିଦାର ମୁସଲମାନ ଅନେକ ଲୋକଙ୍କଠାରୁ ସେମାନଙ୍କର ଧନ ଦ୍ୱିଗୁଣ କରି ଦେବାର ପ୍ରେରଣା ଦେଖାଇ ୩୦ ହଜାର ଟଙ୍କା ଠକି ନେଇଥିବା ଅପରାଧରେ ଏକବର୍ଷ ଜେଲ ଓ କାରାବାସ ଦଣ୍ଡ ପାଇଅଛନ୍ତି । ଶାନ୍ତାଗଞ୍ଜରେ ସୁବର୍ଣ ସେମାନଙ୍କ ଘରୁ ୫ ହଜାର ଟଙ୍କାରୁ ଅଧିକ ଧାନ ନାହାନ୍ତି ।

"କସ୍ପରର ଜଣେ ବୃଦ୍ଧା ରମଣୀ ପୁଲଣ ଦୁର୍ଭିକ୍ଷ ସାହାଯ୍ୟ ଦେବା ସଞ୍ଚିତ ହେଉଥିବା ଅପିଲକୁ ସ୍ୱୟଂ ଯାଇ ୧୫ ହଜାର ଟଙ୍କାର ଏକଖଣ୍ଡ ନୋଟ ଦେଇ ତତ୍କ୍ଷଣାତ୍ ବାହାରି ଗଲେ ତାହାଙ୍କର ନାମ ଧାମ କେହି ଜାଣିପାରିଲେ ନାହିଁ । କେମନ୍ତ ନିଃସ୍ୱାର୍ଥ ଦାନ ।

ମାନଭୂମର ଡେପୁଟୀ କମିଶନର ମାଜିଷ୍ଟ୍ରେଟ ସାହେବ ଏକ ପଞ୍ଚାୟତ ଗଠନ ସାହେବ କଷ୍ଟୀହିକୁ ଏକଣ କ୍ଷମତା ପ୍ରଦାନ କରିବାର ଯତ୍ନ କରୁଥିଲେ । ତାଙ୍କୁ ଜୋରରେ ଧରି ହୋଇ ବିଷ ପାନ କରି ନ ପାରେ, ମାନଭଲ ବକେୟା ତାହାକୁ ନିର୍ଦ୍ଧାରିତ ସମୟରେ ଓଡିଆ ଦେଇ ପାଇବାକୁ ଆସ ମାମଲାକୁ ଦେଖି କରୁଅଛନ୍ତି । ଏହି ମାଜିଷ୍ଟ୍ରେଟ ସାହେବ ଏକ ସମୟରେ ଏ ଜିଲ୍ଲାରେ ଥିଲେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଗୋଟିଏ ଛଇଲ ମୋକଦମାରେ କାଉନ୍ସିଲ ଉପର ଓକିଲ ବାବୁ ନିତ୍ୟଗୋପାଳ ସେନ ଅପର ପକ୍ଷର ଦୁଇଜଣ ସାକ୍ଷୀଙ୍କୁ ୫୯୦୦ ଙ୍କା ଲୋଭ ପ୍ରଦାନ କରିବା ଅପରାଧରେ ହାଇ-କୋର୍ଟ ଦ୍ୱାରା ୨ ବର୍ଷ ସସପେଣ୍ଡ ହୋଇଅଛନ୍ତି । ଓକିଲ-ମାନଙ୍କର ଏପ୍ରକାର ଅସଦାଚରଣ ଏଣିକି ଯେତେ ଶୁଣାଯାଏ ଏହି ଉଦାହରଣରୁ ହାଇକୋର୍ଟଙ୍କ ଏ ଦଣ୍ଡ ବିଧାନରେ ସମସ୍ତେ ଆହ୍ଲାଦିତ ହେବେ ।

ପଞ୍ଜାବ ଅଞ୍ଚଳ ଭେଲୁଭୂନ ଏବ ହାଙ୍ଗର ଜଲମାନଙ୍କରେ ପ୍ରଚୁର ଚାଉଳ ତେଲ ଉତ୍ପନ୍ନ ହେଉଅଛି ସେଥି ସକାଶେ ଗଭର୍ଣ୍ଣମେଣ୍ଟ କାରଖାନାମାନ ସ୍ଥାପନ କରୁଅଛନ୍ତି । ଯେଉଁ ହାଙ୍ଗର ଉପତ୍ୟକାର ଜଙ୍ଗଲରୁ ଗତ ମୌସୁମରେ ମ ୧୦୦୦ ହଣ ଝୁଣା ସଂଗୃହୀତ ହୋଇଥିଲା ।

ଅଷ୍ଟ୍ରେଲିଆ ସମ୍ବାଦ ମିଳଇ ଯେ କେତେକଜଣ ଲୋକେ ଶମ୍ପା ନଦୀରେ ନୌକା ଖେଳ କରୁ ୨ ନୌକା ଓଲଟି ପଡ଼ିବାରୁ ୮୧୦ ଶ ଲୋକେ ବୁଡ଼ି ମରିଅଛନ୍ତି ।

କଲିକତା ହାଇକୋର୍ଟରେ ଗୋଟିଏ ଜାଲକାଗଜ ମର୍ଣ୍ଣି ସେଠ ମୋକଦ୍ଦମା ଉପସ୍ଥିତ ହୋଇଅଛି । ଯହିଁର ମୂଲ୍ୟ ୫ ୨୫୦୦୦ ଙ୍କା ହେବ । ଅବଶ୍ୟ ଓକିଲ ବାରିଷ୍ଟର ଓ ଷ୍ଟରଣୀ ପ୍ରଭୃତିଙ୍କର ଉତ୍ତମ ପଇସା ଉପାର୍ଜ୍ଜନ ହେବ । ଉଭୟପକ୍ଷରୁ ନିଯୁକ୍ତ ଅଛନ୍ତି ।

ଗତ ମାସ ତା ୮ ରିଖରେ ବମ୍ବେଠାରେ ଧର୍ମ୍ମମହା-ମଣ୍ଡଳି ସମ୍ମିଳନୀ ବେଦସ୍ତୁତି ମହାସମାରୋହରେ ଅନୁଷ୍ଠି-ତ ହୋଇଥିଲା । ଏଥିରେ ଲକ୍ଷାଧିକ ଲୋକେ ଯୋଗଦାନ କରି-ଥିଲେ ଏବ ସ୍ୱୟଂ ହୋଲକରଙ୍କର ମହାରାଜା ସେମାନଙ୍କ ମଧ୍ୟରେ ଶ୍ରୀ ବିଶ୍ୱାସ ଅଧିକାର କରିଥିଲେ । ମହାରାଜା ଏବ ପଣ୍ଡିତ-ମଣ୍ଡଳୀ ବେଦସ୍ତୁତିଙ୍କୁ ଯଥୋଚିତ ପୂଜା କରିଥିଲେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
　　　　କରକମଳେଷୁ

ମହାଶୟ,

ଏ ମହାଙ୍ଗା ଗ୍ରାମରେ ବାବୁ ସୀତାନାଥ ରାୟ ଜମିଦାରଙ୍କ ଘରରେ ନିମ୍ନଲିଖିତ ସାମାଜିକ ବିଷୟର ବିଚାର ସକାଶେ ୩୬ ପାଟଣର ଗୋଟିଏ ବୃହତ ସଭା ଏ ମାସ ତା ୪ରିଖରେ ହୋଇଥିଲା । ତାଙ୍କ ଅନୁରୋଧ ମତେ ସ୍କୁଲ ଇନସ୍ପେକ୍ଟରଙ୍କ ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର ଓ ପଣ୍ଡିତ ଶ୍ରୀ ଦେବଦତ୍ତ କାବ୍ୟ-ରତ୍ନ ପ୍ରଭୃତି ଜ ୧୦ ଣ ପଣ୍ଡିତ ଓ ଗୋପାଳ-ମାନଙ୍କର ଗୋସାଇଁ ନେମାଳ ମଠର ମହନ୍ତ ଓ ତାଙ୍କର ଗୁରୁଭାଇ ଓ ଅନେକ କରଣ, କାୟସ୍ଥ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ମାନେ ମଧ୍ୟ ଉପ-ସ୍ଥିତ ହୋଇଥିଲେ । ଏଥିପୂର୍ବେ ସୀତାନାଥବାବୁ ଲକ୍ଷ୍ମୌପ୍ରତିଷ୍ଠିତ କାୟସ୍ଥ ସଦର ସଭାର ମେମ୍ବର ହୋଇ ମୁଙ୍ଗେର କାୟସ୍ଥ କନଫରନ୍ସ ସଭାରେ ଯୋଗଦାନ କରିଥିବା ପ୍ରସଙ୍ଗ ଅପ-ଶର ପତ୍ରିକାରେ ପ୍ରକାଶ ହୋଇଅଛି । ଉକ୍ତ କନଫରନ୍ସରୁ ତାଙ୍କୁ ମିଳିଥିବା ଉପଦେଶ ଓ

କାୟସ୍ଥ ଇଥନଲଜୀ ନାମକ ପୁସ୍ତକ ନ ଯାହା ପଦ୍ମପୁରାଣ ସୃଷ୍ଟିଖଣ୍ଡ, ଗରୁଡ଼ପୁରାଣ, ଭାରତ ସ୍କନ୍ଦ ଇତ୍ୟାଦି ଅନେକ ଶାସ୍ତ୍ର ପୁରାଣରୁ ସଙ୍କଳିତ ହୋଇଅଛି ତହିଁରୁ ପ୍ରକାଶ ଯେ ଚିତ୍ରଗୁପ୍ତ ବଂଶୀୟ କାୟସ୍ଥମାନେ କ୍ଷତ୍ରିୟ ସଦୃଶୀୟ ଅଟନ୍ତି ଓ ସେମାନଙ୍କର ବିହିତ ସଂସ୍କାର ପୂର୍ବକ ଯଜ୍ଞୋପ-ବୀତ ଧାରଣ, ଗାୟତ୍ରୀପାଠ ଓ ହୋମାଦିବେଦୋକ୍ତ କ୍ରିୟା କରିବାର ଅଧିକାର ଅଛି । ଚିତ୍ରଗୁପ୍ତଙ୍କର ବାର ପୁଅ ଭିନ୍ନ ୨ ପ୍ରଦେଶରେ ରହିଥିବାରୁ ସେମାନଙ୍କ ବଂଶ ବାର ଶ୍ରେଣୀର କାୟସ୍ଥ ହୋଇ-ଅଛନ୍ତି । ଏଥି ମଧ୍ୟରୁ ପ୍ରଥମ ଶ୍ରୀ ବାସ୍ତବ ଓ ପଞ୍ଚମ କରଣ ଅଟନ୍ତି ଅନ୍ୟ ଶ୍ରେଣୀଙ୍କର ନାମୋ-ଲ୍ଲେଖ ଏ ସ୍ଥଳେ ଆବଶ୍ୟକ ନାହିଁ । ଉତ୍କଳରେ କରଣ ଅସଂଖ୍ୟ ଅଛନ୍ତି ମାତ୍ର ଶ୍ରୀ ବାସ୍ତବ କେବଳ ଆଠଘର ପଶ୍ଚିମରୁ ଆସି ରହିଅଛନ୍ତି । ଏହି ଶ୍ରେଣୀୟ କାୟସ୍ଥ ସୀତାନାଥ ବାବୁ ଅଟନ୍ତି । ବାବୁ ମହୋଦୟ ଏଥିପୂର୍ବେ ସ୍ୱୟଧାମ ତୀର୍ଥ ପର୍ଯ୍ୟଟନ କରିବା ସମୟେ ଉତ୍ତରପଶ୍ଚିମ ଓ ଦକ୍ଷିଣରେ ଦେଖି ଆସିଅଛନ୍ତି ଯେ ସେ ଅଞ୍ଚଳର ଗୋପାଳ ଓ ବାଉକମାନେ ଶ୍ରୀ ବାସ୍ତବ କାୟସ୍ଥମାନଙ୍କ ଘରେ ଅନ୍ନ ଭୋଜନ କରନ୍ତି ମାତ୍ର ଏ ଦେଶର ଗୋପାଳ, ବାଉକମାନେ କରଣଙ୍କ ଘରେ ଅନ୍ନ ଭୋଜନ କରୁଥିଲେହେଁ ଉକ୍ତ ଶ୍ରୀ ବାସ୍ତବଙ୍କ ଘରେ ଅନ୍ନ ଭୋଜନ କରୁ ନାହାନ୍ତି । ଅତଏବ ତାଙ୍କ ଘରେ ସେମାନେ ଅନ୍ନ ଭୋଜନ କଲେ କିଛି ଦୋଷ ହେବ କି ନା ଓ କରିବାର ପାରିବେ କି ନା ଏଥିର ବିଚାର ସକାଶେ ଏ ସଭା ଆହୂତ ହୋଇଥିଲା । ସୀତାନାଥ ବାବୁ ଉପରଲିଖିତ ବିଷୟରେ ଯେ ଦରଖାସ୍ତ କରି-ଥିଲେ ତାହା ପାଠ ହେଲା ଓ ତାଙ୍କର ବାଚନିକ ଯୁକ୍ତି ଉକ୍ତିମାନ ଶୁଣାଗଲା । ତଦନନ୍ତର ପଣ୍ଡିତମାନେ ଇଥନଲଜୀ ଉଲ୍ଲିଖିତ ବେଦୋକ୍ତ ପ୍ରମାଣ ଦେଖି ଓ ଘ ୨ ଣ୍ଟା କାଳ ତର୍କ ବିତର୍କ କରି ଗୋପାଳ ଓ ବାଉକମାନେ ଶ୍ରୀ ବାସ୍ତବ କାୟସ୍ଥଙ୍କ ଘରେ ଅନ୍ନ ଭୋଜନ କଲେ ସେମାନଙ୍କର ଜାତି ଧ୍ୱଂସ ଅବା କିଛି ଦୋଷ ହେବ ନାହିଁ ବୋଲି ସ୍ଥିର କରି ସେହି ସଭାରେ ବ୍ୟବସ୍ଥା ଲେଖି ଦେଲେ । ତହୁଁ ସୀତାନାଥ ବାବୁ ପ୍ରଶଂସିତ ମହନ୍ତ ଓ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ଏଥିରେ କାହାର କିଛି ଆପତ୍ତି ଅଛି କି ନା ପଚାରିବାରେ କେହି କିଛି ଆପତ୍ତି ନ କରି ସମସ୍ତେ ଏକ ବାକ୍ୟରେ ସମ୍ମତି ପ୍ରକାଶ କରି ସମ୍ମତି ସୂଚକ ସ୍ୱାକ୍ଷର କରିଦେଲେ । ତହୁଁ ସଭା

ମତ୍ତଭଙ୍ଗ ଓ ସର୍ବସାଧାରଣଙ୍କ ଗୋଚରାର୍ଥେ ଏହା ପ୍ରକାଶ କରିବାର ସିଦ୍ଧାନ୍ତ ହେଲା । ଆମ୍ଭ ବିବେଚନାରେ ଏପରି ବ୍ୟବସ୍ଥା କାର୍ଯ୍ୟରେ ପରିଣତ ହେବା ଉଚିତ । ସୀତାନାଥ ବାବୁ ପରିଶ୍ରମ ଓ ବ୍ୟୟ ସ୍ୱୀକାର ପୂର୍ବକ ଏଥିରେ ଯେପରି ଯତ୍ନ କରୁଅଛନ୍ତି ତାହା ପ୍ରଶଂସନୀୟ ଅଟଇ ଓ ଶୀଘ୍ର ସଫଳ ହେଉ । ଇତି

ମାହାଙ୍ଗା }　　ବଶମ୍ବଦ
୮।୮।୧୯୦୦ }　　ଜଣେ ମାହାଙ୍ଗାବାସୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହରେକୃଷ୍ଣ ମହାନ୍ତି ଯାଜପୁର କଣ୍ଟାକୁର | | ୫ ୩( |
| ,, ଅନନ୍ତ ବିଦ୍ୟାଭୂଷଣ | ରେଙ୍ଗାଲି | ୫ ୩( |
| କଲେକ୍ଟର | କଟକ | ୫ ୩( |
| ଓଡ଼ିଶା ଡିଭିଜନ କମିଶନର | | ୫ ୩( |
| ରାଜା । ବ । ଖଣ୍ଡିକୋଟ | | ୫ ୩( |
| ବାବୁ ପଦନ ସାହୁ ବକ୍ସିବଜାର କଟକ | | ୫ ୩( |
| ,, କୃତ୍ତିବାସ ସରୂପ | କେନ୍ଦ୍ରାପଡ଼ା | ୫ ୨( |
| ,, ହରିଚରଣ ବାନୁର୍ଜି ଓକିଲ | କଟକ | ୫ ୩( |
| ,, ଗଣେଶ୍ୱର ଗ୍ରାଇଗ ଗୋସାଇଁ | ,, | ୫ ୩( |
| ,, ରଘୁନାଥ ମହାନ୍ତି ସ୍କୁଲମାଷ୍ଟର କଣ୍ଟାପଡ଼ା, ଝଙ୍କଡ଼, କଟୋଲ | | ୫ ୧( |
| ,, ଜଗନ୍ନାଥ ବେବର୍ତ୍ତା ପଟ୍ଟନାୟକ | ଗଞ୍ଜାମ | ୫ ୩( |
| ,, ମାଧୁଣି ବେହେରା | ସୋରଡ଼ | ୫ ୩( |
| ,, ଶ୍ରୀକୃଷ୍ଣ ଦାସ ହୋଜମଣ୍ଡପ ସାହି ପୁରୀ | | ୫ ୧( |
| ,, ଚନ୍ଦ୍ରଶେଖର ମିଶ୍ର ମାର୍ଥାପୁର, ମଠ ନବୁଣ୍ଡିଚନ । ଜ । ରେଙ୍ଗାଲି | | ୫ ୩( |

# ବିଜ୍ଞାପନ ।

## WANTED

A Head master and a Head Pandit for the Asureswar Board's Middle English School on a monthly salary of Rs. 20 and Rs. 15 respectively. With regard to the former preference will be given to those who have passed the Entrance Examination of the Calcutta University and with regard to the latter those who have passed the Final Examination from the Cuttack Training School and have acquired some experience in the mode of teaching.

Applications will be received by the undersigned up to 25th instant.

Cuttack District }
Board's office, }　　J. C. CHUNDER,
11—8—1900. }　　*Vice Chairman.*

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏ ଜିଲ୍ଲାସ୍ଥ ନିମ୍ନଲିଖିତ ମୌଜା ହାଟ ପେଣ୍ଠ ଓ କଲକାତ ଫଲଓଗେର ସନ ୧୩୦୮ ସାଲ ବର୍ଷ ସକାଶେ ନିଜଗତ ଗାଳକଚେରୀରେ ଭାଦ୍ରମାସ ତା ୨୨ ରିଖ ରୋଜ ବୁଧବାର ଦିବା ଘ ୧୨ ଟା ସମୟରେ ପ୍ରକାଶ୍ୟଭାବରେ ନିଲାମ କରାଯିବ । ଗ୍ରହଣେଚ୍ଛୁମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିପାରିବେ ।

ତପସିଲ ।

୧ । କନ୍ତୋଲ ହାଟ
୨ । ବ୍ରହ୍ମପୁର ହାଟ
୩ । ବ୍ରହ୍ମପୁର ପେଣ୍ଠ
୪ । ପାଲିହରିପୁର ପେଣ୍ଠ
୫ । ଜଜଲଦୂର ପେଣ୍ଠ
୬ । ମେଖାଡ଼ଙ୍ଗ ବଣ୍ଡିହାଷ୍ଟ
୭ । କୋଚଲ୍ଲ ଓଗେର ବଜ୍ୟଫଲ
୮ । ଯବଖାର
୯ । ମାହାଲପଠା ଓ କମପଠା ପଟ୍ଟା
୧୦ । ଭଣ୍ଡିପଠା ପଟ୍ଟା
୧୧ । ମାହାଲପଠା ପାଣ୍ଡି
୧୨ । ମାହାଲପଠା ଭଣ୍ଡି
୧୩ । ମାହାଲପଠା କଂସାଇନଳ ଖାର
୧୪ । ମାହାଲପଠା ଓଗେର ଗୋରୁ ମହିଷଚରାଣି
୧୫ । ନବେଡାଙ୍ଗା ଜୁଣହେଁସ ଓ ଚରଡଳର
୧୬ । ପଲାସୀ
୧୭ । କଟକ ବଣ୍ଡିହାଷ୍ଟ

ମୁଃ । କଟକ ସଦରଥାନା }
୧।୮।୧୯୦୦ }

Gunanidhi Das
*Manager.*

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

## ବିଜ୍ଞାପନ ।

## ପାନ୍ଥ୍ରି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୵ ଛ ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୁରୁ ଅଣା ମାତ୍ର ।

ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ଯନ୍ତ୍ରଣା ଜ୍ୱାଳା ଯନ୍ତ୍ରଣା ବିହୀନ ଅଶ୍ରୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ଲାଭାର୍ଥେ ମାନଙ୍କୁ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାକୁ କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା କଷ୍ଟ ଉପସ୍ଥିତ ହୁଏ ।

ସ୍ୱତ୍ୱାଧିକାରୀ
ଶ୍ରୀ ରାମତାରକ ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର

---

## ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରାରେ ପ୍ରଶ୍ନ ସନ୍ନିବେଶ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ସକଳ ଶ୍ରେଣୀସ୍ଥ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପ୍ରୟୋଜନୀୟ, ମୂଲ୍ୟ ୮ ୦ ।

ପଣ୍ଡିତ ଶ୍ରୀ ଗୀନବନ୍ଧୁ ଆଚାର୍ଯ୍ୟଙ୍କ କୃତ ।

## ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )
ଶ୍ରୀ ଭୁବନେଶ୍ୱର କବିଚନ୍ଦ୍ରଙ୍କ କୃତ
ନାନା ଛନ୍ଦବନ୍ଧରେ ଅର୍ଥ ରଚିତ ।
ମୂଲ୍ୟ ଟ ୦ ୳

ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) ଟ ୨୧
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*

---

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ସଚିବପ୍ରବର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାବିଶାରଦ ଗୀତବୃନ୍ଦଙ୍କ ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟୁପାଦେୟ ହୋଇଥିବା କଥା ଉତ୍କଳଭାଷାପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଲ୍ପାଧିକ ସୁଲଭ ମୂଲ୍ୟ ଗୁରୁଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

---

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୬୳୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ସଭା ପର୍ବ | ଟ ୨୳ |
| ୩ ସଭା ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ନାରୀଶିକ୍ଷା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ଶାନ୍ତି ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଅଶ୍ୱମେଧ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଲୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

## ADVERTISEMENT,

Wanted a Sub-Inspector for the Mourbhanj Police on Rs. 25 rising to Rs. 30.

Candidates must have a fair knowledge in English and Uria, should be of good charactor, and of requisite height and chest measurement; Preference will be given to those who know Police work well.

Applications with testimonials will be addressed to the Superintendent of Police, Mourbhanj before the 31st August 190 .

Baripada Police office. 29-7-1900. } J. E. Huggins Inspector in charge

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅମ୍ଭ ମୁନିବଙ୍କର ମଙ୍ଗଳାବାଗ ସହର କଟକରେ ଥିବା କାଷ୍ଠ ଗୋଲାରେ ନିମ୍ନଲିଖିତ ଦ୍ରବ୍ୟମାନ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି, ଯେ କୌଣସି ଦ୍ରବ୍ୟ ନବା ନିମନ୍ତେ ଅର୍ଡର ଦେବେ ତାହା ମିଥ୍ୟ ମଧ୍ୟରେ ତିଆର କରାଇ ଦିଆଯିବ କେତା ମହାଶୟମାନେ ଥରେ ପରୀକ୍ଷା କରି ଦେଖନ୍ତୁ ।

ଉପସ୍ଥିତ ।

୧ । ଅତିଉତ୍କୃଷ୍ଟ—ସାଲ, ପିଆସାଲ, ଦେଶ କାଠଜଓଡେର ।

୨ । ସେଣ୍ଟି, କରଗା, କଡ୍ଡୀ, ବାଗ୍ଲାଓଡେର କାଙ୍ଗାଳ ।

୩ । ଚୌକି, ଅଲମାରି, ବେଞ୍ଚ, ପଲ୍ୟଙ୍କ, ସିନ୍ଦୁକ ଜାଳୀକାଠ କବାଟ, ଚୌକାଠ, ଅନ୍ତୁ ଯେ ଯେଉଁ କାର୍ଯ୍ୟର ବରାଦ କରି ଅର୍ଡର ଦେବେ ତାହା ଅଳ୍ପଦିନରେ ସୁଲଭ ମୂଲ୍ୟରେ ଯଥା ସମୟରେ ପ୍ରସ୍ତୁତ କରାଇ ଦିଆଯିବ ମିଥ୍ୟ ପଡ଼ ହେବ ନାହିଁ ନନ୍ଦିସ ଖରାପ ହେବ ନାହିଁ ।

ପାଲିକିଗାଡ଼ି, ବଗି, ସବାରି ପ୍ରଭୃତି ବିକ୍ରୟ ହେଉଅଛି ।

| | |
|---|---|
| ମଙ୍ଗଳାବାଗ କଟକ । ତା । ହଣ୍ଟୋଲ ସ୍ମିଥଙ୍କ କାଷ୍ଠ ଗୋଲା । | ଶ୍ରୀ ଲକ୍ଷ୍ମୀଧର ମହାନ୍ତି ହେଡ଼ସୀପୁର ନିଃ ଗଙ୍ଗା । ତ । ହଣ୍ଟୋଲ |

## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଉଅଛି ଯେ କଟକ ଜିଲ୍ଲାର ଥିବା ନିମ୍ନଲିଖିତ ସରକାର ବାହାଦୁରଙ୍କର ମାଲିକି ସ୍ଵତ୍ଵ ଭୂସମ୍ପତ୍ତି ସନ ୧୯୦୦ ସାଲ ସେପ୍ଟେମ୍ବରମାସ ତା ୧୦ ରଖ । ମୁ । ସନ ୧୩୦୮ ସାଲ ଭାଦ୍ରବ-ମାସ ବ ୨୭ ଦ ସୋମବାର କଟକ କଲେକ୍ଟରୀ କଚେରୀରେ ଉଲ୍ଲିଖିତ ସର୍ତ୍ତ ଅନୁସାରେ ପ୍ରକାଶ୍ୟରୂପେ ନିଲାମ କରାଯିବ ।

ବିକ୍ରୟର ସର୍ତ୍ତ ଯଥା ।

୧ । ଏହି ଭୂସମ୍ପତ୍ତିମାନ ନିଲାମ ସମୟରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଯେ ମୂଲ୍ୟ ନିର୍ଦ୍ଧାରିତ କରିବେ ଯେଉଁ ବ୍ୟକ୍ତି ତାହା ଉପରେ ସର୍ବାପେକ୍ଷା ବେଶୀ ମୂଲ୍ୟରେ ନିଲାମ ଡାକିବେ ତାଙ୍କୁ ବିକ୍ରୟ କରାଯିବ । ଉକ୍ତ ଭୂସମ୍ପତ୍ତିମାନଙ୍କର କ୍ରେତାମାନଙ୍କୁ ତହିଁର ମାଲିକ ଜ୍ଞାନ କରାଯିବ ଏବଂ ଉକ୍ତ ସମ୍ପତ୍ତିମାନଙ୍କରେ ସରକାର ବାହାଦୁରଙ୍କ ମାଲିକ ସ୍ଵତ୍ଵ ସମ୍ପୂର୍ଣ୍ଣରୂପେ ସେମାନଙ୍କଠାରେ ପ୍ରବର୍ତ୍ତିବ ଏବଂ ଉକ୍ତ ସମ୍ପତ୍ତିରେ ନିର୍ଦ୍ଧାରିତ ସ୍ଵଳ୍ପ ଖଜଣାଲି ସରକାରେ ଆଦାୟ କରିବାକୁ ବାଧ୍ୟ ହେବେ ।

୨ । ଏହି ନିଲାମ ସମ୍ପତ୍ତିରେ ବର୍ତ୍ତମାନ ଥିବା ପଟ୍ଟା ସ୍ଵତ୍ଵ ଏବଂ ସେଟଲମେଣ୍ଟ ଓ ପ୍ରଚଳିତ ଆଇନ ଅନୁସାରେ ପ୍ରଜାର ସ୍ଵତ୍ଵ ବାହାଲ ରହିବ ଏବଂ ସ୍ଵଳ୍ପ ଜଗନ୍ନାଥ ଗଭର୍ଣ୍ଣରଙ୍କ ଦ୍ଵାରା ପ୍ରସ୍ତୁତ ଜମାବନ୍ଦି ପର୍ଦ୍ଦରେ ଯେଉଁ ବାସିନ୍ଦା ଋଷିମାନେ ଦସ୍ତଖତ କରିଥିବେ ସେମାନଙ୍କର ସ୍ଵତ୍ଵ ପ୍ରବଳ ରହିବ ।

୩ । ଯଦ୍ୟପି ନିଲାମି ଡାକମୂଲ ଟ୧୦୦୧ରୁ ଅଧିକ ନ ହୁଏ ତାହା ହେଲେ ସମୁଦାୟ ଟଙ୍କା ତତ୍‌କ୍ଷଣାତ୍ ଦେବାକୁ ହେବ ।

୪ । ଯଦ୍ୟପି ନିଲାମିଡାକମୂଲ ଟ୧୦୦୧ଙ୍କାରୁ ବେଶି ହୁଏ ତାହା ହେଲେ ଏକଚତୁର୍ଥାଂଶ ଟଙ୍କା ତତ୍‌କ୍ଷଣାତ୍ ଜମା କରିବାକୁ ହେବ । ଯଦ୍ୟପି ବାକି ଟଙ୍କା ନିଲାମ ଦିବସଠାରୁ ୧୫ ଦିବସ ପର୍ଯ୍ୟନ୍ତରେ ଯଥାଯଥ ନ ହୁଏ କମ୍ବା ଯେତେବେଳେ ଉକ୍ତ ୧୫ ଦିବସ ଉତ୍ତାରୁ ଯଦି ଛୁଟିଦିନ ହୁଏ ତେବେ ତହିଁ ପରବର୍ତ୍ତୀ ପ୍ରଥମ ଅଫିସ ଦିବସ ପୂର୍ବାହ୍ନରେ ଦାଖଲ ନ ହୁଏ ତାହା ହେଲେ ନିଲାମ ରଦ୍ଦ ହେବ (ଦାଖଲ ହୋଇଥିବା ଟଙ୍କା ଯପ୍ତ କରି ସରକାର ବାହାଦୁର ନେବେ) ଏବଂ ଉକ୍ତ ଭୂସମ୍ପତ୍ତିମାନ ପ୍ରଥମ ନିଲାମ ସମୟରେ ଯେଉଁପରି ବିଜ୍ଞାପନ ଦିଆହୋଇଥିଲା ସେହିପରି ବିଜ୍ଞାପନ ଦିଆହୋଇ ଟଙ୍କା ଦାଖଲ କରି ନ ଥିବା କ୍ରେତାଙ୍କ ଦାୟିତ୍ଵରେ ପୁନର୍ବାର ନିଲାମ କରାଯିବ ।

| ସେଟଲମେଣ୍ଟ ଖତିୟାନ ନମ୍ବର । | ଗ୍ରାମ ଓ ମହାଲର ନାମ । | ଏକରି ହିସାବରେ ଜମିର ଅନ୍ଦାଜ ପରିମାଣ । | ବାର୍ଷିକ ସରକାରୀ ଖଜଣା । | ମନ୍ତବ୍ୟ । |
|---|---|---|---|---|
| ୧୦୩/୨୨୮, ୧୦୩/୨୨୯, ୪୯/୨୨୦, ୧୦୩/୪୯ | କଣ୍ଟା ଦର୍ପଣ । ମୌ । ଲୁଥରପୁରରେ ଥିବା ଜେଜେଲ ନମ୍ବର ଜମି । | ଏ ୩୨୧ | | ହାଇକୋର୍ଟର ବେନାଲର ବେଞ୍ଚ ନ ୧ ମୁର ନ୧୧ମର ଫାଉଣ୍ଡାଲର ଶେଷ ଭାଗ ଜମି ଗୋଟିଏ ସ୍ଵତନ୍ତ୍ର ବନ୍ଦୋବସ୍ତି ମହାଲ ସ୍ଵରୂପ ବିକ୍ରୟ କରାଯିବ । |
| ୨୨୩, ୨୬୩ଲ, ୨୬୬, ୧୫୯, ୧୬୮, ୧୯୩, ୧୫୫, ୨୨୫ | ପ୍ର । ଉତ୍ତରଖଣ୍ଡପୁର । ମୌ । ଦାମୋଦରପୁରରେ ଥିବା ଜେଜେଲ ନମ୍ବର ଜମି । | ଏ ୨୧୩ | ଟ ୮୧ଙ୍କା | |
| ୮୬ଲ, ୮୮, ୮୬, ୪୦୪ | ପ୍ର । ଉତ୍ତରଖଣ୍ଡପୁର । ମୌ । ବଲଦଣାରେ ଥିବା ଜେଜେଲ ନମ୍ବର ଜମି । | ଏ ୨୬୪ | | |
| | ମୋଟ | ଏ ୮୫୮ | ଟ ୮୧ଙ୍କା | |

Collector's office ;
District Cuttack,
The 28th July, 1900.

J. E. HERALD,
Collector.

Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ କବିରାଜ ଏସ୍, ଏ, ପାଲଙ୍କର
ଉଦ୍ଭାବିତ ଗଣ୍ୟାବ ପାଗ୍ରି ସହାରକ ଓ ଖଚ,
ଚର୍ମ ରୋଗ ନାଶକ,

### ଚନ୍ଦ୍ରେଶ୍ୱର-ତୈଳ ।

ସମସ୍ତ ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, ଯେବେ ବ୍ୟବହାର କରନ୍ତି, ଏପରି ଜଟିଳ ଓ କୁତୂହଳ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଶାସ୍ତ୍ର ଓ ଅନ୍ତରସ୍ଥ ପାଘ, ପାଗ୍ରର ଘା, ଗାଣ୍ଡ ଫଟା, ଖଜି ଓ ଖୋଲସ ଉଠା, ଶାଦ୍ରଦାଦ, ବେଦନା ଓ ବାଢ଼ ଏବଂ ସର୍ବପ୍ରକାର ଖଚ ଓ ଉପଦଂଶ ବିଷ ଏବଂ ଖଚଆଦି ରୋଗ ସମୂଳେ ନିର୍ମୂଳକାରକ ଓ ଦେହ ମସୃଣ ଉଜ୍ଜ୍ୱଳ କାନ୍ତି ପ୍ରଦାୟକ । ମୂଲ୍ୟ ଛୋଟ ଶିଶି ଟ ୧। ଡାକମାସୁଲ ଟ ୦ ୷୶ ବଡ଼ଶିଶି ଟ ୬୧ ମାସୁଲ ଟ ୧୶

ସର୍ବପ୍ରକାର ଜଟିଳ ରୋଗ ନାଶକ

### ଚକ୍ରପାଣି-ପାଚନ ।

ଏହାର ଗୁଣର ବିଷୟ ଅଧିକ କ କହିବା ଭାରତର ଆଦ ଚିକିତ୍ସକଗଣ, ରୋଗ ବିଶେଷରେ ଏହି ମହୌଷଧ ପ୍ରତିମୁହୂର୍ତ୍ତରେ ବ୍ୟବସ୍ଥା କରୁଅଛନ୍ତି । ଏହା ଦେଶୀ ବଛ ଜଡ଼ିବୁଟିରେ ପ୍ରସ୍ତୁତ, ସେବନର କୌଣସି ଧରାବନ୍ଧା ନିୟମ ପାଳନ କରିବାକୁ ହୁଏ ନାହିଁ, ଅଥଚ ଅନ୍ୟ ସକଳ ଭଳି ଔଷଧ ଅପେକ୍ଷା ଶୀଘ୍ର ଫଳଦାୟକ । ଏବଂ ସର୍ବପ୍ରକାର ଜଟିଳ ଓ ପୁରାତନ ରୋଗର ଧନ୍ୱନ୍ତରୀ ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ବାତ, ସ୍ନାୟବିକ ଦୁର୍ବଳତା, ସ୍ତ୍ରୀଲୋକର ବାଧକ, ପ୍ରଦର ରଜଃଦୋଷ, ବନ୍ଧ୍ୟା, ମୃତବତ୍ସା ଦୋଷ ଆଦି ସମୂଳରେ ନିର୍ମୂଳକାରକ ଓ ଦୂଷିତ ରକ୍ତ ପରିଷ୍କାରକ । ମୂଲ୍ୟ ଏକ ଶିଶି ଟ ୧। ମାସୁଲ ଟ ୦୷୶ ଦୁଇଶିଶି ଟ ୨। ମାସୁଲ ଟ ୧୶ ତିନିଶିଶି ଟ ୩। ମାସୁଲ ଟ୫।୶, ୧୨ ଶିଶି ଟ ୧୨ ମାସୁଲ ଟ୮।୶

### ଉତ୍କଟ ଦମା ଓ କାସ

ରୋଗର ମହୌଷଧ ।

ଏହା ସେବନ କଲେ ସକଳପ୍ରକାର କାସ, ଦମାକାସ, ଯକ୍ଷ୍ମାକାସ, ରକ୍ତଉଠା କାସ, ଶୁଷ୍କକାସ, ଜୀର୍ଣ୍ଣକାସ, ଓ ବିବିଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ଏହାର ଗୁଣ ହୃଦୟରେ ଶ୍ଳେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସୁରଭଙ୍ଗ, ବେଦନା ଭରିବା, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଜୀର୍ଣ୍ଣ, ଶୋଥଆଦି ଉପସର୍ଗ ସକଳ ଉପଶମିତ ହୁଏ । ମୂଲ୍ୟ ଛୋଟ କୌଟା ଟ ୧୧ ବଡ଼ କୌଟା ଟ୧୷ ମାସୁଲ ଟ ୦।୶ । (ଅସଂଖ୍ୟ ପ୍ରଶଂସାପତ୍ର ଜାଣିବ ।)

ନଂ ୯୨ ନମ୍ବର ଦୁର୍ଗାଚରଣ ମିତ୍ରର ଷ୍ଟ୍ରିଟ,
ବାଗ୍‌ବଜାରପାଡ଼ା, କଲିକତା ।
ଏସ୍, ଏ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ ।

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:—

ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍‌ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିଯାଇ ଏହି ଚଉଦ ପ୍ରକାର ଏସେନ୍‌ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗ୍ୟାନେଲା; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ; ବସନ୍ତ ରୋଜ; ବେଣାରେଭ; କୁମୁଦିନୀ; ମିଲ୍‌ଫ୍ଲୁରମ; ଦେବାଲୁସମ; ପାରଜାତକୁସୁମ; ଉଡ଼୍‌କୋଲନ୍ସା ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

### ପମେଟମ ।

ଗୋଲାପି ପମେଟମ ଆଠଅଣା; ଦୁଇଟି ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଟିକିଏ ମିଶାଇଦେଲେ ଗୁଣ୍ଡି ମହମହ ବାସିବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସରବତ ଅଥବା ସିରପ

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍ତମ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । କ୍ଷୀର ସିରପ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍‌ଡନ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା । | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ଯୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା:—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଯଥା ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଦରଘାବଜାର ଶ୍ରୀ ... ଲମିଟେଡ୍‌ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

ଶ୍ରୀଧର ଦାସ    ବାଲିସାହି ଟୋଲ ମେଦନୀପୁର
ନନ୍ଦକୁମାର ପଣ୍ଡା    ”
ଦ୍ୱିବେଦନାଥ କର    ମଧୁସୂଦନପୁର
ଚକ୍ରପାଣି ମ[illegible]    ବୀର ରାମଚନ୍ଦ୍ର ଟୋଲ
[illegible] ତ୍ରିପାଠୀ    ମୟୂରଭଞ୍ଜ

କାବ୍ୟ ୧ମ ବିଭାଗ ।

ବୈକୁଣ୍ଠନାଥ ଷଡ଼ଙ୍ଗୀ    ବସ୍ତା ବାଲେଶ୍ୱର
ଜନ୍ମମଣି ଉଦ୍‌ଗାତା    ”    ”

୨ୟ ଶ୍ରେଣୀ ।

ଘନେଶ୍ୱର ଆଚାର୍ଯ୍ୟ    ଗଣେଶ୍ୱରପୁର ବାଲେଶ୍ୱର
ଗୋପୀନାଥ ମିଶ୍ର    କାଶୀ ଟୋଲ ମେଦନୀପୁର
ପରମାନନ୍ଦ ତ୍ରିପାଠୀ    ”

ସାଂଖ୍ୟ ୧ମ ଶ୍ରେଣୀ ।

ବୃନ୍ଦାବନ ଦାସ    ମୟୂରଭଞ୍ଜ

ଅନୁଲିଖିତ ପରୀକ୍ଷାର୍ଥୀମାନେ ୧୯୦୦ ସାଲର ଦ୍ୱିତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଓଡ଼ିଶା ସଂସ୍କୃତ ସମିତି ।

ବ୍ୟାକରଣ ୧ମ ଶ୍ରେଣୀ ।

ଶ୍ରୀକୃଷ୍ଣ ମହାପାତ୍ର    ପଦ୍ମନାଭ, ଗଞ୍ଜା
ଭଗବାନ ତ୍ରିପାଠୀ    ”

୨ୟ ଶ୍ରେଣୀ ।

ଲକ୍ଷ୍ମୀଧର ମିଶ୍ର    ପଦ୍ମନାଭ ଗଞ୍ଜା
ଭଗବାନ ରଥ    ”

କାବ୍ୟ ୧ମ ଶ୍ରେଣୀ ।

[illegible] ଦାସ ଗୁପ୍ତ    ଢେଙ୍କାନାଳ
ଜଗନ୍ନାଥ ମିଶ୍ର    ଗୋପୀନାଥ
ଶ୍ରୀକୃଷ୍ଣ ମିଶ୍ର    ଭେଡ଼ା

୨ୟ ଶ୍ରେଣୀ ।

ସତ୍ୟବାଦୀ ଦାସ    ପଦ୍ମନାଭ
ସୁନ୍ଦରେଶ୍ୱର ମିଶ୍ର    ଢେଙ୍କାନାଳ
ଗଙ୍ଗାଧର ପାଣି    ”
ରଘୁନାଥ ମିଶ୍ର    ଭେଡ଼ା
କାମାକ୍ଷ୍ୟା ନାୟକ    ଲହାପୁର

ସ୍ମୃତି ୧ମ ଶ୍ରେଣୀ

[illegible] ପାଣି    ଢେଙ୍କାନାଳ

ଜଗନ୍ନାଥ ସମିତି ପୁରୀ ।

ବ୍ୟାକରଣ ୧ ମ ଶ୍ରେଣୀ ।

ବାସୁଦେବ ମିଶ୍ର    ସଂସ୍କୃତସ୍କୁଲ
ମଧୁସୂଦନ ମିଶ୍ର    ”

୨ୟ ଶ୍ରେଣୀ ।

ଅନନ୍ତମିଶ୍ର    ସଂସ୍କୃତ ସ୍କୁଲ
ଜଗନ୍ନାଥ ମିଶ୍ର    ”
ଅନନ୍ତ ମିଶ୍ର    କୁମାରଙ୍ଗଶାସନ
ଅର୍ତ୍ତତ୍ରାଣ ମିଶ୍ର    ସଚ୍ଚିଦାନନ୍ଦ ଟୋଲ
ବିଶ୍ୱନାଥ ମିଶ୍ର    ”

କାବ୍ୟ ୧ମ ଶ୍ରେଣୀ

ଫକୀର ମିଶ୍ର    ସଂସ୍କୃତସ୍କୁଲ ପୁରୀ

୨ୟ ଶ୍ରେଣୀ

ବଳରାମ ଆଚାର୍ଯ୍ୟ    ସଂସ୍କୃତସ୍କୁଲ ପୁରୀ
ହରିହର ମିଶ୍ର    ”    ”
ମହାଦେବ ମିଶ୍ର    ”    ”
ରାମଚନ୍ଦ୍ର ରଥ    ”    ”
ବିଶ୍ୱନାଥ ଆଚାର୍ଯ୍ୟ    ରଘୁନନ୍ଦନ ଟୋଲ ପୁରୀ
ଗଦାଧର ରାମାନୁଜଦାସ    ”    ”
ବଳଭଦ୍ର ମହାପାତ୍ର    ”    ”
ସଦାଶିବ ମିଶ୍ର    ସଚ୍ଚିଦାନନ୍ଦ ଟୋଲ    ”
ବଳଭଦ୍ରରଥ    ଜଗନ୍ନାଥପୁର    ”

ବାଲେଶ୍ୱରର ସଂସ୍କୃତ ସମିତି ।

ବ୍ୟାକରଣ ୨ୟ ଶ୍ରେଣୀ ।

ଗଣେଶ୍ୱର ଦାସ    ସଂସ୍କୃତ ସ୍କୁଲ ମୟୂରଭଞ୍ଜ

କାବ୍ୟ ୧ମ ଶ୍ରେଣୀ ।

ପୁରୁଷୋତ୍ତମ ଦାସ    କାଶି ଟୋଲ ବେଲ୍ୟବେସ ମେଦନୀପୁର
ପୃଥ୍ୱୀନାଥ ହୋତା    ”
ରାମଚନ୍ଦ୍ର ପଢ    ”

୨ୟ ଶ୍ରେଣୀ ।

କୃଷ୍ଣଧର ଆଚାର୍ଯ୍ୟ    ”
ଲକ୍ଷ୍ମୀନାରାୟଣ ପଢ    ”
ଯୋଗେନ୍ଦ୍ରରଥ    ”
ଜଲେଶ୍ୱର ତ୍ରିପାଠି    ସଂସ୍କୃତସ୍କୁଲ ମୟୂରଭଞ୍ଜ
ଉପେନ୍ଦ୍ରନାଥ ତ୍ରିପାଠି    ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର

---

[illegible] ମୂଳପତ୍ର ଦେଖ

Split by PDF Splitter

Digitized by srujanika@gmail.com

ସନ ୧୯୦୦ ସାଲର ସଂସ୍କୃତର ପ୍ରଥମ ପରୀକ୍ଷାରେ ଓଡ଼ିଶାରୁ ଲିମ୍ନଲିଖିତ ପରୀକ୍ଷାର୍ଥିମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

### ଓଡ଼ିଶା ସଂସ୍କୃତ ସମିତି କଟକ ।

#### ବ୍ୟାକରଣ ପ୍ରଥମ ବିଭାଗ ।

ଉତ୍ତୀର୍ଣ୍ଣ ଛାତ୍ରର ନାମ — ଟୋଲର ନାମ

ଅପର୍ତ୍ତି ମିଶ୍ର — ପଦ୍ମନାଭ ଟୋଲ
ଗୋଲୋକନାଥ ମିଶ୍ର — କଣକା ରାଜବାଟୀ
ହରିହର ସାମନ୍ତ — ଅଠମଲ୍ଲିକ

#### ୨ୟ ବିଭାଗ ।

କୈଳାଶଚନ୍ଦ୍ର ଆଚାର୍ଯ୍ୟ — କଣକା ରାଜବାଟୀ
ରାଧାକୃଷ୍ଣ କାନୁଗୋଇ — ମାଣିକଘୋଷ ବଜାର
ଲକ୍ଷ୍ମୀଧର ମହାନ୍ତି — କଣକା ରାଜବାଟୀ
କେଶ୍ଚାନନ୍ଦ ମହାପାତ୍ର — „
ଲୋକନାଥ ଓଝା — „
ଗୋଲୋକନାଥ ମିଶ୍ର — ପଦ୍ମନାଭ
ପୀତବାସ ମିଶ୍ର — ଲକ୍ଷ୍ମୀନାରାୟଣ
ରାମଚନ୍ଦ୍ର ମିଶ୍ର — ସାହୁଲେଇ
ଶୁକଦେବ ଶତପଥୀ — ଇଚ୍ଛାପୁର

#### କାବ୍ୟ ପ୍ରଥମ ବିଭାଗ ।

ଅଦକନ ଅଗ୍ର୍ଯ୍ୟ — ତଲଙ୍ଗ
ବାଲୁକେଶ୍ୱର ଆଚାର୍ଯ୍ୟ — ସୁବର୍ଣ୍ଣ ଛନୋଲ
ବୈଦ୍ୟନାଥ ମିଶ୍ର — ଗୋପୀନାଥ
ବାଲକୃଷ୍ଣ ଷଡ଼ଙ୍ଗୀ — କଣ୍ଟା

#### ୨ୟ ବିଭାଗ ।

ଗୋବର୍ଦ୍ଧନ ଆଚାର୍ଯ୍ୟ — କେନ୍ଦ୍ରା
ବାଲକୃଷ୍ଣ ଦାସ — ସୁନ୍ଦରଗ୍ରାମ
ଲୁଳମଣି ଦାସ — „
ଚକ୍ରଧର ଦାସ — କଣ୍ଟା
ବୃନ୍ଦାବନ ମହାପାତ୍ର — ପଦ୍ମନାଭ
ସଙ୍କର୍ଷଣ ମିଶ୍ର — „
ଗୋପାଳ ଶତପଥୀ — ମାଣିକଘୋଷ ବଜାର
ଅନନ୍ତ ତ୍ରିପାଠୀ — ସୁବର୍ଣ୍ଣ ଛନୋଲ

#### ସ୍ମୃତି ୧ମ ବିଭାଗ ।

ଦାମୋଦର ମିଶ୍ର — ଗଞ୍ଜା

#### ୨ୟ ବିଭାଗ ।

ଦାମୋଦର ରଥ — ଗଞ୍ଜା

#### ପୁରାଣ ୨ୟ ବିଭାଗ ।

ବସ୍ତ୍ରାଳୟ ରଥ — ପଦ୍ମନାଭ

### ଜଗନ୍ନାଥ ସମିତି ପୁରୀ ।

#### ବ୍ୟାକରଣ ୧ମ ଶ୍ରେଣୀ ।

ଫକୀର ମିଶ୍ର — ରଘୁନନ୍ଦନ ଟୋଲ
ଗୋବନ୍ଦ ଶତପଥୀ — „
ସଦାଶିବ ମିଶ୍ର — ସଂସ୍କୃତସ୍କୁଲ

#### ୨ୟ ଶ୍ରେଣୀ ।

ଗୋପୀନାଥ ଦାସ — ରଘୁନନ୍ଦନ ଟୋଲ
ବ୍ରହ୍ମାନନ୍ଦ ମିଶ୍ର — „
ବାଲକୃଷ୍ଣ ଦାସ — ସଂସ୍କୃତସ୍କୁଲ
ସୁଦର୍ଶନ ମିଶ୍ର — „
ଜଗନ୍ନାଥ ମହାପାତ୍ର — „
ଅନାଥ ମିଶ୍ର — „

#### କାବ୍ୟ ୨ୟ ଶ୍ରେଣୀ ।

ମୃତ୍ୟୁଞ୍ଜୟ ମିଶ୍ର — ରଘୁନନ୍ଦନ ଟୋଲ
ସୁଦର୍ଶନ ମିଶ୍ର — „
ହରିହର ରଥ — ବୀରହରେକୃଷ୍ଣପୁର

#### ନ୍ୟାୟ ୨ୟ ଶ୍ରେଣୀ ।

ଗଦାଧର ମିଶ୍ର — ସଂସ୍କୃତ ସ୍କୁଲ

#### ସାଙ୍ଖ୍ୟ ୧ମ ଶ୍ରେଣୀ ।

ଗୋପାଳ ମହାପାତ୍ର — ରାମକୃଷ୍ଣ ଟୋଲ
ଯଜ୍ଞେଶ୍ୱର ମିଶ୍ର — „

#### ୨ୟ ଶ୍ରେଣୀ ।

ହରି ଦେବଦାଚାର୍ଯ୍ୟ ସ୍ୱାମୀ — „

### ବାଲେଶ୍ୱର ସଂସ୍କୃତ ସମିତି

#### ବ୍ୟାକରଣ ୧ମ ଶ୍ରେଣୀ ।

ଗୋପୀନାଥ କର — ବାଲିସାହି ଟୋଲ
ମେଦିନୀପୁର
ସଦାଶିବ ମିଶ୍ର — ମୟୂରଭଞ୍ଜ

#### ୨ୟ ଶ୍ରେଣୀ ।

ହେମଚନ୍ଦ୍ର ବ୍ରହ୍ମା — ବାଲେଶ୍ୱର
ରାମଚନ୍ଦ୍ର ମିଶ୍ର — ଅମର୍ଦା

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୫୫ ଶ | ତା ୨୯ ରଖ ମାହେ ଅଗଷ୍ଟ ସନ ୧୯୦୭ ମସିହା ମୁ| ତ ୧୧ ଭାଦ୍ର ସନ ୧୩୦୭ ସାଲ ଶନିବାର | ଅଗ୍ରୀମ ଟ ୩୧
ସଂ ୩୪ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୬୧

ଓଡିଶାର ଉପକୂଳ ଓ ପ୍ରଧାନ ନଗରମାନଙ୍କରେ ଗତ ଜୁନମାସରେ ଓଲାଉଠା ରୋଗରେ ନିମ୍ନଲିଖିତ ମୃତ୍ୟୁ ଘଟିଥିଲା ଯଥା—

| | ଜିଲ୍ଲାର ମୃତ୍ୟୁସଂଖ୍ୟା | ସହରର ମୃତ୍ୟୁସଂଖ୍ୟା |
|---|---|---|
| କଟକ | ୨,୩୧୭ | ୨୧ |
| ବାଲେଶ୍ୱର | ୪୮୪ | ୦ |
| ପୁରୀ | ୩୧୭ | ୩୩ |

—————

ଗତ ସପ୍ତାହର ଘୋର ବୃଷ୍ଟିରେ ଅନେକ ସ୍ଥାନରେ ପ୍ରବଳ ନଦୀବଢ଼ି ହୋଇଥିଲା। ଗୋଦାବରୀ ଅତ୍ୟନ୍ତ ବଢିବା ହେତୁ ଇଷ୍ଟକୋଷ୍ଟ ରେଲବାଟ ସେହି ନଦୀ ନିକଟ ଉନ ମାଇଲ ମଧ୍ୟରେ ତିନ ସ୍ଥାନରେ ଭାଙ୍ଗି ଯାଇଅଛି ଏବଂ ପୁଲର ଗୋଟିଏ ସ୍ତମ୍ଭ ଧୋଇ ଯିବାରୁ ରେଲଗାଡି ଯାଇ ପାରୁ ନାହିଁ। ପଥିକ ଓ ଡାକ ନୌକାରେ ଯାତାୟାତ କରୁଅଛନ୍ତି। ନଦୀର କୂଳ ପାଖରେ ଅନେକ ଗ୍ରାମ ବୁଡିଯାଇଅଛି ଏବଂ ଫସଲ ନଷ୍ଟ ହୋଇଅଛି। ବ୍ରହ୍ମପୁତ୍ର, ନର୍ମଦା ହିନ୍ଦ୍ ଏବଂ କାବେରୀ ନଦୀମାନ ପ୍ରବଳରୂପେ ବଢିଥିଲା।

———

ଅନଗୁଳରେ ଚଳିତମାସ ତା ୩ ରିଖଠାରୁ ଦୁର୍ଭିକ୍ଷ ସାହାଯ୍ୟ ଦାନର ବ୍ୟବସ୍ଥା ଅନ୍ତ ହୋଇଅଛି। ପ୍ରଥମ ସପ୍ତାହରେ ସାହାଯ୍ୟ ପାଇବା ପୁରୁଷ ସ୍ତ୍ରୀ ଓ ପିଲାଙ୍କର ସଂଖ୍ୟା ୭୭୦, ୨ୟ ସପ୍ତାହରେ ୨୫୪ ଏବଂ ୩ୟ ସପ୍ତାହରେ ୫୬୧ ଥିଲା। କନ୍ଧମାଳର ପ୍ରଥମ ସପ୍ତାହର ତାଲିକା ବାହାରି ନାହିଁ ମାତ୍ର ୨ୟ ସପ୍ତାହରେ ୧୬୬୬ ଓ ୩ୟ ସପ୍ତାହରେ ୩୪୦ ମାତ୍ର ହୋଇଥିଲା। ବୃଷ୍ଟିହେତୁ ଚାଷକାର୍ଯ୍ୟ ଲାଗିବାରୁ ସରକାର ସାହାଯ୍ୟ ନେଉଥିବା ଲୋକ ସଂଖ୍ୟା ଊଣା ପଡୁଅଛି। ତଥାଚ ଏକସପ୍ତାହରେ କନ୍ଧମାଳ ପ୍ରାୟ ୧୬ ପଣ ଊଣାପଡିବା ଅସମ୍ଭବ ପ୍ରାୟ ବୋଧ ହେଉଅଛି କାରଣ ସେ ପର୍ଯ୍ୟନ୍ତ ଚାଉଳର ଦର ଟଙ୍କାକୁ ୭ ସେର ରହିଅଛି ସେପର୍ଯ୍ୟନ୍ତ ଅନ୍ନକଷ୍ଟ ଲାଘବ ହୋଇଯାଇ ନ ପାରେ।

———

ଦୁର୍ଭିକ୍ଷଗ୍ରସ୍ତ ସ୍ଥାନ ସମୂହରେ ଓଲାଉଠାର ଉପଦ୍ରବ କେମନ୍ତ ଭୟଙ୍କର ନିମ୍ନଲିଖିତ ତାଲିକାରୁ ପାଠକମାନେ ବୁଝି ପାରିବେ। ଗତ ଜୁଲାଇ ମାସ ତା ୧୪ ରିଖରେ ଶେଷ ହେବା ସପ୍ତାହରେ ସରକାରଙ୍କର ସାକ୍ଷାତ ଶାସିତ ରାଜ୍ୟରେ ୯,୮୩୬ ଲୋକଙ୍କୁ ଓଲାଉଠା ଆକ୍ରମଣ କରିଥିଲା। ତହିଁ ମଧ୍ୟରୁ ୬,୩୬୨ ଜଣ ମରିପଡିଲେ। ଦେଶୀୟ ରାଜ୍ୟରେ ୫,୭୪୦ ଜଣ ପୀଡିତ ଏବଂ ତହିଁ ମଧ୍ୟରୁ ୨,୬୧୬ ଜଣ କାଳଗ୍ରାସ୍ତ ହୋଇଅଛନ୍ତି! କେବଳ ଦୁର୍ଭିକ୍ଷ ସାହାଯ୍ୟ ପାଇବା ଲୋକଙ୍କ ସମ୍ବନ୍ଧରେ ଏ ତାଲିକା ଅଟେ। ଅନ୍ୟ ଲୋକଙ୍କର ପୀଡା ଓ ମୃତ୍ୟୁ ପୃଥକ୍ ଅଟେ। ତଥାଚ ସାହାଯ୍ୟ ଦାନର ସୁବ୍ୟବସ୍ଥା ହେତୁ ଏଥି ପୂର୍ବ ଦୁର୍ଭିକ୍ଷମାନଙ୍କରେ ଯେ ପରିମାଣ ମୃତ୍ୟୁ ଘଟିଥିଲା ଏଥର ସେପରି ଘଟି ନାହିଁ। ଓଲାଉଠା ଦୁର୍ଭିକ୍ଷର ଗୋଟିଏ ପ୍ରଧାନ ଅନୁଚର।

———

ଉର୍ଦ୍ଦୁଭାଷା ରକ୍ଷା ନିମନ୍ତେ ଗୋଟିଏ ସଭା ପ୍ରତିଷ୍ଠିତ ହୋଇଅଛି। ଏଥିମଧ୍ୟରେ ସେହି ସଭାର ଏକ ଅଧିବେଶନ ଲକ୍ଷ୍ନୌନଗରରେ ହୋଇଥିଲା ଏବଂ ପଞ୍ଜାବ ମଧ୍ୟପ୍ରଦେଶ ଏବଂ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ଶତାଧିକ ପ୍ରତିନିଧି ସେଠାରେ ସମବେତ ହୋଇଥିଲେ। ଉତ୍ତର ପଶ୍ଚିମର ଲେଫ୍ଟନାଣ୍ଟ ଗବର୍ଣ୍ଣର ଯେ ପ୍ରଦେଶ ଏବଂ ଅଯୋଧ୍ୟାର ସରକାରୀ କଚେରି ସମୂହରେ ଉର୍ଦ୍ଦୁଭାଷା ସଙ୍ଗେ ହିନ୍ଦୀଭାଷା ବ୍ୟବହାର ହେବାର ଅନୁମତି ଦେବାରୁ ତହିଁର ପ୍ରତିବାଦ ନିମନ୍ତେ ଏ ସଭା ଗଠିତ ହେବାର ଜଣାଯାଏ, ସଭାରୁ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପତ୍ର ପଠାଇବାର ଧାର୍ଯ୍ୟ ହୋଇଅଛି। ସଭାର ବକ୍ତାରେ ହିନ୍ଦୀ ଏବଂ ଉର୍ଦ୍ଦୁଭାଷାରେ ବିଶେଷ ପ୍ରଭେଦ ନ ଥିବାରୁ ନାଗରୀ ଅକ୍ଷର ବ୍ୟବହାରର ପ୍ରୟୋଜନ ନାହିଁ।

Digitized by srujanika@gmail.com

Split by PDF Splitter



ଜଳକମାସ ତା ୧୮ ରିଖରେ ଶେଷ ହେବା ସପ୍ତାହର ବିବରଣରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟପ୍ରାପ୍ତ ଲୋକଙ୍କ ସଂଖ୍ୟା ୬୦,୮୨,୧୩୪ ରୁ ୫୭,୨୫,୧୬୩ କୁ ଓହ୍ଲାଇ ଆସିଅଛି ଅର୍ଥାତ୍ ୩ [illegible] ଲକ୍ଷରୁ ଊର୍ଦ୍ଧ୍ୱ ଊଣା ପଡ଼ିଅଛି। ସାହାଯ୍ୟାର୍ଥୀଙ୍କ ମଧ୍ୟରେ କାର୍ଯ୍ୟ କରିବା ଲୋକଙ୍କଠାରୁ ଖଏରାତ ପାଇବା ଲୋକଙ୍କ ସଂଖ୍ୟା ଅଧିକ। ବୃଷ୍ଟି ହେବାରୁ କୃଷିଧନ୍ଦା ଲାଗିଅଛି ଏବଂ ତହିଁରେ ମୂଲ ଲାଗିବା ନିମନ୍ତେ ନୂଆମାନେ ସାହାଯ୍ୟକାର୍ଯ୍ୟ ଛାଡ଼ି ଯାଉଅଛନ୍ତି ମାତ୍ର ଅସମର୍ଥ ଲୋକଙ୍କର ଅନ୍ୟ ଉପାୟ ନାହିଁ ସୁତରାଂ ସୁକାଳ ହେବା ପର୍ଯ୍ୟନ୍ତ ସେମାନେ ସାହାଯ୍ୟ ପାଇବେ। ଏହା ମଧ୍ୟସ୍ଥ ଦେଶ ଛଡ଼ା ଦୁର୍ଭିକ୍ଷ ପୀଡ଼ିତ ଆଉ ସକଳସ୍ଥାନରେ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଊଣା ପଡ଼ିଅଛି। ଉକ୍ତ ତାରିଖ ପର୍ଯ୍ୟନ୍ତ ମୌସୁମିବୃଷ୍ଟି କେବଳ ଉତ୍ତର ପଶ୍ଚିମ ଏବଂ ପଞ୍ଜାବରେ ସାମାନ୍ୟ ପରିମାଣରୁ ଊଣା ଥିଲା ମାତ୍ର ଗତ ରବିବାର ଓ ସୋମବାର ଭଲ ବୃଷ୍ଟି ହୋଇଅଛି ଏବଂ ଫସଲର ଚିନ୍ତା ଦୂର ହୋଇଅଛି।

—※—

ସନ ୧୮୯୮ ସାଲଠାରୁ ସନ ୧୮୯୯ ସାଲରେ ମାଇଲ ୧,୪୬୨ ରେଲବାଟ ବୃଦ୍ଧି ହୋଇଥିଲେହେଁ ମୋଟରେ ୫,୮୩୭ ଅର୍ଥାତ୍ ପୂର୍ବବର୍ଷଠାରୁ ୪୮୨ ଅଧିକ ଦୁର୍ଘଟଣା ଘଟିଲା। ସେ ସମସ୍ତ ଦୁର୍ଘଟଣା ହେତୁ ସନ ୧୮୯୮ ସାଲରେ ଜ ୨୬ ଣ ହତ ଏବଂ ଜ ୬୬ ଣ ଆହତ ଏବଂ ସନ ୧୮୯୯ ସାଲରେ ଜ ୭ ଣ ହତ ଏବଂ ଜ ୮୬ ଣ ଆହତ ହୋଇଥିଲେ। ଏହା ଛଡ଼ା ପେସଞ୍ଜର ବର୍ଗରେ ଅନ୍ୟ କାରଣରେ ଯଥା ରେଲରେ ଥାଇ ଜଙ୍ଗଲ ପୂର୍ବକ ଗାଡ଼ି ଅଟକିବା ପୂର୍ବେ ଓହ୍ଲାଇବା ଅଥବା ଛାଡ଼ିବା ଉତ୍ତାରୁ ଚଢ଼ିବା, ଅସାବଧାନତା ପୂର୍ବକ ଅଥବା ଅସୁସ୍ଥତା ଅବସ୍ଥାରେ ଛିଡ଼ିବା ଲୁଦପଡ଼ିବା ଇତ୍ୟାଦିରେ ଜ ୨୦ ଣ ହତ ଓ ଜ ୧୫୯ ଣ ଆହତ ହୋଇଥିଲେ। ତହିଁରେ ରେଲବାଟର ଦୋଷ ନାହିଁ। ତଥାପି ପ୍ରାୟ ୨୦ କୋଟି ଲୋକ ରେଲଗାଡ଼ିରେ ଭ୍ରମଣ କରିଥିବା ପ୍ରତ୍ୟକ୍ଷେ ମୋଟ ହତ ୨୫ ଲକ୍ଷରେ ଏକଜଣ ଏବଂ ଆହତ ୨ ଲକ୍ଷରେ ଏକଜଣ ପଡ଼ୁଅଛି। ଅତଏବ ସାବଧାନ ଥିଲେ ରେଲବାଟରେ ବିପଦର ସମ୍ଭାବନା ଯତ୍କିଞ୍ଚିତ୍ ବୋଲିବାକୁ ହେବ।

———

ଆମ୍ଭମାନଙ୍କର ବର୍ତ୍ତମାନ ଜଜ୍ ସାହେବ ଶ୍ରୀଯୁକ୍ତ ଡବଲଉ୍. ବି. ବ୍ରାଉନ ବି, ଏ, ଓଡ଼ିଶାର ପ୍ରଧାନ ସ୍ଥାନମାନଙ୍କର ପ୍ରଦର୍ଶକ ନାମରେ ଖଣ୍ଡିଏ କ୍ଷୁଦ୍ର ଇଂରାଜୀ ପୁସ୍ତକ ପ୍ରକାଶ କରିଅଛନ୍ତି ଏବଂ ଆମ୍ଭେମାନେ ତହିଁର ଏକଖଣ୍ଡ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ। ଏ ପୁସ୍ତକ ଏଠାର ଓଡ଼ିଶା ମିଶନ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ମୂଲ୍ୟ ଟ ୧ ୮ ଙ୍କା ନିର୍ଦ୍ଧାରିତ ହୋଇଅଛି। ଏହାର କାଗଜ ଏବଂ ଛପା ଉତ୍କୃଷ୍ଟ ଏବଂ ରଚନା ବିଶଦ ଅଟେ। ଏଥିରେ ବାଲେଶ୍ୱର, କଟକ, ପୁରୀ, ଯାଜପୁର, ଭୁବନେଶ୍ୱର, ଖଣ୍ଡଗିରି ଏବଂ କଣାରକର ପ୍ରାଚୀନ କୀର୍ତ୍ତି ଏବଂ ପ୍ରଧାନ ଦ୍ରଷ୍ଟବ୍ୟ ପଦାର୍ଥମାନ ତହିଁସମ୍ବନ୍ଧୀୟ ସଂକ୍ଷେପ ଇତିହାସ ଓ ନିର୍ମାଣ କୌଶଳ ଏମନ୍ତ ମନୋହରରୂପେ ବର୍ଣ୍ଣିତ ହୋଇଅଛି ଯେ ଦର୍ଶକମାନେ ଦର୍ଶନ ସୁଖ ଭୋଗ କରିବା ସଙ୍ଗେ ତତ୍ସ୍ଥାନମାନରେ ପ୍ରବୃତ୍ତ ହେବେ। ଇଉରୋପୀୟ ଭ୍ରମଣକାରୀଙ୍କ ପକ୍ଷରେ ଏ ପୁସ୍ତକ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଅଛି ସନ୍ଦେହ ନାହିଁ ଏବଂ ଗ୍ରନ୍ଥକାରଙ୍କର ଏ ପ୍ରଦେଶ ପ୍ରତି ଯଥେଷ୍ଟ ଅନୁରାଗ ଏବଂ ସହାନୁଭୂତିର ପରିଚୟ ପାଇ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ।

———

ଘାଟ ଅତ୍ୟାଗ୍ରହର କ୍ଲେଶ କହିବା ଆମ୍ଭମାନଙ୍କର ଗୋଟିଏ ବାର୍ଷିକ କର୍ମ ହୋଇଅଛି। ବାବୁ ଜଗନ୍ମୋହନ ଲାଲ ଜଣାଇଅଛନ୍ତି ତ ମାହାଙ୍ଗା ଅଞ୍ଚଳର ଜଏନ ମହାଜନ ନିବାସୀ ତନ୍ତବାସ ଗଉଡ଼ ତାଙ୍କର ଘର ନେଇ ତା ୮ ରିଖରେ କଟକ ଆସିଥିଲା। ସେପାରିରେ ମାଝି ତାକୁ ନଉକାରେ ଚଢ଼ାଇଲା ନାହିଁ ଦୁଇ ପଇସା ଦେଲାରୁ ଯାଇ ନଉକାରେ ଚଢ଼ିଲା। ଏ ପାରିରେ ଇଜାରଦାରର ଲୋକ ମାସୁଲ ଓ ଉସୁଲ କରିବା ସମୟେ ଦୁଇପଇସା ମାଝି ନେଇଥିବାର ସେ ଜଣାଇବାରୁ ଇଜାରଦାର ଲୋକ କହିଲା ତ ମାଝି ବକସିସ ନେଲା ସେଥିରେ ମୋର କଣ ଅଛି। ସେ ଗଉଡ଼ ଫେରି ଯିବା ସମୟେ ମଧ୍ୟ ଏପାରିରେ ମାଝି ଏକପଇସା ହଥିଲା ନେଲା ଏପରି ଉଳପଇସା ତାକୁ ଅଧିକା ଦେଇ ପଡ଼ିଲା ଏହିପରି ସମସ୍ତ ପଥିକଙ୍କଠାରୁ ମାଝିମାନେ ନେଉଥିବାର ସେ ଦେଖିଲା ଜଣାଇଅଛି। ମାଝିଙ୍କ ଜୁଲୁମ ଓ ଅପହରଣ ସର୍ବଦା ଶୁଣାଯାଏ। ଇଜାରଦାର ସେମାନଙ୍କୁ ଅଳ୍ପ ବେତନ ଦେଉଥିବାରୁ ଅଟକ କରି ନ ପାରେ। ଏଥିରେ କର୍ତ୍ତୃପକ୍ଷମାନଙ୍କର କଷ୍ଟ ଦେଖଣା ଓ ଅଟକ କରିବାର ଉଚିତ। ତଳରେ ଯେ କନଷ୍ଟେବଲ ମୁତୟନ ଥାଏ ସେ କଷ୍ଟ ପାଇଲେ ବୋଧ ହୋଇ ରହେ। ଏ ପକ୍ଷରେ ବିଶେଷ ଅଟକ ଆବଶ୍ୟକ।

———

ଗତ ରବିବାର ଅପରାହ୍ନରେ ଏଠାରୁ ଯେଉଁ ରେଲଗାଡ଼ି ବା ଟ୍ରେନ ଚଳିବାକୁ ଯାଉଥିଲା ତାହା ବାଲେଶ୍ୱରର ଉତ୍ତର ବୁଢ଼ାବଲଙ୍ଗ ନଦୀ ଏବଂ ସୁବର୍ଣ୍ଣରେଖା ନଦୀ ମଧ୍ୟସ୍ଥିତ ସ୍ଥାନରେ ମାଡ଼ି ଖାଇବାର ଶୋଚନୀୟ ସମ୍ବାଦ ପ୍ରାପ୍ତ ହୋଇଅଛି। ଆମ୍ଭେମାନେ ଅବଶ୍ୟ ତହିଁର ପ୍ରକୃତ ବିବରଣ ଅବଗତ ହୋଇ ପାରି ନାହୁଁ। ଶୁଣିବାରେ ଗତ ଶୁକ୍ରବାର ଏବଂ ଶନିବାରର ଘୋର ଲଗାଣ ବୃଷ୍ଟିରେ ଉପରଲିଖିତ ଉଭୟ ନଦୀ ବଢ଼ିଥିଲା ଏବଂ ଘାଟରେ ଖୁବ ଜଳ ଛୋଡ଼ ପଡ଼ିଥିଲା। ବାଲେଶ୍ୱରର ମା ୪।୫ ଇଲ ଉତ୍ତର ନିଧିପଣ୍ଡା ନାମକ ସ୍ଥାନରେ ରେଲ ସଡ଼କରେ ଗୋଟିଏ ପୋଲ ଅଛି। ପୋଲ ପାଖର ମାଟି ବର୍ଷାରେ ବହି ଯାଇଥିଲା ଅନ୍ଧାର ସ୍ଥଳରେ ରେଲଗୃହକ ଠଉରାଇ ପାରିଲେ ନାହିଁ। ତହିଁ ଉପରେ ଗାଡ଼ି ଗଲା ପୋଲ ଧସି ଗଲା ଏବଂ ଯିବା ବେଳେ ମଧ୍ୟଭାଗର କେତେ ଖଣ୍ଡ ଗାଡ଼ି ଜଳରେ ପଡ଼ିଗଲା। ଦୁଇପାଖର କେତେଖଣ୍ଡ ଶକଟ ଦୁଇ ଦିଗରୁ ପରସ୍ପର ଉପରେ ଏମନ୍ତ ବଳରେ ଉତ୍ତୋଳିତ ହୋଇ ପଡ଼ିଲା ଯେ ପଛର କେତେଖଣ୍ଡ ଶକଟ ଛାତ କଳସହିତ ଆଉ ସମସ୍ତ ଚୂର୍ଣ୍ଣ ହୋଇଗଲା। ଡ୍ରାଇଭର ଯଥା ସମୟରେ ଡେଇଁ ପଡ଼ି ବଞ୍ଚିଅଛି। ତାଙ୍କର ଫିଟିପଙ୍କ ଓ ଅନ୍ୟାନ୍ୟ ଦ୍ରବ୍ୟାଦି ନଷ୍ଟ ହୋଇଅଛି। ମନୁଷ୍ୟ କେତେ ମରିଅଛନ୍ତି ଜଣା ଯାଇ ନାହିଁ। ବାଲେଶ୍ୱରରୁ ଅନ୍ୟ କଳ ଯାଇ ଜଖମି ଏବଂ ରକ୍ଷା ପାଇବା ପଥିକ ଓ ଶକଟମାନ ନେଇ ଆସିଲା। ପ୍ରାୟ ଏକ କୋଶ ବାଟର ରେଲସଡ଼କ ଛିନ୍ନଭିନ୍ନ ହୋଇଅଛି ଏବଂ ଦୁର୍ଗନ୍ଧରେ ବାଟ ଚାଲିବା କଠିନ। ଚଳିବା ଗାଡ଼ି ଦୁଇ ଦିନ ବନ୍ଦ ଥିଲା। ଅଦ୍ୟାପି ବାଟ ଠିକ ହୋଇ ନାହିଁ। ପଥିକମାନେ ଭଗ୍ନସ୍ଥାନକୁ ପଦବ୍ରଜେ ବା ଶକଟାଦିରେ ପାର ହୋଇ ଅନ୍ୟ ପାଶରେ ରେଲଗାଡ଼ିରେ ଚଢ଼ୁଅଛନ୍ତି ଏବଂ ଯେଉଁ ପାଖର ଗାଡ଼ି ସେହି ପାଖରେ ରହୁଅଛି। ଗତ ସପ୍ତାହ ବୃଷ୍ଟିରେ ଅନେକ ରେଲବାଟ ଭାଙ୍ଗି ଯାଇଅଛି ମାତ୍ର ଏପରି ହୃଦୟବିଦାରକ ଦୁର୍ଘଟଣା ଆଉ ନାହିଁ ଘଟିବାର ଶୁଣାଯାଇ ନାହିଁ। ଅନ୍ଧକାର ରାତ୍ରରେ ଘଟିବାରୁ ଅଧିକ ଭୟାନକ ହୋଇଥିଲା।

———

Digitized by srujanika@gmail.com

Split by PDF Splitter



## ଯୁଦ୍ଧସମାଚାର ।

ବୁଅର ଯୁଦ୍ଧ ଏ ସପ୍ତାହରେ ନାମମାତ୍ର ହୋଇଥିଲେହେଁ ଏକାବେଳେ ବନ୍ଦ ହୋଇ ନାହିଁ। ବୁଅର ସେନାପତିମାନେ ବଶୀଭୂତ ସ୍ୱୀକାର କରୁ ନାହାନ୍ତି ତମ୍ଭା ବ୍ରିଟୀଶ ସେନାପତିମାନେ ସେମାନଙ୍କୁ ଧରିବାର ଚେଷ୍ଟାରେ ସଫଳ ହୋଇ ନାହାନ୍ତି । ବୁଅରଙ୍କ ଏକ ସେନାପତି ଡ଼ି,ବେଟ ସ୍ ହେବ ଇଂରାଜଙ୍କର ଜଣେ ସେନାପତି ବେଡ଼ନ ପାବେଲଙ୍କୁ ଏକ୍ସହନ ଅଞ୍ଚଳରେ ଘେରାଇ ବଶ୍ୟତା ସ୍ୱୀକାର କରିବା ନିମନ୍ତେ କହି ପଠାଇଥିଲେ । ମାତ୍ର ଇଂରାଜ ବଳ ବୃଦ୍ଧି ହେବାର ଦେଖି ଖସିଗଲେ । ଇଂରାଜବଳ ପ୍ରବଳ ଥିଲେହେଁ ବେଡ଼ନଙ୍କ ସୈନ୍ୟବଳ ସାମାନ୍ୟ ଥିବାର ଜାଣି ତହିଁର ବୁଅରମାନେ ସ୍ଥାନେ ସ୍ଥାନେ ଉପଦ୍ରବ କରୁଅଛନ୍ତି ତନ୍ତୁ କୌଣସିଠାରେ ଅଧିକାର ପ୍ରାପ୍ତ ହୋଇ ପାରୁ ନାହାନ୍ତି ।

ଚୀନରୁ ଏ ସପ୍ତାହରେ ସୁସମ୍ବାଦ ଆସିଅଛି । ଗତ ତା ୧୪ ରିଖରେ ପେକନନଗରରେ ଅବରୁଦ୍ଧ ଥିବା ବଦେଶୀୟ ଦୂତମଣ୍ଡଳୀ ଉଦ୍ଧାର ପାଇଅଛନ୍ତି । ସେମାନଙ୍କର ରକ୍ଷା ନିମନ୍ତେ ଚଢ଼ାଉ କରୁଥିବା ମିତ୍ର ସୈନ୍ୟଦଳ ପେକନନଗରରେ ପହୁଞ୍ଚି ସେହିଦିନ ପ୍ରାତଃକାଳରେ ଆକ୍ରମଣ କଲେ । ଇଂରାଜ ଏବଂ ମାରକିନ ସୈନ୍ୟ ଅପରାହ୍ନରେ ଅଳ୍ପ ବାଧା ଅତିକ୍ରମ ପୂର୍ବକ ନଗର ମଧ୍ୟରେ ପ୍ରବେଶ କଲେ । ପୂର୍ବଦ୍ୱାରରେ ଜାପାନୀ ସୈନ୍ୟ ଅଧିକ ବାଧା ପାଇଥିଲେ । ମାତ୍ର ସନ୍ଧ୍ୟା ହୁଇସ୍ତର ସମ୍ମୁଖରେ ତୋପ ଗୋଳାରେ କବାଟ ଭାଙ୍ଗି ପକାଇ ପ୍ରବେଶ କଲେ । ଅନେକ ଚୀନ ସୈନ୍ୟ ଏଠାରେ ମରିପଡ଼ିଲେ । ଦୂତମଣ୍ଡଳୀ ସମସ୍ତେ କୁଶଳରେ ଥିଲେ ମାତ୍ର ପ୍ରାୟ ଅନାହାରରେ ରହୁଥିଲେ । ଆଉ କିଛି ବିଲମ୍ବ ହୋଇଥିଲେ ପ୍ରାୟ ସମସ୍ତେ ମରି ପଡ଼ିଥାନ୍ତେ । ଚୀନ ସମ୍ରାଟ ଓ ସାମ୍ରାଜ୍ଞୀ ପେକନନଗରରୁ ପ୍ରାୟ ମା ୭୦ ଇଲ ଅନ୍ତରରେ କୁମାର ଟୁଆନଙ୍କର ନଜରବନ୍ଦରେ ଅଛନ୍ତି ।

---

## ଓଡ଼ିଶା ବନ୍ଦୋବସ୍ତର ଶେଷ ଫଳ ।

ଗତ ସେପ୍ଟେମ୍ବର ମାସ ତା ୩୦ ରିଖରେ ଶେଷ ହେବା ବର୍ଷ ବାବଦ ବଙ୍ଗପ୍ରଦେଶର ଜମିବନ୍ଦୋବସ୍ତର ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ବଙ୍ଗେଶ୍ୱରଙ୍କର ମନ୍ତବ୍ୟ ପ୍ରକାଶିତ ହୋଇଅଛି । ତହିଁରେ ଓଡ଼ିଶା ବନ୍ଦୋବସ୍ତ ସମ୍ପର୍କରେ ଯାହା ଲେଖାଅଛି ତାହା ନିମ୍ନେ ପ୍ରକାଶିତ ହେଲା । ଯଥା :—

କେବଳ ଚିରସ୍ଥାୟୀ ବନ୍ଦୋବସ୍ତୀ ମାହାଲ ଛଡ଼ା ଓଡ଼ିଶାର କାର୍ଯ୍ୟ ଶେଷ ହୋଇଅଛି । ଅନ ଏବଂ ଟେଶବନ୍ଦି ବନ୍ଦୋବସ୍ତର ଭାର କଟକର କଲେକ୍ଟର ସାହେବ ଗ୍ରହଣ କରିଅଛନ୍ତି । ମିଆଦି ବନ୍ଦୋବସ୍ତୀ ମାହାଲ ଅନ୍ତର୍ଗତ ଜମିର ଉଚିତ ଖଜଣା ଜମାବନ୍ଦୀର ଫଳ ଏହି ଯେ ଖରିଦା ଜମାବନ୍ଦୀ ସତ୍ତ୍ୱର ଖଜଣା ଶତକଡ଼ା ୪୮, ନିସଫି ( ଅଧା ଖଜଣା ) ବାଜ୍ୟାପ୍ତ ସତ୍ତ୍ୱର ଖଜଣା ଶତକଡ଼ା ୧୯୦, ହାଟିଲ (ପୂରା ଖଜଣା) ବାଜ୍ୟାପ୍ତ ସତ୍ତ୍ୱର ଖଜଣା ଶତକଡ଼ା ୬୩ ଏବଂ ଇତର ସତ୍ତ୍ୱର ଖଜଣା ଶତକଡ଼ା ଟ ୭୯ ଦରରେ ବୃଦ୍ଧି ହୋଇଅଛି । ପ୍ରତ୍ୟେକ ଜିଲ୍ଲାର ମୋଟ ଜମାବୃଦ୍ଧି ନିମ୍ନେ ପ୍ରଦର୍ଶିତ ହେଲା । ଯଥା

| ଜିଲା | ପୂର୍ବ ଜମାବନ୍ଦ | ହାଲ ଜମାବନ୍ଦ | ଶତକଡ଼ା ବୃଦ୍ଧି |
| --- | --- | --- | --- |
| କଟକ | ଟ ୧୮,୩୪,୧୬୮ | ଟ ୨୦,୭୭,୦୮୩ | ୧୩ |
| ବାଲେଶ୍ୱର | ଟ ୯,୮୬,୭୦ | ଟ ୧୧,୬୧,୯୬୭ | ୧୮ |
| ପୁରୀ | ଟ ୬,୪୪,୭୮୭ | ଟ ୭,୨୨,୩୧୭ | ୧୬ |
| ଖୋର୍ଦ୍ଧା | ଟ ୩,୦୯,୨୭୧ | ଟ ୩,୭୭,୧୨୨ | ୨୨ |

ମିଆଦି ବନ୍ଦୋବସ୍ତୀ ମାହାଲମାନଙ୍କର ରାଜସ୍ୱ ଜମାବନ୍ଦ କାର୍ଯ୍ୟ ଶେଷ ହୋଇ ନୂତନ ମାଲଗୁଜାରି ଆଦାୟ ଆରମ୍ଭ ହୋଇଅଛି । କେତେକ ମାହାଲର ନୂତନ ମାଲଗୁଜାରି ଉପରସ୍ଥ ହାକିମଙ୍କ ଦ୍ୱାରା ମଞ୍ଜୁର ହେବା ପୂର୍ବରୁ ତାହା ଆଦାୟ ହେଉଅଛି ଏବଂ ଅନୁମାନ ହୁଏ ଧାର୍ଯ୍ୟ ହୋଇଥିବା ମାଲଗୁଜାରି ଉପରସ୍ଥ ହାକିମଙ୍କ ଦ୍ୱାରା ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । ଜମିଦାରି ବନ୍ଦୋବସ୍ତର ଫଳ ନିମ୍ନେ ପ୍ରକାଶିତ ହେଲା । ଯଥା :—

| ଜିଲା | ମାହାଲ ସଂଖ୍ୟା | ପୂର୍ବ ସଦରଜମା | ହାଲ ସଦରଜମା | ବୃଦ୍ଧି ଶତକଡ଼ା |
| --- | --- | --- | --- | --- |
| କଟକ | ୪,୪୪୨ | ଟ ୭,୧୩,୨୭୦ | ଟ ୧୦,୯୮,୪୧୮ | ୫୪ |
| ବାଲେଶ୍ୱର | ୧୪୧୩ | ଟ ୩,୭୭,୦୩୯ | ଟ ୭,୨୪,୭୦୭ | ୭୭ |
| ପୁରୀ(ଖୋର୍ଦ୍ଧା ଛଡ଼ା) | ୪୮୪ | ଟ ୨,୯୨,୮୦୬ | ଟ ୩,୭୭,୭୦୩ | ୯ |

ଏଥିରୁ ଦେଖାଯାଏ ଯେ ବାଲେଶ୍ୱରରେ ହାରାପେକ୍ଷା ଅଧିକ ଏବଂ ପୁରୀରେ ଅଳ୍ପ ରାଜସ୍ୱ ବୃଦ୍ଧି ହୋଇଅଛି । ଏଥିର କିଛି କାରଣ ପ୍ରଦର୍ଶିତ ହୋଇ ନାହିଁ ।

ଓଡ଼ିଶାର ମୋଟ ମାହାଲ ୬,୩୫୦ ମଧ୍ୟରୁ ସମସ୍ତ କବୁଲ୍ୟତ ହୋଇ କେବଳ ୬ ମାହାଲର ମାଲିକମାନେ ଅସମ୍ମତ ହୋଇଅଛନ୍ତି । ତହିଁ ମଧ୍ୟରେ ୫ ମାହାଲ ନିତାନ୍ତ କ୍ଷୁଦ୍ର ଏବଂ ଅନ୍ୟଟି ପୁରୀ ଜିଲ୍ଲାର ବୋଠଦେଶ ଜମିଦାରି ଅଟେ । ଏହାର ସଦରଜମା ଟ ୮୧,୦୦୦ ଙ୍କା ଥିଲା ବର୍ତ୍ତମାନ ବନ୍ଦୋବସ୍ତରେ ଟ ୧,୦୪,୦୦୦ ଙ୍କା ଧାର୍ଯ୍ୟ ହୋଇଅଛି । କଥିତ ହୁଏ ଯେ ଏ ମାହାଲର ପୂର୍ବ ଜମିଦାରମାନେ ଦେଣଦାର ହେବାରୁ ସେମାନଙ୍କର ଉତ୍ତମର୍ଣ୍ଣ ବଡ଼ ମହାଜନ ନିଲାମ ଖରିଦଦାର ସ୍ୱରୂପ ଜମିଦାର ହେଲେ ଏବଂ ସେମାନେ ଅପଣା ଟେଲ ଟେଣି ଉସୁଲ ତହସିଲର ସୁବନ୍ଦୋବସ୍ତ କରି ପାରିଲେ ନାହିଁ ଅଥଚ ଜମିଦାରିଟି ନିତାନ୍ତ ବଡ଼-ସୁତରାଂ ଅନ୍ୟ କାହାର ସଙ୍ଗେ ବନ୍ଦୋବସ୍ତ କରିବାର ସମ୍ଭାବନା ନାହିଁ । ଅତଏବ କଲେକ୍ଟର ସାହେବ ଏ ମାହାଲର କାଗଜ ପତ୍ର ନେଇଅଛନ୍ତି । ସରକାର ପକ୍ଷରୁ ଉସୁଲ ତହସିଲ ହେବ : ଏହି ମାହାଲ ଛଡ଼ା ଆଉ ସମସ୍ତ ମାହାଲର ମାଲିକମାନେ ନୂତନ ଜମାବନ୍ଦ କାର୍ଯ୍ୟତଃ ଗ୍ରହଣ କରିଅଛନ୍ତି ଏବଂ ଏହାକି ନୂତନ ଜମାବନ୍ଦ ସୁବିଗ୍ଭର ପୂର୍ବକ ହୋଇଥିବାର ପ୍ରବଳ ପ୍ରମାଣ ଅଟେ ।

ଉପରଲିଖିତ ବିବରଣରୁ ପ୍ରକାଶ ଯେ କେବଳ ଇସ୍ତଫଙ୍କ ପ୍ରତି ନୂତନ ବନ୍ଦୋବସ୍ତର ଜମାବନ୍ଦ ଅଧିକ ବାଧକ ହୋଇ ନାହିଁ । ମାତ୍ର ଯେମନ୍ତ ଜମିଦାର ତେମନ୍ତ ମଧ୍ୟସ୍ୱତ୍ୱାଧିକାରୀଙ୍କ ପ୍ରତି ବିଶେଷ କଷ୍ଟକର ଅର୍ଥାତ୍ ଏକା ସୁରା ଉପର ଜମିଦାର ଛଡ଼ା ଆଉ ସମସ୍ତଙ୍କ ପ୍ରତି ନିତାନ୍ତ ଅଧିକ ଅର୍ଥାତ୍ ଦେଢ଼ାରୁ ଅଧିକ ହୋଇଅଛି । ଜମିଦାରମାନଙ୍କୁ ପୂର୍ବାପେକ୍ଷା ଅଧିକା ଦରରେ ମାଲିକାନା ଦିଆ ଯିବାରୁ ଯଦ୍ୟପି ବ ଅନେକ ସ୍ଥଳେ ସେମାନଙ୍କର ପୂର୍ବ ଆୟ କମେ ଉଣା ପଡ଼ି ନାହିଁ ମାତ୍ର ମୋକଦ୍ଦମ, ସରବରାକାର, ଖରିଦା ଜମାବନ୍ଦଦାର ଏବଂ ଲାଖରାଜବାଜ୍ୟାପ୍ତଦାର ସମସ୍ତଙ୍କର ଆୟ ପୂର୍ବଠାରୁ ବିଶେଷ ଉଣା ପଡ଼ିଅଛି ଏବଂ ସେଥିରୁ ଶୁଦ୍ଧ ହବ ଥିବା ଏବଂ ତହିଁର ଅଧିକାରୀମାନେ ଅଧିକାଂଶ ଦରିଦ୍ର ଏବଂ ସେହି ସତ୍ତ୍ୱ ହିଁ ସେମାନଙ୍କର ଜୀବିକାର ଏକମାତ୍ର ଉପାୟ ଥିବାରୁ ସେମାନଙ୍କୁ ଯେ ଅତ୍ୟନ୍ତ ବାଧିଅଛି ଏଥିରେ ସନ୍ଦେହ ନାହିଁ । ଜମିଦାର ମୋକଦ୍ଦମ ପ୍ରଭୃତି ସମସ୍ତେ କବୁଲ୍ୟତ୍ କଲେ ବୋଲି ବଙ୍ଗେଶ୍ୱର ବାହାଦୁର ସେହି କଥାକୁ ଜମାବନ୍ଦ ନରମ ହେବାର ପ୍ରମାଣ ସ୍ୱରୂପ ଦର୍ଶାଇଅଛନ୍ତି । ମାତ୍ର ପ୍ରକୃତରେ ତାହା ନୁହେ । ଜମି ଗୃହ ଏବଂ ଖଜଣା ଉସୁଲ ଏ ପ୍ରଦେଶର ଅଧିକାଂଶ ଲୋକର ଏକମାତ୍ର ଜୀବିକା ତାହା ଛାଡ଼ିଲେ ପ୍ରତିପୋଷଣର ଅନ୍ୟ ଉପାୟ

Digitized by srujanika@gmail.com

ନାହିଁ । ସରକାର ଯେତେ କେଉଁଠୁ ପଛରେ ଭରୁଲିଯିବ ନ ଦେଇ ଗଲେ ନାହିଁ । ସୁତରାଂ କବୁଲିଯତ କରୁଅଛନ୍ତି । କହିବା ଲାଭ ଯେ ଉକ୍ତ ହୋଇଅଛି ତାହା ଜମିଦାରୀ ପ୍ରଭୃତିର ବର୍ତ୍ତମାନ ବନ୍ଦୋବସ୍ତର ମୂଲ୍ୟରୁ ବିଲକ୍ଷଣ ଜଣା ଯାଉଅଛି ଏବଂ ଜମିଦାର ମୋକଦ୍ଦମା ପ୍ରଭୃତି କମ ହେବା ତହିଁର ଅନ୍ୟ ପ୍ରମାଣ ଅଟେ । ଫଳତଃ ସେହି ବନ୍ଦୋବସ୍ତଦ୍ୱାରା ଦରିଦ୍ରତା ବୃଦ୍ଧି ହେବାର ସମ୍ଭାବନା ଏବଂ ହେବାର ପ୍ରତ୍ୟକ୍ଷ ଦେଖା ଯାଉଅଛି ତାହା କଦାଚ ସନ୍ତୋଷଜନକ ନୁହେ ।

---

### କୋଟିଏ ହେବାନାମାର ମୋକଦ୍ଦମା ।

ଏଠା ସବଜଜଙ୍କ ଅଦାଲତରେ ଗତ ସୋମବାର ଦିବସ ଏକ ବୃହତ୍ ମୋକଦ୍ଦମା ନିଷ୍ପତ୍ତି ହେଲା । ମୌଲବୀ ସେଖ ଦାଦାରବକ୍ସ ସବଡେପୋଟୀ କଲେକ୍ଟର ଖୋରଧାର ତହସିଲଦାର ଥିଲେ । ସନ ୧୮୯୭ ମସିହା ମଇମାସ ତା ୨୭ରିଖରେ ତାହାଙ୍କର ମୃତ୍ୟୁ ହେଲା । ମୃତ୍ୟୁର ପ୍ରାୟ ଦଶବର୍ଷ ପୂର୍ବରୁ ସେ ବହୁମୂତ୍ରାଦି ରୋଗରେ ପୀଡ଼ିତ ଥିଲେ ଶେଷକୁ ରୋଗହେତୁ କାର୍ଯ୍ୟ କରିବାକୁ ଅକ୍ଷମ ହୋଇ ଛୁଟିର ପ୍ରାର୍ଥନା କରି ଉକ୍ତ ମଇମାସ ତା ୯ ରିଖରେ ସିଧମତେ ଡାକ୍ତରଙ୍କ ସାର୍ଟିଫିକେଟ ପଠାଇ ଥିଲେ ଓ ତହିଁରେ ମା ୬ ର ଛୁଟି ଦିଆଯିବାର ଡାକ୍ତରମାନେ ଅନୁରୋଧ କରିଥିଲେ । ତହିଁ ଉତ୍ତାରୁ ଦାଦାର ବକ୍ସ ଆପଣାର ମୃତ ପିତାଙ୍କ ଆଦେଶ ଅନୁସାରେ ଆପଣାର ଏକମାତ୍ର ପୁତ୍ର ଅହେମଦ ବକ୍ସ ନାମରେ ସମସ୍ତ ପୈତୃକସମ୍ପତ୍ତି ସମ୍ବନ୍ଧେ ଉକ୍ତ ମଇମାସ ତା ୨୧ ରିଖରେ ହେବାନାମା ( ଦାନପତ୍ର ) ଲେଖି ଦେଇ ସେହି ମାସ ତା ୨୫ ରିଖରେ ତାହା ରେଜେଷ୍ଟ୍ରୀ କରିଦେଲେ ଏବଂ ତହିଁର ଦୁଇଦିନ ପରେ ସେ ମରିଗଲେ । ମୃତ୍ୟୁ ସମୟରେ ତାଙ୍କର ସ୍ୱବଳିତା ବିବାହିତା ଭଗିନୀ ଏବଂ ଅବିବାହିତା ଭଗିନୀ ଏବଂ ସ୍ତ୍ରୀ ଥିଲେ । ସ୍ତ୍ରୀ ମଧ୍ୟ ଉକ୍ତ ହେବାନାମାଦ୍ୱାରା ତାଙ୍କର ନିଜର କେତେକ ସମ୍ପତ୍ତି ପୁତ୍ରକୁ ଦାନ କରିଥିଲେ । ନାମାନାମାନଙ୍କୁ ଦାଦାର ବକ୍ସ ଆପଣା ପାଖରେ ରଖି ସେମାନଙ୍କୁ ପ୍ରତିପାଳନ କରୁଥିଲେ ଏବଂ ବିବାହଦ୍ୱାରା ତାଙ୍କର ଅନ୍ୟ ଅନେକ ସମ୍ପତ୍ତି ହୁଏ । ନାମାନାମାନେ ଶ୍ୱଶୁରଙ୍କ ଘରକୁ ମାନ୍ୟକରି ଚଳୁଥିଲେ ଅବଶ୍ୟ ହିତମ ହୋଇଥାନ୍ତା ମାତ୍ର ସେମାନେ ତହିଁରେ ସନ୍ତୁଷ୍ଟ ନ ହୋଇ ଦାଦାରବକ୍ସଙ୍କ ମୃତ୍ୟୁର ଅଳ୍ପ ଅଳ୍ପଦିନପରେ ଆପଣା ୨ ଭାର୍ଯ୍ୟାଙ୍କ ପକ୍ଷରୁ ସେମାନଙ୍କର ମହମ୍ମଦୀୟ ଶାସ୍ତ୍ର ଅନୁସାରେ ହିବାନାମା ଲିଖିତ ଜମିଦାରୀମାନଙ୍କର ଅଂଶ ସମ୍ବନ୍ଧେ ନାମ ଦାଖଲଖାରଜର ପ୍ରାର୍ଥନା କଲେ । ଉକ୍ତ ଦାଖଲଖାରଜ ମୋକଦ୍ଦମାରେ ଅହେମଦବକ୍ସ ହିବା ବଳରେ ଦାବୀଦାର ହେବାରୁ ଉଭୟ ପକ୍ଷରୁ ଅନେକ ଉକିଲ ମୁକ୍ତାର ଉପସ୍ଥିତ ହୋଇ ଭୁମୁଲଲଢ଼ାଇ ଚଳିଲା ଏବଂ ଦାଖଲଖାରଜ ହାକିମ ଦେୱାନୀଅଦାଲତରୁ ନିଷ୍ପତ୍ତି ସକାଶେ ପଠାଇବାରେ ଏଠା ଜଜସାହେବ ମହୋଦୟ ଉକ୍ତ ହିବା ପ୍ରକୃତ ପ୍ରସ୍ତାବେ ହୋଇଥିବା ମାତ୍ର ଦାଦାରବକ୍ସ ମୃତ୍ୟୁଶଯ୍ୟାରେ ପୀଡ଼ିତ ଥାଇ ମୃତ୍ୟୁର ଆଶଙ୍କାରେ ତାହା ସମ୍ପାଦନ କରିଥିବା ହେତୁ ଉକ୍ତ ହିବାନାମା ଅସିଦ୍ଧ ଥିବାର ସ୍ଥିର ଦେଇ କନ୍ୟାମାନଙ୍କର ନାମ ଦାଖଲଖାରଜ ହେବାର ଆଦେଶ ଦେଲେ । ଅହେମଦବକ୍ସ ପକ୍ଷରୁ ଏଥି ଉତ୍ତାରୁ ଉକ୍ତ ହିବାନାମା ସିଦ୍ଧ କରାଇବା ସକାଶେ ନାଲିସି ମୋକଦ୍ଦମା ଏଠା ସବଜଜ ଅଦାଲତରେ ଆଗତ ହେଲା । ଉଭୟ ପକ୍ଷରୁ ଏଠା ଅଦାଲତର ପ୍ରଧାନ ୨ ଉକିଲ ଅର୍ଥାତ୍ ବାଦୀ ପକ୍ଷରୁ ବାବୁ ମଧୁସୂଦନ ଦାସ, ବାବୁ [illegible] ଗୁପ୍ତ, ବାବୁ ରାମଶଙ୍କର ଗୁପ୍ତ, ବାବୁ ଜାନକୀନାଥ ବସୁ ଓ ପ୍ରତିବାଦୀ ପକ୍ଷରୁ ରାୟ ହରିବଲ୍ଲଭ ବସୁ ବାହାଦୁର, ବାବୁ ହରିଚରଣ ବାନର୍ଜ୍ଜୀ, ବାବୁ ନିମାଇଁଚରଣ ମିତ୍ର ପ୍ରଭୃତି ଉକିଲମାନେ ଉପସ୍ଥିତ ହୋଇ ମୋକଦ୍ଦମା ଚଳାଇଥିଲେ । ଖୋରଧାର ପେନସନ ପ୍ରାପ୍ତ ସବଡେପୋଟୀ କଲେକ୍ଟର ବାବୁ ବଳରାମ ବେଶ, ବାବୁ ଭୂଷଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଡାକ୍ତର, ମୌଲବୀ ମହମ୍ମଦ ଅବଦୁଲ ସମଦ ସବରେଜେଷ୍ଟ୍ରର ଏବଂ ଡାକ୍ତର କୋଷ୍ଟର ସାହେବ ପ୍ରଭୃତି ପ୍ରଧାନ ୨ ବ୍ୟକ୍ତିମାନେ ବାଦୀ ପକ୍ଷରୁ ସାକ୍ଷ ଦେଇଥିଲେ । ଏ ମୋକଦ୍ଦମା ପେନ ଏଠାରେ ଭାରି ଆନ୍ଦୋଳନ ଲାଗିଥିଲା ଏବଂ ଅନେକ ଲୋକ ଏ ମୋକଦ୍ଦମାର ସ୍ଥିତିକୁ ଅନାଇ ବସିଥିଲେ । ବିଶେଷତଃ ମୁସଲମାନମାନଙ୍କ ମଧ୍ୟରେ ଏପରି ମୋକଦ୍ଦମା ଏ ପର୍ଯ୍ୟନ୍ତ ଏଠାରେ ଆଗତ ହୋଇ ନ ଥିବା ଓ ସୂକ୍ଷ୍ମ ଆଇନର ତର୍କମାନ ଏଥିରେ ସନ୍ନିବିଷ୍ଟ ଥିବାରୁ ଲୋକେ ବିଶେଷ କୌତୂହଳାକ୍ରାନ୍ତ ହୋଇଥିଲେ । ପ୍ରତିବାଦୀ ପକ୍ଷରୁ ଦାଦାରବକ୍ସ ଉକ୍ତ ଦସ୍ତାବିଜ କରିଦେଇ ନ ଥିବା ଏବଂ ମୃତ୍ୟୁର ୭ ୮ ଦିନ ପୂର୍ବରୁ ସେ ବଦ୍ଧିଲ ଅବସ୍ଥାରେ ଥିବା ଓ ମୃତ୍ୟୁର ଆଶଙ୍କା କରୁ-ଥିବାର ଯବାବ ଦିଆ ଯାଇଥିଲେହେଁ ବାଦୀ ପକ୍ଷର ପ୍ରମାଣଦ୍ୱାରା ସେ ସଦ୍‌ଜ୍ଞାନରେ ଥାଇ ଉଠି ଯିଇ ଦସ୍ତାବିଜ କରି ଦେଇଥିବା ଓ ଏକ-ବର୍ଷରୁ ଅଧିକ କାଳ ପୀଡ଼ାଗ୍ରସ୍ତ ଥିବା ହେତୁ ମୁସଲମାନ ଶାସ୍ତ୍ରାନୁଯାୟୀ ସେହି ପୀଡ଼ା ମାରାତ୍ମକ ପୀଡ଼ା ମଧ୍ୟରେ ଗଣ୍ୟ ନ ହେବା ଓ ସେ ମୃତ୍ୟୁର ଆଶଙ୍କା କରି ଉକ୍ତ ଦସ୍ତାବିଜ କରି ଦେଇ ନ ଥିବା ଅତି ଉତ୍ତମରୂପେ ସାବ୍ୟସ୍ତ ହେବାରୁ ସବଜଜ ମହୋଦୟ ବାଦୀକୁ ଡିକ୍ରୀ ଦେଇ ଅଛନ୍ତି । ଏ ମୋକଦ୍ଦମାର ବିଗୁର କାର୍ଯ୍ୟ ଦେଢ଼ ମାସରୁ ଅଧିକ ଲାଗିଥିଲା ଏବଂ ସବଜଜଙ୍କ ରାୟ ମଧ୍ୟ ବୃହଦାକାର ହୋଇଅଛି । ଉକିଲମାନଙ୍କର ତର୍କ ବିତର୍କ ଦ ୭ ଦିନ କାଳ ବ୍ୟାପିଥିଲା ଏବଂ ଆଇନ ଛଡ଼ା ଡାକ୍ତରୀ ବିଦ୍ୟାର ମଧ୍ୟ ବିଶେଷ ତର୍କ ଉପସ୍ଥିତ ହୋଇଥିଲା । ସର୍ବସାଧାରଣ ଯେ ସବଜଜ ମହୋଦୟଙ୍କ ରାୟରେ ସନ୍ତୁଷ୍ଟ ଅଛନ୍ତି ବୋଲିବା ବାହୁଲ୍ୟ । ଏ ରାୟଦ୍ୱାରା କୋଟିଏ ଖାନଦାନ ଘରର ରକ୍ଷା ପାଇଗଲା ମାତ୍ର ମୋକଦ୍ଦମାରେ ହଜାର ୨ ଟଙ୍କା ଖର୍ଚ୍ଚ ହୋଇଗଲା । ଦାଦାରବକ୍ସଙ୍କ ମୃତ୍ୟୁ ଉତ୍ତାରୁ ଏଠାର ଭୂତପୂର୍ବ ପେନ୍‌ସନ୍ ପ୍ରାପ୍ତ ଡେପୋଟୀ କଲେକ୍ଟର ବାବୁ ଜଗମୋହନ ରାୟ ଉଭୟ ପକ୍ଷଙ୍କୁ ମିଳାଇ ଦେଇ ମୋକଦ୍ଦମା ନିବାରଣ କରିବାର ବିଶେଷ ଚେଷ୍ଟା କରିଥିଲେ । ତାହା ସଫଳ ହୋଇଥିଲେ ପକ୍ଷମାନେ ଏତେଦୂର ଖର୍ଚ୍ଚାନ୍ତ ହୋଇ ନ ଥାନ୍ତେ ।

---

## ସାପ୍ତାହିକ ସମ୍ବାଦ

### କଲିକତା-ଗେଜେଟ ।

ବାବୁ ଅଶ୍ୱିନୀଚରଣ ମିତ୍ର ମଜଫରପୁର [illegible] ଅତିରିକ୍ତ ମାଜିଷ୍ଟ୍ରେଟ ପଦରୁ ଛୁଟୀ ପ୍ରାପ୍ତ କରିଅଛନ୍ତି ।

ବାବୁ ହାଜିବନ୍ଧୁ ଚୌଧୁରୀ ମଜଫରପୁର [illegible] ଅତିରିକ୍ତ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ୩ ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ପ୍ରବେଶିକା ପରୀକ୍ଷା ଇନ୍‌ସ୍ପେକ୍ଟରର ବାବୁ ରୁଦ୍ରଦେବ [illegible] ୨ ମାସ [illegible] ଛୁଟି ପାଇଲେ ।

[illegible] ସବ୍‌ଡେପୁଟୀ କଲେକ୍ଟର ବାବୁ [illegible], ଏମ୍, ଚୌଧୁରୀ ଦଶମାସର ଛୁଟୀ ପାଇଲେ ।

---

ଏ ସପ୍ତାହରେ ଏ ନଗରରେ ଓଲାଉଠା ବିଶେଷ ନାହିଁ ।

ଗତ ବୁଧବାର [illegible] ବାବୁ [illegible] [illegible] [illegible] ଓ [illegible] । [illegible] ବାବୁ

ତର୍ପଣାଦବୃଣ ଦାସଙ୍କ ନାମରେ ଯେଉଁ ଦୋଷାରୋପ ହୋଇଅଛି ତହିଁର କେତେକ ବିଷୟର ଅନୁସନ୍ଧାନ ହେବ ସେଠାର ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ପଦରେ ଲବ୍ କୋଃ କ୍ଷେମେଣ୍ଟର ବାବୁ ଅଜୟଚନ୍ଦ୍ର ଦାସ ନିଯୁକ୍ତ ହୋଇଥାଇଅଛନ୍ତି। ତାହାଙ୍କ ଗୁରଜ ଦେବା ତାଙ୍କର ଦର୍ପନାଦବୃଣ ବାବୁ ତାଙ୍କର ସ୍ଥାୟୀ ଉତ୍ତରାଧିକାରୀ ସିରସ୍ତାଦାର୍ବାର୍ଯ୍ୟକୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସପ୍ରେଣ୍ଟର ରହିବେ।

ଗତ ରବିବାରଠାରୁ ତ ୪ ଦ ଘଣ୍ଟା ଏବଂ ଶ୍ରୀ ସହରରୁ ଗତ ଗୁରୁବାର ସାମାନ୍ୟରେ ବୃଷ୍ଟି ହୋଇଥିଲା ପ୍ରାୟ ପ୍ରତି ଘଣ୍ଟା ହୋଇ ଥିଲା। ମାତ୍ର ଶୀତଳ ଥିଲା ନଦୀ ସାଧାରଣ ପ୍ରକାର ବଢ଼ି କାଠଯୋଡ଼ିରେ ଫ ୨୨ ଫୁଟ ଜଳ ଉଠିଥିଲା। ବର୍ତ୍ତମାନ ଖସୁଯାଇଅଛି।

ଗତ ଶନିବାର ଏବଂ ତହିଁ ପୂର୍ବ ଦିନର ପ୍ରବଳ ଝଡ଼ରେ ଓଡ଼ିଶାର ନାନା ସ୍ଥାନରେ ଯେତେଟା ବୃଷ୍ଟି ହୋଇଥିଲା ତହିଁର ପରିମାଣ ଯଥା କଟକ ସହରରେ ୫.୩୧, ଜାଜପୁର ୭.୪୦, କେନ୍ଦ୍ରାପଡ଼ା ୭.୦୮, ଭାଟି ୪.୧୪, ବାଲେଶ୍ୱର ସହର ୭.୧୫, ପୁରୀ ସହର ୬.୨୭, ଏବଂ ଖୋରଧା ୩,୨୪।

ଗୋପୀନାଥପୁର। ସା ୮। ଗୋବିନ୍ଦପୁର ବଳରାମମହାନ୍ତି ଠାରୁ ଅଳଙ୍କାର ଚୋରି କରିଦେବା କାରଣ କେତେ ସୁନା ଓ ରୂପା ନେଇଥିଲା। ଏହି ଅଳଙ୍କାର ଦେଇ ବାକି ସଙ୍କାରେ ଟାଲଟୁଲ କରିବାରୁ ମୁନ୍‌ସିଫର କାଲସମଟେ ପୁଲିସ ଘୃତନ ଦସ୍ୟୁଙ୍କ ଧା ୪୦୭ ଘ ଅନୁସାରେ ଟ ୨୫ ଙ୍କା ଜରିମାନା ଏବଂ ନ ଦେଲେ ଏକମାସ କଏଦଦଣ୍ଡ ବାବୁ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଡେଃ ମାଜିଷ୍ଟ୍ରେଟ ପ୍ରଦାନ କଲେ। ଠକ୍ୟ ବଟିଆମାନଙ୍କର ଶାସନର ଉତ୍ତମ ଉପାୟ ହେଉଅଛି।

ପଟ୍ଟପୁରର ଜ ୭ ଣ ଲୋକ ମହାନଦୀର ରେଳବେ ପୁଲ ଉପରେ କଟକ ଅସୁଥିଲେ। ରେଲର ପଞ୍ଜିମସ୍ଥର ସାହେବ ଏମାନଙ୍କୁ ଦେଖାଇ ପଠାଇବାର ଦରବାରରେ ଗତ ତା ୧୭ ରଖରେ ପ୍ରତ୍ୟେକ ଉପରେ ଟ ୧ ଙ୍କା ଲେଖାଏଁ ଜରିମାନା ହେଲା। ରେଲବେ ପୁଲ ଉପରେ ସର୍ବ ସାଧାରଣଙ୍କର ଗତାୟାତ କରିବାର ଅଧିକାର ନାହିଁ।

କୁଅଁପାଳ ପୋଷ୍ଟଅଫିସର ପୋଷ୍ଟମାଷ୍ଟର ପିତ୍ନ ମନିଅର୍ଡରର ଟଙ୍କା ଆତ୍ମସାତ କରିଥିବାରୁ ତାଙ୍କର ଦଗ୍ଧରରେ ତ ୫ ବର୍ଷ କଠିନ ପରିଶ୍ରମ ସହିତ କଏଦଦଣ୍ଡ ପାଇଅଛି।

। ପ୍ର। ଖାଉନ୍ଦେ। ମୌ। ସିଙ୍ଗାଲୋର ଚୌକିଦାର ଜମାର ମହିଳ ସେହି ମୌଜାର ଲକ୍ଷ୍ମୀ ନାମକ ଏକ ବିଧବା ସ୍ତ୍ରୀକୁ ଅତାଇଲରେ ଲେସରେ ଗୃଲାନ କରାଇଥିଲା। ଗତ ମଙ୍ଗଳବାର ବାବୁ ପୂର୍ଣ୍ଣଚନ୍ଦ୍ର ମୌଲିକ ଡେଃ ମାଜିଷ୍ଟ୍ରେଟ ଦଗ୍ଧର କର ଯେଉଁ ପ୍ରମାଣ ନ ହେବାରୁ ଅସାମିକ ଖଲାସ ଦେଲେ ଏବଂ ଚୌକିଦାର ଉପରେ ଟ ୧୦ ଙ୍କା ଜରିମାନା କରି ତାହା କ୍ଷତିପୂରଣ ସ୍ୱରୂପ ଅସାମିକୁ ଦେବାର ଆଦେଶ ଦେଲେ।

ଭଦ୍ରକସ୍ଥର ମିଉନିସିପାଲିଟିର ଏଭାଇସ ଶ୍ରୀଯୁକ୍ତ କ୍ଲାର୍କ ସାହେବ ସେହି ମିଉନିସିପାଲିଟିର ନୂତନ ବଜାରସର ନିର୍ମାଣ ଥିଁ ସହସ୍ରରୁ ୫ ହଜାର ଟଙ୍କା ଦାନ କରିଅଛନ୍ତି।

କଲିକତାର 'ହୂତବାସୀ' ନାମକ ବଙ୍ଗଳା ସମ୍ବାଦପତ୍ରରେ ଏକ ମୋକଦମା ସମ୍ବନ୍ଧରେ ଖୁଲନାର ଜଣେ ମୁକ୍ତାର ବାବୁ ମ୍ବବଦାସ ସେନ ମିଥ୍ୟା ସାକ୍ଷ୍ୟ ଦେଇଥିବାର ଲେଖା ଥିବାରୁ ମୁକ୍ତାର ମହାଶୟ 'ହୂତବାସୀ'ର ସମ୍ପାଦକ ଓ ମୁଦ୍ରାକର ନାମରେ ଦୁର୍ନାମ ରଟାଇବାର ନାଲିସ କରିଅଛନ୍ତି। ଖୁଲନାର ଡେପୁଟିମାଜିଷ୍ଟ୍ରେଟ ଅସାମୀମାନଙ୍କ ନାମରେ ଓ୍ୱାରେଣ୍ଟ ଜାରି କରିଅଛନ୍ତି।

ମୁଙ୍ଗେରର ସବଡେପୁଟିମାଜିଷ୍ଟ୍ରେଟ ଲୟ୍‌ଡ ସାହେବ ଏକ ଜଣ କଟେଇକୁ ଲକ୍ଷ୍ୟ କରି ବନ୍ଧୁକ ମାରିଥିଲେ। ଦରଗ୍ର ଦଗ୍ଧରରେ ଦଣ୍ଡବିଧିର ଧା ୩୦୮ ଘ ଅପରାଧ ପ୍ରମାଣ ହେବାରୁ ମାଂସ ବନା ପରିଶ୍ରମରେ କାରାବାସ ଦଣ୍ଡ ପାଇଅଛନ୍ତି।

ମାଇକହ ପୁତ୍ରରାଜ୍ୟରେ ୬୧୮ଶ ବୟସର ଏକ ରମଣୀ ର ୭୬ଶ ବୟସର ଏକ ପୁରୁଷର ସଙ୍ଗ ରୁଷର ବିବାହ କରିଅଛି। ଏ ରମଣୀର ପ୍ରଥମ ବିବାହ ସନ ୧୮୩୨ ସାଲରେ ହୋଇଥିଲା। ବ୬୮ ର୍ଥ ବୟସରେ ସେ ବିଧବା ହୋଇ ୨ୟ ସ୍ୱାମୀ ଗ୍ରହଣ କରିଥିଲା ମାତ୍ର ଏବର୍ଷ ଉକ୍ତରୁ ପୁଣି ପତିହୀନା ହୋଇ ୩ୟ ପତି ଗ୍ରହଣ କରିଗଲା। ଏପରି ଘଟଣା ଆଉ କେଉଁ ଦେଶରେ ଅଛି କି ?

ଭାରତ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିର ମୋଟ ଟାଙ୍ଗୁ ବ. ରେଡା ଗତ ସପ୍ତାହ ପର୍ଯ୍ୟନ୍ତ ଏକ କୋଟି ୩୦ ଲକ୍ଷ ଟଙ୍କା ହୋଇଥିଲା।

ପେଲେଗ ରୋଗ କଲିକତାରୁ ଅନ୍ତର୍ହିତ ହୋଇ ନାହିଁ ଦୈନିକ ମୃତ୍ୟୁ ଅବଧି ୫।୭ ହେଉଅଛି।

ତମତମାଠାରେ ଜଣେ ଷ୍ଟେସନ ରେଲବାଟ ଉପରେ ଗୃଲି ଯାଉଥିବା ସମୟରେ ହଠାତ୍ ରେଲଗାଡ଼ି ପହୁଞ୍ଚି ତାହା ଉପରେ ଗୃଲିଯିବାରୁ ଷ୍ଟେସନଟି ବିଶେଷ ପୀଡ଼ାପ୍ରାପ୍ତ ହୋଇଅଛି। ହାସପାତାଲରେ ଉକ୍ତ ଷ୍ଟେସନଟି ଅଚେତ ଅବସ୍ଥାରେ ପଡ଼ିଅଛି।

ବୋମ୍ବାଇଠାରେ ବିଶେଷ ବୃଷ୍ଟିଯୋଗେ ଅତି ଗୋଟିଏ ଘର ପଡ଼ିଯାଇଥିବାର ସମ୍ବାଦ ମିଳିଅଛି। ଉକ୍ତ ବାଟ ଇତ୍ୟାଦି ତଳେ ଜ ୭ ଣ ଲୋକ ରହିଯାଇଥିଲେ। ଏମାନଙ୍କ ମଧ୍ୟରୁ ଜ ୨ ଣ ମରି ପଡ଼ିଅଛନ୍ତି।

ଗୋଦାବରୀ ନଦୀରେ ବିଶେଷ ବନ୍ୟା ଯୋଗେ ରେଲଗାଡ଼ିର ପୋଲର ଗୋଟିଏ ଅଂଶର ଖଣ୍ଡି ଭାଙ୍ଗି ଯାଇଥିବାର ସମ୍ବାଦ ମିଳିଅଛି। ନଦୀ ଉଚ୍ଛୁଳି ପଡ଼ି ଉଭୟପାର୍ଶ୍ୱର ଗ୍ରାମମାନ ଜଳମଗ୍ନ ହୋଇଅଛି।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଏକଜଣ କରଣ କୁଳୋଦ୍ଭବ ସନ୍ତାନ ଆଜକୁ ପ୍ରାୟ ବ ୧୦ ବର୍ଷ ହେବ କୌଣସି ସ୍ଥାର ପ୍ରଲୋଭନ ବଶତଃ ଖ୍ରୀଷ୍ଟଧର୍ମ ଗ୍ରହଣ କରିଅଛି ସେ ଲୋକ ପୁନରାୟ ହିନ୍ଦୁ ଧର୍ମକୁ ଆସିବାକୁ ଇଚ୍ଛା କଲେ ଆସି ପାରେ କି ନା ଯଦି ପାରେ ତାହାର ବ୍ୟବସ୍ଥା କି ? ଓଡ଼ିଶାସ୍ଥ ପ୍ରଧାନ ୨ ଅର୍ଯ୍ୟ ସଶାସ୍ତ୍ର ପଣ୍ଡିତମାନେ ମତ ଦାନ କରି ବାଧିତ କରିବା ହେବେ ।

ବଶମ୍ବଦ
ଶ୍ରୀ ପରମାନନ୍ଦ ସେନାପତି
ମୟୂରଭଞ୍ଜ

ମହାଶୟ !

ଉପସ୍ଥିତ ଦୁର୍ଭିକ୍ଷ ଭାରତର ପ୍ରାୟ ଅଧିକାଂଶ ସ୍ଥାନରେ ଭୀଷଣ ଆକାର ଧାରଣ କରିଅଛି । ଏପରି ଦୁଃସମୟ ଦୁର୍ଦ୍ଦିନରେ ଅନେକର ସହିତ ଜଣାଉଅଛୁଁ ଯେ ଅସ୍ମମାନଙ୍କର ମାନ୍ୟାସ୍ପଦ ଶ୍ରୀମନ୍ ମହାରାଜ ମହୋଦୟ ଦୁର୍ଭିକ୍ଷ ପ୍ରପୀଡ଼ିତବ୍ୟକ୍ତି, ଛିନ୍ନ କୃଷକ ଓ ବିଦେଶାଗତ ଅନ୍ନକ୍ଲିଷ୍ଟ ବ୍ୟକ୍ତିମାନଙ୍କ ଦୁଃଖ ଶ୍ରବଣ କରି ପ୍ରୟୋଜନାନୁସାରେ ସେମାନଙ୍କୁ ଧାନ୍ୟ, ଅର୍ଥ, ଅନ୍ନ ପ୍ରଭୃତି ସାହାଯ୍ୟ ଦାନଦ୍ୱାରା ଯେପ୍ରକାର ରକ୍ଷା କରୁଅଛନ୍ତି, ଏପରି ଅନ୍ୟତ୍ର ହୋଇଥିଲେ ଲୋକମାନେ ଅକ୍ଲେଶରେ ଏହି ଦୁଃସମୟରୁ ଉତ୍ତୀର୍ଣ୍ଣ ହୋଇପାରିବେ ।

ଅସ୍ମମାନଙ୍କର ମହାରାଜ ମହୋଦୟ ଏପରି ସମୟରେ ସ୍ୱୟଁ କ୍ଷମତାନୁସାରେ ଛିନ୍ନ ପ୍ରଜାମାନଙ୍କ ଖାଦ୍ୟନିମିତ୍ତ ଧାନ୍ୟ, କୃଷି ନିମିତ୍ତ ବୀଜ ଓ ଅର୍ଥ ସାହାଯ୍ୟ ଏବଂ ଅନ୍ୟାନ୍ୟ ପ୍ରକାର ଦାନ କରୁଅଛନ୍ତି । ତାଙ୍କର ଏହିପ୍ରକାର ଉଦାରତାପୂର୍ଣ୍ଣ କାର୍ଯ୍ୟପ୍ରଣାଳୀ ଦର୍ଶନ କରି ଆମ୍ଭେମାନେ ଅନ୍ତରସହିତ ଶତଶତ ଧନ୍ୟବାଦ ପ୍ରଦାନ କରି ଈଶ୍ୱରଙ୍କ ନିକଟରେ ତାଙ୍କର ଦୀର୍ଘଜୀବନ କାମନା କରୁଅଛୁଁ ।

ଅଠଗଡ଼ ⎫
୧୬।୮।୧୯୦୦ ⎭ ଶ୍ରୀ—

ମହାଶୟ !

ନିମ୍ନଲିଖିତ ପଂକ୍ତିଗୁଡ଼ିକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ଅନୁଗୃହୀତ କରିବେ ।

ସ୍ତ୍ରୀ-ଶିକ୍ଷା ବିସ୍ତାର ପକ୍ଷେ ଓଡ଼ିଶାରେ କୌଣସି ଚେଷ୍ଟା ହେଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ସ୍ଥାନେ ୨ ଯେଉଁ କେତୋଟି ପ୍ରାଥମିକ ଓ ମଧ୍ୟମ ଶ୍ରେଣୀର ବାଳିକା ବିଦ୍ୟାଳୟ ଅଛି ସେଥି ମଧ୍ୟରେ "କଟକ ପିଭେନ୍‌ସା ହିନ୍ଦୁ ବାଳିକା ବିଦ୍ୟାଳୟ" ଟି ସକଳ ବିଷୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି । ମାତ୍ର ଏହାର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନୁହେ । ଏହା ଯେ କଟକ ବାସୀ ବିଦ୍ୟୋତ୍ସାହି ଦିଦ୍ରୁ ବ୍ୟକ୍ତିମାନଙ୍କ ପକ୍ଷରେ ଲଜ୍ଜାର କଥା—ସେଥିରେ ଆଉ ସନ୍ଦେହ କଣ ଅଛି ? ସେ ଯାହା ହେଉ, ସକଳ ବିଷୟରେ ନିରୁତ୍ସାହ ଉତ୍କଳୀୟମାନଙ୍କ ମଧ୍ୟରେ କାହାରିକୁ କୌଣସି ବିଷୟରେ ଟିକିଏ ଉତ୍ସାହୀ ହେବାକୁ ଦେଖିଲେ ପ୍ରାଣ ପୁଲକିତ ହୋଇଉଠେ । ଉତ୍କଳ ପରିଚିତ ଏବଂ ବର୍ତ୍ତମାନ ପୁଣ୍ୟଶ୍ଳୋକର ଯାଜୀ କଟକ ଜିଲ୍ଲାନ୍ତର୍ଗତ ମହାଙ୍ଗା ନିବାସୀ ଶ୍ରୀଯୁକ୍ତ ଜଗନ୍ମୋହନ ଲାଲ ମହାଶୟଙ୍କର ନାନା ବିଷୟରେ ଯୁବା-

Split by PDF Splitter



ଜନୋଚିତ ଉତ୍ସାହ ଓ ଉଦ୍ୟମଶୀଳତା ଯେ ଅନେକଙ୍କ ପକ୍ଷରେ ଅଦର୍ଶସ୍ଥାନୀୟ ତାହା କୋ-ହିବା ବାହୁଲ୍ୟମାତ୍ର। ଅନ୍ତ ପତ୍ରିକାର ପାଠକ-ମାନଙ୍କୁ ସେ ବିଷୟରେ ଗୋଟିଏ ଉଦାହରଣ ଦେଉଁ କେତେକ ବର୍ଷ ପୂର୍ବେ ଲାଲ ମହୋ-ଦୟଙ୍କର ଗୋଟିଏ କନ୍ୟା ଶ୍ରୀଯୁକ୍ତା ଶ୍ରୀମତୀ ବସୁ ଏହି ବିଦ୍ୟାଳୟର ଗୋଟିଏ ଛାତ୍ରୀ ଥିଲେ। ଶ୍ରୀଳାର୍ଜନ ବିଷୟରେ ତାଙ୍କର ସ୍ପୃହା ଅତ୍ୟନ୍ତ ବଳବତୀ ଥିଲା। ମାତ୍ର ବିବାହ ବନ୍ଧନ ହେତୁରୁ ତାହାଙ୍କୁ ଅକାଳେ ବିଦ୍ୟାଳୟ ପରିତ୍ୟାଗ କରି-ବାକୁ ହୋଇଥିଲା। କେବଳ କି ବିଦ୍ୟାଳୟ ପରିତ୍ୟାଗ? ବିବାହର ଅଳ୍ପ ସମୟ ପରେ ସେ-ହୃଦୟ ଲାଲ ମହୋଦୟଙ୍କୁ ଗଭୀର ଶୋକସାଗ-ରରେ ମଗ୍ନ କରି ଇହ ସଂସାର ମଧ୍ୟ ପରିତ୍ୟାଗ କରି ଚାଲିଗଲେ। ଲାଲ ସାହେବ ଏତଦୃ ଗଭୀର ଶୋକରେ ମଗ୍ନ ଥିଲେ ମଧ୍ୟ ପ୍ରାଣପ୍ରିୟା ଶ୍ରୀମତୀର ଆତ୍ମାର କଲ୍ୟାଣୋଦ୍ଦେଶ୍ୟରେ ଏହି ବିଦ୍ୟାଳ-ୟର ଛାତ୍ରୀମାନଙ୍କୁ ପୁରସ୍କାର ଦେବା ନିମନ୍ତେ ଛଅଟଙ୍କା ପଠାଇ ଦେଇ ସ୍ତ୍ରୀ ଶିକ୍ଷା ବିସ୍ତାର ପକ୍ଷରେ ଆପଣାର ଗଭୀର ଅନୁରାଗ ଥିବାର ପ୍ରକାଶ କରୁଅଛନ୍ତି। ଏହି ବିଦ୍ୟାଳୟର କର୍ତ୍ତୃ-ପକ୍ଷମାନେ ଅତ୍ୟନ୍ତ କୃତଜ୍ଞ ଚିତ୍ତରେ ଉକ୍ତ ଦାନ ଗ୍ରହଣ କରି ସାଧାରଣରେ ତାହାଙ୍କର ସର୍ବ-ବିଧ ମଙ୍ଗଳ କାମନା କରୁଅଛନ୍ତି। ତାହାଙ୍କ ଅଭିପ୍ରାୟମତେ ଏହି ଟଙ୍କାରେ ପୁସ୍ତକ କ୍ରୟ କରି ଯାଇ ଆଗାମୀ ବାର୍ଷିକ ପରୀକ୍ଷାରେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀମାନଙ୍କୁ "ଶ୍ରୀମତୀ ପୁରସ୍କାର" ନାମରେ ବିତରଣ ହେବ। ଇତି।

| | |
|---|---|
| କଟକ<br>୨୫।୮।୧୯୦୦ | ବଶମ୍ବଦ<br>ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ<br>ପ୍ରଧାନ ଶିକ୍ଷକ<br>କଟକ ଷ୍ଟେଟ ଗର୍ଲସ୍ ସ୍କୁଲ<br>ବିଦ୍ୟାଳୟ |

## ମୂଲ୍ୟ ପ୍ରାପ୍ତି।

| | | |
|---|---|---|
| ଶ୍ରୀ ବାବୁ ଶ୍ରୀଧର ବନ୍ଦ୍ୟୋ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର | ଅନୁଗୋଳ | ୫ ୩ ୧ |
| ,, କଟକର ଡାକ୍ତାରଖାନା ତହସିଲ ମୋହରର | କାନପୁର କଟେଜ ରୋଡ଼ | ୫ ୧ ୧ |
| ,, ଶ୍ରୀରାମଚନ୍ଦ୍ର ନାୟକ | କଟକ | ୫ ୩ ୧ |
| ,, ଲକ୍ଷ୍ମୀଧର ମହାନ୍ତି ତହସିଲଦାର | ମଣ୍ଟିଗୁମରୀ କଲେଜ ଅମୃତେଶ୍ୱର | ୫ ୩ ୧ |
| ,, ଶ୍ୟାମସୁନ୍ଦରଙ୍କ ହେଡ଼ପଣ୍ଡିତ ଦେଶୁଣ୍ଡଳ | | ୫ ୩ ୧ |
| ଦଳା । ଦ । | କଟକ | ୫ ୩ ୧ |
| ଶ୍ରୀ ବାବୁ ଦେବାନନ୍ଦ ପାତ୍ର | କଟକ | ୫ ୩ ୧ |
| ,, ହରେକୃଷ୍ଣ ମିଶ୍ର କାନୁନ୍‌ଗୋ । ଠ । | ଶୁକଲେଶ୍ୱର ଅନୁଗୋଳ | ୫ ୨ ୧ |

| | |
|---|---|
| ବାବୁ ଘନଶ୍ୟାମ ମହାପାତ୍ର କାଉଣ୍ଟେସ ସାହୁ ପୁର | ୫ ୧୩୮ |
| ,, ବି, ପଣ୍ଡା; ହସପିଟାଲ ଅସିଷ୍ଟାଣ୍ଟ, ପିଲ୍ଲା ତୁଲ୍ଲା | ୫ ୩ ୧ |
| ,, ଲକ୍ଷ୍ମୀନାରାୟଣ ବେହେରା | ୫ ୭ ୧ |
| ,, ମୋହନସିଂହ, ସରସ୍ୱତୀ ପୁର | ୫ ୨ ୧ |
| ,, ଦ୍ୱାରକା ମହାନ୍ତି କଟକ | ୫ ୧ ୧ |

# ବିଜ୍ଞାପନ।

## ନୂତନ ପୁସ୍ତକ।

ଶ୍ରୀରାମଶଙ୍କର ରାୟଙ୍କ କୃତ।

# ବିଷମୋଦକ।

## ନାଟକ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି।

ମୂଲ୍ୟ ଛ ଅଣା ମାତ୍ର।

# ବିଜ୍ଞାପନ।

ସଙ୍ଗୀତ ଲହରୀ ବା ଟପ୍ପା ସଙ୍ଗୀତ ପୁସ୍ତକ।

ଏପରି ପୁସ୍ତକ ଆଉ କେବେ ଓଡ଼ିଆ ଅକ୍ଷରରେ ଛପା ହୋଇ ନ ଥିଲା।

ମୂଲ୍ୟ ୮ ୦। ଦୁଇଅଣା ମାତ୍ର।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ମୁଦ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

## ବିଜ୍ଞାପନ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ ଘାଟ୍ଟି ଦାଲୁସ (ପାଉଣ୍ଡ) ସନ ୧୯୦୦ ମସିହା ଅଗଷ୍ଟ ମାସ ତା ୩୧ ରି-ଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା୩୧ରି-ଖ ପର୍ଯ୍ୟନ୍ତ ଵର୍ଷ ୦ ମା ୮ ସ ନିମନ୍ତେ ସନ ୧୯୦୦ ମସିହା ଅଗଷ୍ଟ ମାସ ତା ୩୧ ରିଖ। ମୂ। ସନ ୧୩୦୭ ସାଲ ଭାଦ୍ରବ ମାସ ତ ୧୨ ନ ବଜା, ଘ ୧୨ ଘଣ୍ଟା ସମୟରେ କଟକ ସଦର ଲୋକେଲ-ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲ୍ଲ-ମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲ୍ଲ-ମରେ ଇଜରା ନେଇ ପାରିବେ। ଯାହାଙ୍କ ଡାକ ସର୍ବାପେକ୍ଷା ଅଧିକ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜମା-ସମସ୍ତର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଲମ୍ବେ ଦାଖଲ କରିବେ ଓ ବାକୀ ନିୟମିତ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ। ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ସାଙ୍ଗେ ନିଲାମ ଜାରି ହେବ ଓ ପ୍ରତ୍ୟେକ କ୍ୱାର୍ଟରର ଦେୟ କିସ୍ତି ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜରାଦାରଙ୍କୁ ଦେବାକୁ ହେବ। ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ଶୁଭମତେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ। ଉପରୋକ୍ତ ନିଲାମ ଆଦି ସମ୍ବ-ନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଅଭିପ୍ରାୟ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ।

ପ୍ରକାଶ ଥାଉ କି ଘାଟ୍ଟି ଦାଲୁସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ନିଲାମ ରଦ କରି ଦେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାଙ୍ଗ ବନ୍ଦୀ କରାଯିବ।

| | |
|---|---|
| ଥାନା କଟକ | ଥାନା ଜଗତ୍‌ସିଂହପୁର |
| ୧। ତେଲଙ୍ଗାପେଣ୍ଠ | ୧। ସଙ୍ଖାଣସାହି |
| ୨। ବାରଙ୍ଗ | ୨। ଗୋବିନ୍ଦପୁର |
| | ୩। ଜଗତ୍‌ସିଂହପୁର |
| ଥାନା ବାଙ୍କୀ | ୪। କସର୍ଦ୍ଦା |
| ୧। ପଟ୍ଟଣଆପଡ଼ା | ୫। ତିର୍ତ୍ତୋଲ |
| ୨। ବୈଦ୍ୟେଶ୍ୱର | ୬। ରଘୁନାଥପୁର |
| ୩। ଭରିପୁର | |
| | ଥାନା ତିର୍ତ୍ତୋଲ |
| ଥାନା ସାଲେପୁର | ୧। ରଥପୁର |
| ୧। ବିଶ୍ୱନାଥପୁର | ୨। ନୟାପାଟଣା |
| ୨। ଅସୁରେଶ୍ୱର | ୩। ପଦ୍ମପୁର |
| ୩। କଲ୍ୟାଣପୁର | |
| ୪। ନିଶ୍ଚିନ୍ତକୋଇଲି | |

ଲୁଆଁପାଳ କଟକ।

Mayadhur Das
Vice Chairman.

Digitized by srujanika@gmail.com

Split by PDF Splitter




## LOST.

A blank Paper signed by Dr. P. V. Naidu has been accidently mislaid. Any body finding and producing the same will be rewarded.

Cuttack The 20th August } B. G. MARTIN.

ଶ୍ରୀ ନନ୍ଦକିଶୋର ବଳ ବି, ଏ ରଚିତ ସମ୍ପୂର୍ଣ୍ଣ ଓ ସ୍ୱର୍ତ୍ତ କବଙ୍କ ପ୍ରଶଂସିତ "ପଲ୍ଲୀଚିତ୍ର" (ମୂଲ୍ୟ ଟ ୦ ୶) ଓ "ନିର୍ଝରଣୀ" (ମୂଲ୍ୟ ଟ ୦ ।) କଟକ ପ୍ରିଣ୍ଟିଂ କମ୍ପାନୀ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କଠାରେ ପ୍ରାପ୍ତବ୍ୟ ।

## WANTED

A Head master and a Head Pandit for the Asureswar Board's Middle English School on a monthly salary of Rs. 20 and Rs. 15 respectively. With regard to the former preference will be given to those who have passed the Entrance Examination of the Calcutta University and with regard to the latter, those who have passed the Final Examination from the Cuttack Training School and have acquired some experience in the mode of teaching.

Applications will be received by the undersigned up to 25th instant.

Cuttack District Board's office, 11—8—1900. } J. C. CHUNDER, *Vice Chairman.*

ଲୋୟର ପ୍ରାଇମେରୀ, ଅପର ପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତାହାର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରକୃତ ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମେନେଜର ।

## ବିଜ୍ଞାପନ ।

## ଯାନୁଟି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୶ ଚାରି ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୃହ ଅଣା ମାତ୍ର ।

ହଙ୍ଗସ୍ତକାର ଦଦ୍ରୁ, ଖୋସର ଏହାପର ଉତ୍କୃଷ୍ଟ ପୂର୍ଣ୍ଣ ଜ୍ୱାଳା ଯନ୍ତ୍ରଣା ହରଣ ଅଶ୍ର ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାତ୍ରକେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତସ୍ଥାନ
ଶ୍ରୀ ରାମତାରକ ସେନ
ଦେବ୍ଙ୍କ ଉତ୍କଳ ପ୍ରେସ, ବାଲେଶ୍ୱର

## ନୂତନ ପୁସ୍ତକ ।

ଗଣିତ ପ୍ରଶ୍ନ ସମାଧାନ ।

ଏଥିରେ ନୂତନ ଧାରାରେ ପ୍ରଶ୍ନ ସନ୍ନିବେଶ କରାଯାଇଅଛି, ନିମ୍ନ ପ୍ରାଇମେରୀଠାରୁ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ସକଳ ଶ୍ରେଣୀର ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପ୍ରୟୋଜନୀୟ, ମୂଲ୍ୟ ଟ ୦ ।

ପଣ୍ଡିତ ଶ୍ରୀ ଗୋବିନ୍ଦ ଆଚାର୍ଯ୍ୟଙ୍କ କୃତ ।

## ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )
ଶ୍ରୀ ଭୁବନେଶ୍ୱର କବିଚନ୍ଦ୍ରଙ୍କ କୃତ
ନାନା ଛନ୍ଦବନ୍ଧରେ ଅର୍ଥ ରଚିତ ।
ମୂଲ୍ୟ ଟ ୦ ୷
ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) ଟ୧୯
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ
ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL,
*Agent,*
*Cuttack.*

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାବିଶେଷ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଭ୍ୟାଦେୟ ହୋଇଥିବା କଥା ଉତ୍କଳଭାଷାପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାତୀତ ସୁଲଭ ମୂଲ୍ୟ ଗୃହଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୭୷୶ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୷ |
| ୨ ସଭା ପର୍ବ | ଟ ୨୷ |
| ୩ ସଭା ପର୍ବ | ଟ ୨୷ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୯ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାଇଁଷିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୷ |
| ୧୭ ମୂଷଳୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## ADVERTISEMENT,

Wanted a Sub-Inspector for the Mourbhunj Police on Rs. 25 rising to Rs. 30.

Candidates must have a fair knowledge in English and Uria, should be of good charactor, and of requisite height and chest measurement; Preference will be given to those who know Police work well.

Applications with testimonials will be addressed to the Superintendent of Police, Mourbhunj before the 31st August 1900.

Baripada Police office. 29-7-1900. } J. E. HUGGINS Inspector in charge


Digitized by srujanika@gmail.com

## ବିଜ୍ଞାପନ

ସୁପ୍ରସିଦ୍ଧ କବିରାଜ ଏନ୍, ଏ, ପାଲଙ୍କର
ଜଗତ୍ର ବିଖ୍ୟାତ ପାରା ବହାରିବ ଓ କ୍ଷତ,
ଚର୍ମ୍ମ ରୋଗ ନାଶକ,

### ଚନ୍ଦ୍ରେଶ୍ୱର-ତୈଳ ।

ସମସ୍ତ ଭାରତରେ ସମସ୍ତେ ଏହି ମହୌଷଧର ପ୍ରଶଂସା କରନ୍ତି, କେବେ ବ୍ୟବହାର କରନ୍ତୁ, ଏପରି କଠିନ ଓ ଲୁଚୁଟିଆ ରୋଗ-ନାଶକ ମହୌଷଧ ଜଗତରେ ଆଉ ନାହିଁ । ଏହାକୁ ମର୍ଦ୍ଦନ କଲେ ଗର୍ମ୍ମିସ୍ତ ଓ ଏଲୁରିସ୍ତ ଘାସ, ଘାସ୍ତରି ଘା, ଗାଦି ଘଟା, ଖଜି ଓ କୋଲଷ ଉଠା, ଖାଉଦାଦ, ବେଦନା ଓ ବାତ ଏବଂ ସବପ୍ରକାର ଶତ ଓ ଉପଦଂଶ ବଶ ଏବଂ ସତଅଦ ରୋଗ ସମୂଳେ ନିର୍ମ୍ମୂଳ ହୋଇ ଓ ଦେହ ମସୃଣ ଓ ଉଜ୍ଜ୍ୱଳ କାନ୍ତି ସୁନ୍ଦର । ମୂଲ୍ୟ ଶେଟ ଶିଶି ୫ ୧। ଡାକମାସୁଲ ୫ ୦ ୶୶ ବଡ଼ଶିଶି ଟ ୨୧ ମାସୁଲ ଟ ୧୶

ଯେସ୍ପୁରାର ଛଟିଲ ରୋଗ ନାଶକ

### ଚନ୍ଦ୍ରପାର୍ଣ୍ଣି-ପାଚନ ।

ଏହାର ଗୁଣର ବିଷୟ ଅଧିକ କ କହିବା ବାହୁଲ୍ୟ ଅଟେ ଚତୁର୍ଦ୍ଦଶ, ରୋଗ ବିଶେଷରେ ଏହି ମହୌଷଧ ଶ୍ରିଖିନ୍ଦରେ ବ୍ୟବସ୍ଥା କରନ୍ତି । ଏହା ଦେଶୀ ଶଞ୍ଚ ଦ୍ରବ୍ୟରେ ପ୍ରସ୍ତୁତ, ସେବନରେ କୌଣସି ଅସୁବିଧା ଘଟେ ନାହିଁ, ଅଥଚ ଅନ୍ୟ ସକଳ ମହୌଷଧ ଅପେକ୍ଷା ଶୀଘ୍ର ଫଳଦାୟକ । ଏବଂ ସର୍ବସ୍ତ୍ରକାର ଛଟିଲ ଓ ପୁରାତନ ରୋଗର ଧନ୍ୱନ୍ତରି ସମାନ । ଯଥା ମେହ, ମୂତ୍ରଦୋଷ, ଧାତୁକ୍ଷୀଣ, ଅମ୍ଳ, ଅଗ୍ନିମାନ୍ଦ୍ୟ, କୋଷ୍ଠବଦ୍ଧ, ବାତ, ସ୍ନାୟବିକ ଦୁର୍ବଳତା, ଶ୍ଳୀପଦ କାମଳ, ସ୍ତ୍ରୀର ରଜୋଦୋଷ, ବନ୍ଧ୍ୟା, ସୂତିକା ଦୋଷ ଆଦି ସମୂଳେ ନିର୍ମ୍ମୂଳ ହୋଇ ଓ ଦୂଷିତ ରକ୍ତ ପରିଷ୍କାର ହୁଏ । ମୂଲ୍ୟ ଏକ ଶିଶି ୫ ୧। ମାସୁଲ ଟ ୦୶ ଦୁଇଶିଶି ଟ ୨। ମାସୁଲ ୫ ୧୶ ତିନଶିଶି ୫ ୩। ମାସୁଲ ୫୧୶, ୧୨ ଶିଶି ଟ ୧୨ ମାସୁଲ ୫ । ୶

### ଉତ୍କଟ ଦମା ଓ କାସ

ରୋଗର ମହୌଷଧ ।

ଏହା ସେବନ କଲେ ସକଳ ପ୍ରକାର କାସ, ଦମାକାସ, କ୍ଷୟକାସ, କଲିଜାକାସ, ଶୁଷ୍କକାସ, ଶୀର୍ଣ୍ଣକାସ, ଓ ବହୁଧ ଉପସର୍ଗ ଯୁକ୍ତ କାସ ଓ ଶ୍ୱାସ ରୋଗର ଅବ୍ୟର୍ଥ ମହୌଷଧ । ଇହି ଦ୍ୱାରା ଦୁର୍ବଳ ଶ୍ଳେଷ୍ମାବଦ୍ଧ, ଗଳା ସାଇଁ ସାଇଁ ଘଡ଼ଘଡ଼, ସ୍ୱରଭଙ୍ଗ, ବେଦନା ଶୂଳ, ମୁଖରେ କଫ, ଅରୁଚି, କୋଷ୍ଠବଦ୍ଧ, ଅମ୍ଳ, ଅଗ୍ନିମାନ୍ଦ୍ୟ, କୋଥଅଦ ଉପସର୍ଗ ସକଳ ଉପଶମ ହୁଏ । ମୂଲ୍ୟ ଛୋଟ ବୋତଲ ଟ ୧୯ ବଡ଼ ବୋତଲ ଟ ୧୪ ମାସୁଲ ୫ ୦୶ । (ଅସଂଖ୍ୟ ପ୍ରଶଂସାପତ୍ର ଜାଣିବ ।)

ନ ୧୯ ମକ ଦୁର୍ଗାଚରଣ ମିତ୍ରଙ୍କ ଷ୍ଟ୍ରିଟ,
ବାଡ଼ିଯୁ ଉପାନ୍ତ, କଲିକତା ।
ଏନ୍, ଏ, ପାଲଙ୍କ ଔଷଧାଳୟରେ ପ୍ରାପ୍ତବ୍ୟ ।




## ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ
ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ ।

ଏହି ତୈଳ କେଶ ପରବର୍ଦ୍ଧନ କରେ । ଏହାଦ୍ୱାରା କେଶର ଗୋଡ଼ା ଦୃଢ଼ ହୁଏ ଏବଂ କେଶ ଉଠୁଥିବା ବନ୍ଦ ହୁଏ । ଏହା ଅତି ନିର୍ମ୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିବାର ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ସ୍ୱର୍ଣ୍ଣଚମ୍ପା; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଗୋଲ୍ଡ; ହ୍ୱାଇଟ୍ ରୋଜ; ବକୁଳ ରୋଜ; ବୋଣାଭେର; ଜୁମ୍ବର୍କ; ଜିଭକ୍ଲବ୍; ହେଲିଓଟ୍ରୋପ; ପାରଜାତ୍ୟୁମ; ଇତ୍ୟାଦି ବେ.ଡ଼େ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଉଇଚଷଣା, ଛୋଟଶିଶି ଆଠଅଣା ।

## ପମେଟମ ।

ଗୋଲାପି ପମେଟମ ଆଠଅଣା; ସ୍ତବକ ପମେଟମ ପାଞ୍ଚଅଣା ।

### ତାମ୍ବୂଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଉଭୟ ମିଶାଇଦେଲେ ଗୁଣ୍ଡି ମହକଉଠେ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

### ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ପିଇବାକୁ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ରୋଜ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରେଜ ସିରପ୍ ଏକ ଟଙ୍କା । ଗୋଲ୍ଡେନ ସିରପ୍ ଏକ ଟଙ୍କା ।

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଗଭର୍ଣ୍ଣର୍ଜେନେରଲ ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ଗଭର୍ଣ୍ଣମେଣ୍ଟ କର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | | |
|---|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | } | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ଯୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳେ ।


ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ଛପାରେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୶ |
| ଅଧସ୍ତମ୍ଭ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୫ ୯ |

କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚା ୫୦ ୧ ଅଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ଛପାରେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ତୁଲ୍ୟଗୁଣ ଯଥାକ୍ରମେ ହେବ ଅଧିକ ଥର ଛପାରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଯନ୍ତ୍ରର ବାବୁ ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ ହେଲ

Digitized by srujanika@gmail.com